Split by PDF Splitter



15. That the Chief Commissioner's proposal to punish the people for the corruption among and abuse of authority by the officials being opposed to natural ideas of justice, and being unprecedented in the History of British Administration in India, the resolution in question has engendered a general dissatisfaction among the people and has evoked journalistic criticism.

16. That in a country where the people are ignorant, the integrity of officials ought to be maintained by close supervision, and any violation thereof ought to be punished with the utmost severity, for the least manifestation of susceptibility in an official to deviate from the path of integrity and uprightness is understood by an ignorant people as a demand of consideration for such deviation. It was on these considerations that the Law Commissioners did not provide in the Penal Code a section for the punishment of one who gives a bribe to a public servant, and to this day though the Indian Penal Code has been amended several times, the giver of a bribe cannot be convicted under that code except under the general sections regarding abetment of offences.

17. That in giving their reasons for not inserting an independent section in the Indian Penal Code for the punishment of the giver of bribe. The Law Commissioners remarked:— "In such countries we think that the "giving of bribes is not a proper "subject of punishment. It would "be absurd in such a state of society "to reproach the giver of a bribe with "corrupting the virtue of public "servants, as it would be to say "that the traveller who delivers his "money when a pistol is held to his "breast corrupts the virtue of a "highway man. We would by no "means be understood to say that "India, under the British Govern-"ment, is in a state answering to "this last description; still we fear it "is undeniable that corruption does "prevail to a great extent among "the lower classes of public func-"tionaries, that the power which "those functionaries possess renders "them formidable to the body of the "people, that in the great majority "of cases the receiver of the bribe "is really the tempter and that the "giver of the bribe is really acting "in self defence."

18. That your Excellency's memorialists beg respectfully to point out that the remarks of the Law Commissioners quoted above are applicable to the state of things in Sambalpur as described in the Chief Commissioner's resolution, but the remedy suggested aims at rewarding the officials at the sacrifice of the convenience of the people, for the resolution contemplates "to open" to the Sambalpur officials "a larger area of preferment in the adjoining districts" *as a reward for their acquisition of a knowledge of Hindi.*

19. That Your Excellency's memorialists submit that in the case of officials whose transfer is necessitated with a view to secure purity of administration, a compulsory acquisition of the Hindi language would be the mildest penalty, and a failure to comply with this requisition ought to be visited with removal from service.

20. That the history of the Court language in use in the district of Sambalpur, as given in the second para of the Chief Commissioner's resolution, shows that on a previous occasion the Uriya language was excluded from official and Court record, but on the petition of the people the then Chief Commissioner allowed it to remain side by side with the Uriya, and this system was continued till 1866.

21. That a reversion to the state of things as it existed before 1865 would have obviated all the difficulties of transfer and interchange of officials enlarged upon in the resolution and the total exclusion of the Uriya language is, to say the least, disproportionately severe for administrative necessity, even if such a necessity did exist.

22. That as a matter of fact such administrative necessity does not exist, for it appears from the third para of the Chief Commissioner's resolution that "*Hindi is used officially to a considerable extent and a still large number of officials are sufficiently familiar with it for ordinary inter, course.*"

23. That under these circumstances the officials whose transfer from Sambalpur is an administrative necessity may be transferred to other districts as they are "*sufficiently familiar with Hindi for ordinary intercourse*".

24. That on the reasoning of the Chief Commissioner, as formulated in the concluding portion of the third para of his resolution, there ought not to be any difficulty in getting officials from other districts to take up the duties of those, who may be transferred from Sambalpur, for it appears that the Uriya used in the courts of Sambalpur has an "admixture of Hindi" in it; and if the chief commissioner believes "people that the generally" (of whom by far the greater portion must be uneducated) "find no difficulty in picking up this language" the officials who may be transferred from other district to Sambalpur ought to have less difficulty in picking up such a language.

25. That the Association beg to observe that from the commencement of British rule in India it has been the settled policy of our rulers to leave to every race the use of its language, religion and even unreasonable local customs, which owing to their prevalence through ages, have been endeared to the people, and the benign British Government has not like the Chief Commissioner of Central provinces disposed of the wishes of the people as sentimental

Split by PDF Splitter



feelings" deserving nothing more than a formal expression of sympathy.

26 That it has always been the aim of the British Government to introduce a free intercourse between the ruling and the subject races of India with a view that the former may become familiar with what the Chief Commissioner calls merely the sentimental feelings of the people, and to this end various means have been suggested and tried.

27 That the ignorance of the language of the subject races of India has always been considered one of the Chief barriers to the necessary acquaintance with the feelings of the people, and every encouragement has been given to an acquisition by officials of the languages of the country which they are appointed to administer.

28 That at no time were the evil consequences of the ignorance of the native dialects by Englishmen in India better realized and the necessity for its removal more earnestly felt than they were about the time of the Indian mutiny.

29 That the London Times in its issue of 10th November 1858 in dwelling on this subject wrote as follows— "The traditionary Nabab, who was supposed to have with all his wealth "a miserable conscience and a diseased liver, and the more recent "'old Indian" who came home generally a bachelor to end his days "among expectant relatives, could "speak with the natives and therefore "sympathized with them more than "the cadet who in these days of the "overland route goes to India scarcely "feeling that he has left England "and who counts the weeks till he "shall obtain furlough or leave the "country for ever. It is surely a "curious result of bringing England "nearer to India, that it should be "the means of severing the English-"man from the native, of widening "the vast gulf that separates the "European from the Indian, yet such "is the fact and it is *to our ignorance* "of the native dialects, it is to this "want of intercourse which ignorance "involves, that we must in great "measure attribute the tremendous "surprise with which we had to face "the mutiny of last year."

30 That in order to facilitate the acquirement of the native dialect it was at one time proposed to substitute for the complicated oriental alphabets the Roman letters but even this innovation, which involved a change of alphabet only without interference with the dialect, was not authoritatively enforced though the change was proposed by statesmen like Sir Charles Trevelyan and Sir Henry Prinsep and was supported by the "Times" "the London Review" and the "Globe."

31 That the proposed change of the alphabets did not meet with favor from those who had the administration of the country in their hands and it was eventually decided to preserve the various alphabets at least " as monuments of human ingenuity and as such should be respected."

32 That this innovation did not meet with favor from the authorities in more recent time, and this is evident from the fact that the High Court of Calcutta in a circular order dated 18th August 1881 discontinued the practice of recording evidence in romanized vernacular which evidently had obtained in some Courts; and in still more recent time the substitution of the Debnagri alphabet for the Kayathi in Behar was not allowed by His Honor the present Lieutenant Governor of Bengal.

33 That the change decided upon by the Chief Commissioner of the Central Provinces is opposed to the policy of non-interference with the language of a people which has been followed by our rulers both in the past and the present.

34 That it seems from the Chief Commissioner's resolution that the change proposed to be introduced by him was suggested by the head of the Local Police.

35 That Your Excellency's memorialists beg to point out that to resolve upon such an important and unusual change on the recommendation of an Inspector General of Police argues an ignorance on the part of the Chief Commissioner of the treatment which the far less unpopular attempt at romanizing the Indian alphabets received at the hand of the authorities, though it received support from quarters entitled to far more respect than the Inspector General of Police in the Central Provinces.

36 That Your Excellency's humble memorialists respectfully beg to submit that to deprive a people of the use of their mother tongue is the worst type of gagging and is yet unknown even in the most despotic form of Government.

37 That even the Russian Government, which the Indians look upon as a typical despotic form of Government, has not abolished Polish though it is the language of a very small portion of the population under that Government.

38 That the other evil which the exclusion of the Uriya language is intended to remove is the local custom of Mahaprosad.

39 That Mahaprosad means the offerings made to the Jaggernath at Puri, and any two Hindus anxious to be friends to one another contract such friendship by a ceremony of mutual present of Mahaprosad, which on account of its sanctity impresses the parties with a solemnity of the ceremony and thus is supposed to render the tie of friendship indissoluble.

40 That, as appears from his resolution the Chief Commissioner of the Central Provinces believes that under the custom in Orissa, men of different castes bind themselves to one another in an offensive and defensive alliance which though originally designed as a cement of friendship has certainly proved an

Digitized by srujanika@gmail.com

effectual barrier to the discovery and remedy of administrative evils.

41 That if the friendship formed by Mahaprosad be an effectual barrier to the discovery and removal of administrative evil it ought to have been so in Orissa, where the Lord of Mahaprosad has his temple and where the custom had its origin and largely prevails; but as a matter of fact the custom has not manifested any of these evil effects in Orissa, and the Chief Commissioner's belief as to its evil effects in Orissa will on enquiry be found altogether delusive and unfounded.

42 That Your Excellency's humble memorialists have no doubt that nterest may furnish motives to men combine to defeat the aims of jus- e but such interest may arise from ationship as well as from friend- ip whether Mahaprosad be the sis of such friendship or not.

43 That if the brotherhood ce- nted by Mahaprasad be abused and ned into an offensive and defensive ances, any remedy to be effectual st aim at removing the false ideas l prejudices of the people with ard to Mahaprosad and not at nging the language of the people, l the latter measure will be no re effectual in removing the evil n the exclusion of the English guage from the Lodges of Free sons would prevent two unworthy- mbers of that noble fraternity make their brotherhood the basis an alliance for the accomplish- nt of some unworthy object.

4 That Your Excellency's memo- ists submit that the exclusion of ra from the court and official rds would not exclude it from friendly intercourse between aprosad friends, and the measure oted by the Chief Commissioner ld not be handed down to post- as a wise and effectual remedy.

That during the short period Your Excellency's Viceroyalty Excellency has, by paying per- l attention to their just complaints, endeared Yourself to the people, and the memorialists sincerely hope that the unusual and arbitrary measure adopted by the Chief Commissioner will not be allowed to take effect.

CUTTACK    *President*

20-6-95.    Orissa Association

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀଯୁକ୍ତ କୃତ୍ତିବାସ ଦାସ | କଟକ | ଟ ୩ ୧ |
| ବାବୁ କ୍ଷେତ୍ରମୋହନ ଘୋଷ | ପୁରୀ | ଟ ୩ ୧ |
| ରାଜା ବସନ୍ତ ନରସିଂହପୁର | | ଟ ୩ ୧ |
| ରାଜକୁମାର କୃଷ୍ଣଚନ୍ଦ୍ର ଦେବ ରଣପୁର | | ଟ ୩ ୧ |

---

# ବିଜ୍ଞାପନ ।

ମଧ୍ୟପ୍ରଦେଶସ୍ଥ ସମ୍ବଲପୁର ଜିଲ୍ଲାନ୍ତର୍ଗତ ସୋନପୁର ଫ୍ୟୁଡେଟରୀଷ୍ଟେଟ ନିମନ୍ତେ ମାସିକ ଟ ୫୦୧ ବେତନରେ ଜଣେ ଅନୁଭବ, ଦସ୍ତଖୋତ୍ତୀର୍ଣ୍ଣ ଓ ପରଗଣା ଓଭରସିଅର ଆବଶ୍ୟକ କାର୍ଯ୍ୟୋତ୍ସୁକ ବ୍ୟକ୍ତିମାନେ ଆପଣା୨ ସାର୍ଟିଫିକେଟର ନକଲ ସହିତ ନିମ୍ନଲିଖିତ ଠିକଣାକୁ ତା ୧୦।୭।୯୫ ପୂର୍ବେ ଦରଖାସ୍ତ ପଠାଇବେ । ମନୋନୀତ ବ୍ୟକ୍ତିଙ୍କୁ ସମ୍ବାଦ ଦିଆଯିବ ଓ ଅନ୍ୟାନ୍ୟଙ୍କୁ ସମ୍ବାଦ ଦିଆଯିବ ନାହିଁ । ଇତି

୧୦।୭।୧୮୯୫ } ରାଜା ଶ୍ରୀ ପ୍ରତାପରୁଦ୍ରସିଂହ ଦେବ
ଫ୍ୟୁଡେଟରୀ ଚିଫ ସୋନପୁର
ଡି ସମ୍ବଲପୁର ସି ପି

---

## ବିଜ୍ଞାପନ ।

ସୁଲଭପାଠ୍ୟ, ପଞ୍ଚମ ସଂସ୍କରଣ ।

ପଣକିଆମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

---

## NOTICE.

Wanted two Civil Hospital Assistants for the Cholera Hospital here at Rs. 25 per month, each for treating the patients during the ensuing Car-festival. Applications for the post will be received by the undersigned till the 20th instant.

PURI } Jagabundhu Patnaik
The 13th June 1895. } *Vice Chairman.*

---

## ବିଜ୍ଞାପନ ।

ନିମ୍ନସ୍ୱାକ୍ଷରିତ ରମେଶ୍ୱର ନିବାସୀ ଦରିଦ୍ର ବୈଷ୍ଣବ, ଭାରତବର୍ଷର ବହୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡକୁ ସ୍ୱୀୟ ସାଧନ ଭଜନର ଏକ ମାତ୍ର ଉପଯୁକ୍ତ ସ୍ଥାନ ଜ୍ଞାନ କରି, କଟକ ନଗରର ଅନ୍ତଃପାତୀ ଦରଘାବଜାରର ନିକଟବର୍ତ୍ତୀ ୰ ପ୍ୟାରୀମୋହନ ଏକାଡେମୀର ପଶ୍ଚିମପାର୍ଶ୍ୱ ବାଂଶଗଳ ନାମକ ସ୍ଥାନରେ ସ୍ୱୀୟ ଉପାସ୍ୟ ଦେବତା ଶ୍ରୀ ଶ୍ରୀ ଭଗବାନ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ ତ୍ରିମୂର୍ତ୍ତି ଓ ଭଗବାନ ଗୋକୁଳବିହାରୀ ଶ୍ରୀକୃଷ୍ଣ ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି ପଞ୍ଚମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ ସେଥି ସଂଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉଦ୍ୟୋଗୀ ହୋଇଅଛି । ଉକ୍ତ ବୃହତ କାର୍ଯ୍ୟ ସମ୍ପନ୍ନ ହେବାପାଇଁ ଅନ୍ୟୂନ ୫୦୦୦ ପାଞ୍ଚ ସହସ୍ର ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଦରିଦ୍ର ସାଧୁ ନିଃସ୍ୱାର୍ଥ ପାରମାର୍ଥିକ ବାନ୍ଧବ୍ୟ ପ୍ରତି ନିର୍ଭର କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛି । ବର୍ତ୍ତମାନ ଜଗତ ପ୍ରାର୍ଥନା ଯେ ଯାହାମାନେ ସ୍ୱସ୍ୱ ପାରମାର୍ଥିକ ଉଦାରତା ଗୁଣରେ ସ୍ୱୀୟ ଅବସ୍ଥାନୁଯାୟୀ ଯଥାସମ୍ଭବ ସାହାଯ୍ୟ ଦାନ କରି ଉକ୍ତ କାର୍ଯ୍ୟ ସମାଧା କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ, ଯେଉଁ ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟଙ୍କ ଅଥବା କଟକ ଚୌଧୁରୀବଜାର ନିବାସୀ ମହାଜନ ଶ୍ରୀଯୁକ୍ତ ପଶୁମୂର୍ତ୍ତି ସନ୍ୟାସୀଙ୍କ ଠିକଣାରେ ମେଦିଠାରୁ ଅର୍ଥସାହାଯ୍ୟ ପଠାଇଲେ ମୁଁ ପ୍ରାପ୍ତ ହେବି ଇତି ।

୩୦।୫।୯୫ } ନିବେଦକ
କଟକ } ବାବାଜୀ ଅନନ୍ତାଚାର୍ଯ୍ୟରାମାନୁଜଦାସସ୍ୱାମୀ

---

## NOTICE

Wanted a Supervisor on a salary of Rs. 50 and fixed travelling a llowance Rs. 30 per month for the Angul provincial works. None need apply who is not qualified under rule laid down in Bengal Government notification dated the 18th February 1892. Pre-

Split by PDF Splitter

Digitized by srujanika@gmail.com

ference will be given to a passed Overseer of the Sibpur C. E. College. The applications must accompany riding and health certificates and will be received by the undersigned up to 1st July 1895.

Bankim Chandra Majumdar
*Engineer*,
Dhenkanal,
Via— Cuttack,
Orissa.

---

## ବିଜ୍ଞାପନ ।

☞ ଶୁଭସମାଚାର । ☜

ନୂତନ ଓ ସମ୍ପୂର୍ଣ୍ଣ ପରୀକ୍ଷିତ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ କାଶ, ହିକ୍କା, ଶ୍ଳେଷ୍ମା, ଅମ୍ଳ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ବାୟୁରୋଗ ଅଚିରାତ୍ ଆରୋଗ୍ୟ ହୁଏ । ଏହା ଅମୃତ ବିଶେଷରୂପେ ପରୀକ୍ଷିତ ଔଷଧ ସପ୍ତାହ ସେବନ କଲେ ଯଥେଷ୍ଟ ଉପକାର ପାଇ ପାରିବେ ବିଶେଷ ଆଡ଼ମ୍ବରପୂର୍ଣ୍ଣ ବିଜ୍ଞାପନ ଦେଖି ବହୁମୂଲ୍ୟ (ପେଟେଣ୍ଟ ଔଷଧରେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ସୁଦ୍ଧା କିଛିମାତ୍ର ଉପକାର ପାଇ ନାହାନ୍ତି ସେମାନେ ଆମ୍ଭ ଅନୁରୋଧ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହେଉନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଙ୍କା

ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକସ୍ଥ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଅମୃତକଟରେ ପ୍ରାପ୍ତହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର
ସହର କଟକ
ବାବୁଭାଗୀଶମନ-
ସରକାରଙ୍କ ବଗାରେ।

} ନିବେଦକ
ଶ୍ରୀ ବାଳକୃଷ୍ଣ ଦାସ

---

### NOTICE.

The scholarships mentioned below, under the control of the Cuttack District Board are vacant. The candidates are requested to apply before the 25th instant in a form shewing the following particulars.

1. Name of candidate.
2. Name of his father and his father's occupation.
3. Residence temporary and permanent. If the candidate be domiciled in Orissa, for how many generations he has been domiciled.
4. What examination the candidate has passed and the division in which he has passed.
5. The name of the school and the class of the school in which he is reading.
6. Certificate from respectable persons about the circumstances and character of the candidate.
7. Remarks giving other particulars which the candidates may wish to give.

VACANT SCHOLARSHIPS.

2. Mayo scholarships @ 10 each per month.
. Talcher scholarship @ 7 „
3. Free studentships.

J. C. Chandra
*V. Chairman*

---

## ଘଡ଼ୀ ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ପକେଟ ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ସୁଦକ୍ଷ ଉତ୍ତମ କାରିଗରଦ୍ୱାରା ସ୍ଥାପିତ ହୋଇଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଦେଇ ଦେଲେ ସମସ୍ତ ବିଷୟ

ଜାଣିପାରିବେ ଏହାଛଡ଼ା ହାରମୋନିୟମ ବାଜା ମିଉଜିକେଲବାକ୍ସ ଏବଂ ଲୁଗାସିଲାଇକଳ ପ୍ରଭୃତି ମରାମତ କରାଯାଇପାରିବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇବାରୁ ଉକ୍ତନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନଷ୍ଟ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉକି ଛାପାଖାନାର କାରିଗର କୌଣସି ବ୍ୟକ୍ତି ପ୍ରଭାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଘଡ଼ିସବୁ ନେବାର ଅସମ୍ଭବ ନୁହେ । ଏହିପରି କେତେକ ଘଟଣା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର ହାତରେ ନ ଦେଇ ସ୍ୱୟଂ ସେମାନେ ଘଡ଼ି ଛାପାଖାନାକୁ ପଠାଇଦେଇ ଛପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ପୁରୁଣା ଭଙ୍ଗା ଘିଲଟି ଦର ମଧ୍ୟ ଏଠାରେ ହୁଏ ।

୧୭ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ
ଅଫିସ କଟକ

} ଶ୍ରୀ ଗୌରୀଶଙ୍କର ରାୟ

---

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ କାଗଜ କଲମ ଶ୍ଳେଟ, ଓ ଅନ୍ୟାନ୍ୟ ଷ୍ଟେସନେରୀ ପ୍ରଭୃତି ସୁଲଭମୂଲ୍ୟରେ ଦରକାରଖାନାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନୁସନ୍ଧାନ କରିପାରିବେ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ⁄ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଚତୁର୍ଥାଂଶ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଉ

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୩୦ ଭାଗ } ତା ୨୫ ସେ ମାହେ ଜୁନ ସନ ୧୮୯୪ ମସିହା । ମୁ । ତା ୧୭ ଇ ଅଷାଢ଼ ସନ ୧୩୦୧ ସାଲ ଶନିବାର । { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
୨୬ସଂଖ୍ୟା } { ପଶ୍ଚାଦେୟ ଟ୬


ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁର ଆଗାମୀ ମଙ୍ଗଳବାର ଦାରଜିଲିଂଠାରୁ କଲିକତାକୁ ଆସିବେ ଏବଂ ଶୁଣାଯାଏ ସେ ସେଠାରୁ ବାହାରି ଉତ୍କଳ ଓ ଛୋଟନାଗପୁରପ୍ରଦେଶ ପରିଦର୍ଶନ କରିବେ ।

———

ଗତ ପୂର୍ବ ମଙ୍ଗଳବାର ଯେଉଁ ତୋଫାନ ହେବାର ଆଶଙ୍କା ଥିଲା ତାହା କେବଳ ଝଡ଼ିରେ ଶେଷ ହୋଇ ଓଡ଼ିଶା ଉପକୂଳସ୍ଥ ପୁରୀ ଓ ... ର ମଧ୍ୟସ୍ଥଳରେ ପ୍ରବେଶ ହୋଇ ... ନ ଦିଗକୁ ବାହାର ଯାଇ ଜବଲପୁରରେ ... ଗଲା । ପୂର୍ବ ଉପକୂଳରେ ଏହି ଝଡ଼ ... ତା ସଙ୍ଗେ୨ ପଶ୍ଚିମ ଉପକୂଳରେ ମଧ୍ୟ ଝଡ଼ି ... ଥିଲା ଏବଂ ସେଠାରେ ପବନର ବଳ ... ଅଧିକ ଥିଲା । ଅତଏବ ଗତ ସପ୍ତାହରେ ... ଭର ବହୁଦିଗରେ ଭଲ ବୃଷ୍ଟି ହୋଇ ଅଛି ।

———

... ଶ୍ରୀ ବାବୁ ବହାଶଙ୍କର ପଣ୍ଡିତଙ୍କର ପ୍ରକାଶିତ ... ର ଭଗବଦ୍‌ଗୀତା ଏକଖଣ୍ଡ ଉପହାର ... ଥିବାର କୃତଜ୍ଞତାସହିତ ସ୍ୱୀକାର କରୁ ... । ଏହି ଉତ୍କୃଷ୍ଟ ପୁସ୍ତକ ଗତକାଲି ଆମ୍ଭ ... ଙ୍କ ହସ୍ତଗତ ହେବାରୁ ଏଥିର ପରିଚୟ ... ପାଠକମାନଙ୍କୁ ଦେବାକୁ ଅକ୍ଷମ ହେଲୁଁ । ... ମ୍ଭେ ହୋଇଥିବା କେବଳ ବିତରଣାର୍ଥେ ଏହା ପ୍ରକାଶ କରୁଅଛନ୍ତି ଏବଂ ଶୁଣିଅଛୁଁ ଯେଗତ ସୋମବାର ଶ୍ରୀଗୁଣ୍ଡିଚ୍ଚା ଦନଠାରୁ ବିତରଣକାର୍ଯ୍ୟ ଆରମ୍ଭହୋଇ ଅଛି । ସୁତରାଂ ଏଥିମଧ୍ୟରେ ଅନେକ ଲୋକ ଏହା ଲାଭକରି ଏଥିର ଅମୂଲ୍ୟଗୁଣ ପ୍ରଚାର କରୁଅଛନ୍ତି ।

———

ଗତ ସପ୍ତାହର ଝଡ଼ି ସମୟ ଅର୍ଥାତ୍ ଚଳିତ ମାସ ତା ୧୭ ରଖ ସୋମବାରଠାରୁ ଏ ପର୍ଯ୍ୟନ୍ତ ମେଘୁଆପାଗ ଲାଗି ରହି ଅଛି ଏବଂ ବୃଷ୍ଟି ଚଉଦିଗ ହେବାରୁ କଦାମାଳ ବଲକ୍ଷଣ ବୃଦ୍ଧି ହୋଇ ଅଛି । ଏକ୨ ସ୍ଥାନରେ ଏତେ ବୃଷ୍ଟି ହୋଇଅଛି ଯେ ବିଲସବୁ ବୁଡ଼ି ରହି ଅଛି । ଏଥି ମଧ୍ୟରେ କମାଗତ ଅଧିକ ବୃଷ୍ଟି ଏବଂ ନଦୀ ବଢ଼ିହେବୁ ଠାବେ୨ ଭଙ୍ଗା ଧୋଇକ ଭୟ ହୋଇଅଛି । ଗତ ବୁଧବାରଠାରୁ ଏ ନଗରରେ ଅତ୍ୟନ୍ତ ଝଡ଼ି ହୋଇ ପ୍ରାୟ ଅନବରତ ଜଳ ଢାଳୁଅଛି । ନଦୀବଢ଼ି ମଧ୍ୟ ପ୍ରବଳ ହୋଇଅଛି ।

—※—

କଫଟ ସାହେବ ନାମରେ ଏକବ୍ୟକ୍ତି ବେଆଇନ ମଦ ପ୍ରସ୍ତୁତ କରିବା ଅଭିଯୋଗରେ କଲିକତା ସିଆଲଦହର ଫୌଜଦାରି ଅଦାଲତର ବିଗ୍ରସ୍ତାଧୀନରେ ଅଛି । ଏହି ମୋକଦ୍ଦମାର ଜଣେ ସାକ୍ଷୀ କହିଅଛନ୍ତି କଫଟ ସାହେବ ସ୍ପିରିଟର ତଳକୁ ଗବାଦ୍ ପଶୁର ଝିଅଳ ହାଡ଼ର ତେଲ, ଦଧି, ଲେମ୍ବୁ ଫଳର ଏବଂ ପଚା କଦଳି ଯୋଗେ ଘିଅ ପ୍ରସ୍ତୁତ କରୁଥିଲେ । ଏହି ସବୁ ଦ୍ରବ୍ୟରେ ଉତ୍ତମ ଘୃତ ଜନ୍ମଇ ଏବଂ ଗୋରୁର ଚର୍ବି ମଧ୍ୟ ଏଥିରେ ବ୍ୟବହାର ହୁଅଇ । ଏଥି ଉତ୍ତାରୁ ଟିକିଏ ଭୂପରେ ବିଶ୍ୱାସ ରହି ପାରିବ ? ଘୃତପରି ଦେବଯୋଗ୍ୟ ପଦାର୍ଥର ଯେତେବେଳେ ଏ ଦୁର୍ଦ୍ଦଶା ହେଲେ ତେବେ ଠକଙ୍କ ଜ୍ୱାଳାରେ ନିର୍ବାହ ହେବାର କଠିଣ ।

———

ସମ୍ବଲପୁର ହିତେଷିଣୀରେ ଅତ୍ୟନ୍ତ ଦୁଃଖର ସହିତ ପାଠକଙ୍କୁ ଏ ଘଟନା ଜ୍ଞାପନ କରି ... ପାଟଣା ଫିଉଡେଟରି ଷ୍ଟେଟର ... ରାଜା ରାମଚନ୍ଦ୍ର ସିଂହ ମହୋଦୟ କୌଣସି ଗୁପ୍ତ କାରଣରୁ ଆପଣାର ଏକମାତ୍ର ସହଧର୍ମିଣୀଙ୍କୁ ବନ୍ଧୁକ ଗୁଳିରେ ହତ କରି ସ୍ୱୟଂ ଗୁଳିଦ୍ୱାରା ଆତ୍ମହତ୍ୟା କରିଅଛନ୍ତି ଏବଂ ମହାରାଜାଙ୍କ ମାତା ପୁତ୍ର ଶୋକରେ ଅଧୀର ହୋଇ ଗଡ଼ରେ କଟାର ଭୁଷି ଆତ୍ମହତ୍ୟା କରିଅଛନ୍ତି । ଏକ ପରିବାରରେ ଏକ କାଳରେ ତିନି ଆତ୍ମହତ୍ୟା ସାମାନ୍ୟ ଦୁଃଖର ବିଷୟ ନୁହେ । ପାଟଣାର ଅକାଳ ମୃତ୍ୟୁ ବନିତା ମହାଶୋକ ସାଗରରେ ନିମଗ୍ନ ହୋଇଅଛନ୍ତି । ମହାରାଜା ଅପୁତ୍ରିକ ଅବସ୍ଥାରେ ମରିଯିବାରୁ ତାହାଙ୍କ ପିତୃବ୍ୟ ଶ୍ରୀଯୁକ୍ତ ଲାଲ ଦଲଗଞ୍ଜନ ସିଂହ ଦେବ ପ୍ରଥମ ଉତ୍ତରାଧିକାରୀ ସ୍ୱରୂପ ସିଂହାସନାରୂଢ଼ ହୋଇଅଛନ୍ତି ।

———

Split by PDF Splitter
Digitized by srujanika@gmail.com

Split by PDF Splitter



ବିଲାତର ଉଦାର ମନ୍ତ୍ରିଦଳ ପଦଚ୍ୟୁତ ହେବାରୁ ସେମାନଙ୍କର ନେତା ଲର୍ଡ ରୋଜବେରି ଇସ୍ତଫା ଦେଇଅଛନ୍ତି ଏବଂ ଶ୍ରୀମତୀ ମହାରାଣୀ ତାହା ଗ୍ରହଣକରି ଲର୍ଡ ସାଲିସବରିଙ୍କୁ ନୂତନ ମନ୍ତ୍ରିଦଳ ଗଢିବାନିମନ୍ତେ ତଲବ କରିଅଛନ୍ତି । କଥିତ ହୁଏ ଯେ ଲର୍ଡ ସାଲିସବରି ୟୁନିଅନିଷ୍ଟମାନଙ୍କୁ ଅନୁରୋଧ କରିବେ ଏବଂ ସମ୍ଭବତଃ ଅବିଳମ୍ବେ ନୂତନ ପାର୍ଲିଆମେଣ୍ଟ ଗଠିତ ହେବ । ଉଦାରଦଳ ଏକବର୍ଷ ଶାସନଭାର ପାଇ ବିଶେଷ କିଛି କରିପାରିଲେ ନାହିଁ । ରକ୍ଷଣଶୀଳ ଏଥର ଅଧିକାର ପାଇ କଣ କରିବେ ଦେଖାଯିବ । ମାତ୍ର ଭାରତବର୍ଷ ସମ୍ବନ୍ଧରେ ଉଭୟଦଳ ସମାନ ଅତଏବ ଆମ୍ଭମାନଙ୍କର ବ୍ୟସ୍ତହେବାର କାରଣ ନାହିଁ ।

---

ବାମଣ୍ଡାଧିପତି ସାର୍ ସୁଢଳଦେବ କେ, ସି ଆଇ ଇ ସମ୍ବଲପୁର ହିତୈଷିଣୀର ସାହାଯ୍ୟାର୍ଥେ ପ୍ରତିବର୍ଷ ପାଞ୍ଚଶତ ଟଙ୍କା ଲେଖାଏଁ ଦାନ ସ୍ୱୀକାର କରିବାରୁ ସେହି ପତ୍ରିକାର ଅଧିକାରୀ ଆପଣା କୃତଜ୍ଞତା ପ୍ରଦର୍ଶନ ଏବଂ ତାହାଙ୍କ ମଙ୍ଗଳ କାମନାରେ ପାଞ୍ଚଶତ ଗ୍ରାହକଙ୍କୁ ବାର୍ଷିକ ଏକ ଟଙ୍କା ମୂଲ୍ୟରେ ହିତୈଷିଣୀ ଯୋଗାଇବାର ବିଜ୍ଞାପନ ଦେଇ ଅଛନ୍ତି । ପାଞ୍ଚଶତ ଗ୍ରାହକ ପୂର୍ତ୍ତି ହେଲା ଉତ୍ତାରୁ ଯେଉଁମାନେ ହିତୈଷିଣୀ ନେବେ ସେମାନଙ୍କୁ ନିୟମିତ ବାର୍ଷିକ ୨୲ ଟଙ୍କା ମୂଲ୍ୟ ଦେବାକୁ ହେବ ଅତଏବ ସୁଲଭ ମୂଲ୍ୟରେ ଫଳଭୋଗ କରିବାକୁ ଯାହାଙ୍କର ଇଚ୍ଛା ସେମାନେ ଶୀଘ୍ର ଏକଟଙ୍କା ଲେଖାଏଁ ପଠାଇ ଗ୍ରାହୀ ହେଉନ୍ତୁ । ଆମ୍ଭେମାନେ ମହାରାଜାଙ୍କୁ ଏହି ଉତ୍କୃଷ୍ଟ ଦାନ ନିମନ୍ତେ ଧନ୍ୟବାଦ ଦେଉଅଛୁଁ । ଆଶା କରୁଁ ଏତଦ୍ୱାରା ହିତୈଷିଣୀର ପ୍ରଚାର ଆଶାତୀତ ବୃଦ୍ଧି ହେବ ।

—※—

ସାରଣ ଅଞ୍ଚଳରେ ଅଳ୍ପଦିନ ହେବ ଏକ ବିଷାଦ ଜନକ ମୋକଦ୍ଦମା ଘଟିଥିଲା । ଜଣେ ବୃଦ୍ଧ ବୟସରେ ବିବାହ କରିବାକୁ ଯିବାରୁ ତାହାର ସ୍ତ୍ରୀକୁ ଆପଣାର ପିତା ନିକଟରେ ରଖି ଯାଇଥିଲା । ଏଥିରେ ପୁତ୍ରବଧୂ ଅଠମାସରୁ ଊର୍ଦ୍ଧ୍ୱ ଗର୍ଭବତୀ ହେବାରୁ ବୃଦ୍ଧ ପୁତ୍ର ନିକଟକୁ ତାରମାର ପତ୍ର ଲେଖିଲେ ସୁଦ୍ଧା ସେ ଆସିଲା ନାହିଁ । ତହୁଁ ଲଜ୍ଜା ଗୋପନର ଅନ୍ୟ ଉପାୟ ନ ଦେଖି ଏକ ମନ୍ତୁରୟାଣୀଦ୍ୱାରା ଗର୍ଭପାତର ଔଷଧ ପ୍ରୟୋଗ କରୁଥିବାରେ ଏକ ଶିଶୁ ପ୍ରସବ ପୁତ୍ରବଧୂ ମରଗଲା ଓ ବୃଦ୍ଧ ବଧୂବତ୍ସଳ ହୋଇ ଶିଶୁଟିକୁ ଗଡ଼ଗଡ଼ାରେ ପୋତି ପକାଇ ପୁତ୍ରବଧୂ ଆତ୍ମହତ୍ୟା କରି ଥିବାର ସୂଚନା ଦେଲା । ସ୍ଥାନୀୟ ପୋଲିସ ରହସ୍ୟ ଭେଦପୂର୍ବକ ବୃଦ୍ଧକୁ ଓ ମନ୍ତୁରୟାଣୀକୁ ଚାଲାଣ ଦେବାରୁ ଗତ ସେସନ୍ସ କୋର୍ଟରେ ବୃଦ୍ଧର ବ ୭୲ ବର୍ଷ ଓ ମନ୍ତୁରୟାଣୀର ବ ୨ ବର୍ଷ ଦ୍ୱୀପାନ୍ତର ଦଣ୍ଡ ହୋଇ ଅଛି ।

---

ନର୍ଓଁଥାଡ଼ ସାହେବଙ୍କର ବୃଷ୍ଟି ଗଣନା ଏକପ୍ରକାର ଠିକ ହେଉଅଛି । ଗତମାସ ତା ୧୨ ରିଖରୁ ବୃଷ୍ଟି ଆରମ୍ଭ ହେବାର ଯେ ଗଣନା କରିଥିଲେ ତାହା ଘଟିଅଛି କେବଳ ଭୋପାଳ ତହିଁ ପୂର୍ବେ ନ ହୋଇ ଦ ୪ ଦିନ ପରେ ହୋଇଅଛି । ସମ୍ପ୍ରତି ସେ ପ୍ରକାଶ କରିଅଛନ୍ତି ଯେ ଚଳିତମାସ ତା ୩୦ ରିଖଠାରୁ ଜୁଲାଇ ତା୪ରିଖ ପର୍ଯ୍ୟନ୍ତ ବୃଷ୍ଟି, ତା ୨ ରିଖଠାରୁ ତା ୧୨ ରିଖ ପର୍ଯ୍ୟନ୍ତ ପରିଷ୍କାର ପାଗ ଏବଂ କେବଳ ଶେଷ ଏବଂ ତା ୧୫, ୧୭, ୧୯ ଓ ୨୧ ରିଖରେ ମେଘୁଆ ପାଗ ଓ ଅଳ୍ପବୃଷ୍ଟି ହେବ । ତା୨୨ ଓ ୨୪ରିଖ ମଧ୍ୟରେ ତୋଫାନର ଲକ୍ଷଣ ଜଣାଯିବ ମାତ୍ର ତାହା ଅଟକି ଯାଇ ଶେଷ ତାରିଖରେ ସମସ୍ତ ପ୍ରଦେଶରେ ବୃଷ୍ଟି ହେବ । ତା ୨୮ ରିଖଠାରୁ ସପ୍ତାହ କାଳ ବୃଷ୍ଟି ଏବଂ ସମୁଦ୍ରରେ ତୋଫାନ ହେବ । ସେପ୍ଟେମ୍ବର ମାସ ଶେଷ ସପ୍ତାହରୁ ନବେମ୍ବରମାସ ୨ୟ ସପ୍ତାହ ପର୍ଯ୍ୟନ୍ତ ବଡ଼ ଅସ୍ଥିର ଋତୁ ହେବ ଯେ ତଦ୍ୱାରା ନେକନେକ ସ୍ଥାନରେ ଭୂମିର କମ୍ପାଘାତ ଘଟିବ । ଏଥିର ବିଶେଷ ବିବରଣ ସେ ଏ ପତ୍ରେ ପ୍ରକାଶ କରିବାକୁ କହି ଅଛନ୍ତି ।

—※—

ଗତ ପ୍ରବେଶିକା ଓ ଏଫ, ଏ, ପରୀକ୍ଷାରେ ଓଡ଼ିଶାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ସରକାରୀ ବୃତ୍ତି ପାଇ ଅଛନ୍ତି ଯଥା ।

ଜୁନିଅର ବୃତ୍ତି ।

୧ମ ଶ୍ରେଣୀ

ଇଜାବେଲ ଜାସାନୁଏଲ୍ କଟକ ଇନ୍‌ଷ୍ଟିଚ୍ୟୁସନ
ଭୂପତିଭୂଷଣ ମୁଖାର୍ଯ୍ୟା ରେଭେନସା କଲେଜିଏଟସ୍କୁଲ
ଦାମୋଦର ଦାସ ମୟୂରଭଞ୍ଜ
ରାମକୃଷ୍ଣ ପଟ୍ଟନାୟକ ରେଭେନସା କଲେଜିଏଟସ୍କୁଲ
ସତ୍ୟେନ୍ଦ୍ରନାଥ ଚାଟୁର୍ଯ୍ୟା ଏକଳ

୨ୟ ଶ୍ରେଣୀ

ଜନକକିଶୋର ଦଳ କେନ୍ଦ୍ରାପଡ଼ା ସ୍କୁଲ
ଚନ୍ଦ୍ରମଣି ସିଂହ ବାଲେଶ୍ୱର „
ଲଳିତମୋହନ ପାଲ ରେଭେନସା କଲେଜିଏଟ
ଜଗନ୍ନାଥ ମିଶ୍ର ପୁରୀଜିଲା ସ୍କୁଲ
ଶ୍ୟାମସୁନ୍ଦର ଦାସ ବାଲେଶ୍ୱର „
କାଶୀନାଥ ମିଶ୍ର ପୁରୀ „

ସିନିଅରବୃତ୍ତି

୧ମ ଶ୍ରେଣୀ

ଯୋଗେନ୍ଦ୍ର ଚାଟୁର୍ଯ୍ୟା ରେଭେନସା କଲେଜ
ଅଭିରାମ ଦାଶ ଏକଳ

—※—

ପୁରୀ-ରଥଯାତ୍ରା ।

ଗତ ତା ୨୨ ରିଖ ଶନିବାର ଶ୍ରୀଜଗନ୍ନାଥଙ୍କ ନବ ଯୌବନ ଦର୍ଶନ ପର୍ବ ପ୍ରାୟ ସା୧୦ଘଣ୍ଟାଠାରେ ପହଣ୍ଡିର ତାଟି ଫିଟିବାରୁ ଯାତ୍ରିମାନେ ଦର୍ଶନ କରିଥିଲେ କିନ୍ତୁ ଏଦିନ ଥାଇଥାକି ଅନବରତ ବୃଷ୍ଟିପାତ ହେବାରୁ ଯାତ୍ରିମାନେ ବଡ଼ ଅସୁବିଧାର ସହିତ ଇତସ୍ତତଃ ହୋଇ ଯାଇଥିଲେ ସାହାଣ ମେଳା ହୋଇ ଦର୍ଶନ ଶେଷ ହେବାରୁ ହୋମ ହୋଇ ସକାଳ ଧୂପ ସରିବା ସମୟକୁ ସନ୍ଧ୍ୟା ହୋଇ ଯାଇଥିଲା ।

ଏବର୍ଷ ଶନିବାର, ରବିବାର, ଦୁଇଦିନ ପର୍ଯ୍ୟନ୍ତ ରଥଯାତ୍ରା ହୋଇଥିଲା । ସେଥିପାଇଁ ଦିବସ ସକାଳଧୂପ ଶେଷ ହୋଇ ରଥକୁ ଆଜ୍ଞାମାଳ ଆସିଥିଲା କିନ୍ତୁ ପୂର୍ବରୁ ରାତ୍ରି ଅସ୍ତରୁ ରଥଅଭିଅର ଏପରି ବଳିଷ୍ଠ ହୋଇ ଗଲା ଯେ କାହାର ମନରେ ସୁନ୍ଦରଯାତ୍ରା ହେବାର ବିଶ୍ୱାସ ରହିଲା ନାହିଁ । ତହିଁରେ ପୁଣି ଦୁଇ ତିନଦିନ ପୂର୍ବରୁ ବୃଷ୍ଟିର ଆଧିକ୍ୟ ହେବାରୁ ରଥନିର୍ମାଣକାର୍ଯ୍ୟରେ ବିଶେଷ ବାଧା ଜନ୍ମିଥିଲା । ଯାହାହେଉ ତା ୨୩ ରିଖ ରବିବାର ଦ ୪ ଘ ସମୟରୁ ରଥର ଛେରାପହଁରା ପ୍ରାୟ ଶେଷ ହୋଇଥିଲା । ଡିଷ୍ଟ୍ରିକ୍ଟ ସାହେବ ରଥ ଟାଣିବାର ଅନୁମତି ଦେବାରୁ ଠିକା ଜଗିଆଳମାନେ ରଥର ଚାରିଦିଗରେ ବେଷ୍ଟିତ ହୋଇ ରହିଥିଲେ । ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ, ପୁଲିସ, ଡାକ୍ତରସାହେବ ଏବଂ ମନ୍ଦିରର ଶ୍ରୀ ମେନେଜର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥାଇ ପ୍ରାୟ ଅପରାହ୍ନ ଦ ୫ ଘ ସରେ ଜଗନ୍ନାଥଙ୍କ ରଥରେ ଦଉଡ଼ି ଟଣା ହେବାରୁ କ୍ରମେ ରଥ ସିଂହଦ୍ୱାରରୁ ଅନ୍ତରରେ ଅବସ୍ଥାପିତ ହେଲା ଏବଂ ଏ ସମୟରେ

Digitized by srujanika@gmail.com

Split by PDF Splitter



ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ହେଲା ।

ତା ୨୪ ରିଖ ଜଗନ୍ନାଥଙ୍କ ଦଳ ଏହି ରଥରେ ଦଉଡ଼ି ଲାଗି ଟଣା ହେବାରେ ଗୋଟିଏ ଚକ ମୋଡ଼ି ହୋଇ ଯିବାରୁ କେବଳ ଏକ ମାତ୍ର ପଦ ଭଗ୍ନ ହୋଇଗଲା । ସୁତରାଂ ରଥ ସେହି ସ୍ଥାନରେ ରହିଲା ।

ଇପୂରେ ଅନ୍ୟ ଦୁଇରଥ ପୂର୍ବାହ୍ନ ପ୍ରାୟ ଘ ୧୧ ଘଣ୍ଟା ସମୟରେ ସିଂହଦ୍ୱାରରେ ଲାଗିଲା ଅପରାହ୍ନରେ ତତ୍ର ମଙ୍ଗଳ ହୋଇ ଯିବାରୁ ପୂର୍ବରଥ ଟଣା ହୋଇ ସ୍ୱସ୍ଥାନରେ ଉପସ୍ଥିତ ହେଲା । ରଥର ଅବଶିଷ୍ଟ ଆବଶ୍ୟକୀୟ କର୍ମମାନ ଏବଂ ରଥମଣ୍ଡନ ଓ ରଥ ପ୍ରତିଷ୍ଠାଦିକାର୍ଯ୍ୟ ସାଙ୍ଗ ହୋଇ ସନ୍ଧ ପ୍ରାୟ ଘ ୫ ଘଣ୍ଟା ସମୟରେ ଠାକୁରମାନେ ରଥାରୂଢ଼ ହେଲେ । ସୁଖର ବିଷୟ ଯେ ଏ ସମୟରେ ବର୍ଷାର ବିଶ୍ରାମ ହୋଇଥିଲା । ଏବଂ ଅନନ୍ତରେ ଯାତ୍ରୀମାନେ ପ୍ରଦକ୍ଷିଣ ଦର୍ଶନ କରିଥିଲେ ।

ଏଦିନ ଅନୁମାନିକ ସ୍ୱଂସୁଦ୍ଧା ଲୋକଏ ହଜାର ଯାତ୍ରୀର ସମାଗମ ଦେଖାଯାଇଥିଲା ।

ପରଦିନ ତା ୨୫ ରିଖ ପ୍ରାତଃକାଳରେ ଛଅରି ଜେଲେକ କାର୍ଯ୍ୟ ଅବଶିଷ୍ଟ ଥିବାରୁ ଟଣା ନ ହୋଇ ଅପରାହ୍ନ ଘ ୨ ଘଣ୍ଟା ସମୟରେ ବଡ଼ ରଥ ଟଣା ହୋଇ ବାଘଆଖଡ଼ା ସମ୍ମୁଖସ୍ଥ ପୋଲ ଅତିକ୍ରମ କରି ଅବସ୍ଥାପିତ ହେଲା ।

ତା ୨୬ ରିଖ ବୁଧବାର ପୂର୍ବାହ୍ନ ଘ ୮ ଘଣ୍ଟା ସମୟରେ ଦେବୀରଥ ଟଣା ହୋଇ ଦାମ୍ପଟାଳ ନିକଟରେ ରହିଲା ।

ଅଧିକାଂଶ ଯାତ୍ରୀ ରଥସ୍ଥ ଦେବଙ୍କୁ ଦର୍ଶନ କରି ପ୍ରସ୍ଥାନ କରି ଅଛନ୍ତି ।

ଜଳବୃଦ୍ଧିର ସମ୍ବାଦ ଶୁଣି ଅବଶିଷ୍ଟ ଯାତ୍ରୀମାନେ ଯିବାନିମିତ୍ତ ବିଶେଷ ବ୍ୟସ୍ତ ହୋଇ ଅଛନ୍ତି ।

ଓଲାଉଠା ଏ ସପ୍ତାହରେ ସହସା ଦେଖାଦେଇ ପ୍ରାୟ ଜ ୨୦୦ ଣ ଯାତ୍ରୀ ଏବଂ ବାସିନ୍ଦାମାନଙ୍କୁ ଉତ୍କଳିତ ବଳକଷ୍ଟ କରୁଅଛି ।

---

## ଅପୁସମିତିର ଫଳ ।

ଅପୁ ବିଷୟ ଅନୁସନ୍ଧାନ ନିମନ୍ତେ ବିଲାତରେ ଯେଉଁ କମିଶନ ଗଠିତ ହୋଇଥିଲା ଏବଂ ଯହିଁର ସଭ୍ୟମାନେ ଭାରତବର୍ଷକୁ ଆସି ଅନୁସନ୍ଧାନ କରି ଯାଇଥିଲେ ସେହି କମିଶନ ବା ସମିତିର ରିପୋର୍ଟ ବାହାରିଥିବାର ପାଠକମାନଙ୍କୁ ଜଣା ଅଛି । ଅମ୍ଭେମାନେ ସେ ରିପୋର୍ଟ ଦେଖିନାହୁଁ ଏବଂ ଦେଖିବାର ସୁବିଧା ନାହିଁ । ମାତ୍ର କଲିକତାର ସମ୍ବାଦପତ୍ରମାନଙ୍କରେ ତହିଁର ସାର ବିଷୟମାନ ପ୍ରକାଶିତ ହୋଇଅଛି ଏବଂ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ତାହା ଯଥେଷ୍ଟ ଥିବାରୁ ତହିଁର ସାରାଂଶ ନିମ୍ନେ ପ୍ରକାଶ କଲୁଁ ।

ଅପୁ ସମିତିର ଜ ୯ ଣ ସଭ୍ୟମଧ୍ୟରୁ ଜ ୮ ଣ ରିପୋର୍ଟ ସ୍ୱାକ୍ଷର କରିଅଛନ୍ତି । ଅବଶିଷ୍ଟ ଏକଜଣ ଉଇଲସନ ସାହେବ ତହିଁରେ ଐକ୍ୟ ନ ହୋଇ ଆପଣାର ପୃଥକ୍ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ।

ସମିତି ଜ ୭୨୦ ଣରୁ ଅଧିକ ଲୋକର ସାକ୍ଷ୍ୟ ଗ୍ରହଣ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଜ ୧୫୦ ଣ ଅପୁ ନିବାରଣୀ ସଭା ଉପସ୍ଥିତ କରିଥିଲେ । ଅଧିକାଂଶ ସଭ୍ୟଙ୍କ ମତରେ ଏହି ସାକ୍ଷିମାନଙ୍କୁ ନାନା ସମ୍ପ୍ରଦାୟର ପ୍ରତିନିଧି ରୂପ ଜ୍ଞାନ କରାଯାଇ ପାରେ ଏବଂ ସେମାନେ ଯାହା ପ୍ରକାଶ କରିଅଛନ୍ତି ତହିଁର ବିଶ୍ୱାସ ଯୋଗ୍ୟ ହେତୁ ଦର୍ଶାଇ ଅଛନ୍ତି । ସରକାର ମଧ୍ୟ ପ୍ରତିକୂଳ କଥା ସମିତି ସମ୍ମୁଖରେ ଉପସ୍ଥିତ କରିବା ପକ୍ଷରେ ଯଥାର୍ଥରୂପେ ଯତ୍ନବାନ ଅଛନ୍ତି ଉଇଲସନ ସାହେବ ବିଶ୍ୱାସ କରନ୍ତି ବ ଏହିସମସ୍ତ ସାକ୍ଷ୍ୟଦ୍ୱାରା ତାହାଙ୍କ ମତ ସାବ୍ୟସ୍ତ ହେଉଅଛି ଏବଂ ଅନୁସନ୍ଧାନର ସକଳ ପ୍ରସଙ୍ଗ ଯଥୋଚିତ ନିରପେକ୍ଷତା ଏବଂ ପୂର୍ଣ୍ଣତା ସହିତ ପ୍ରକାଶିତ ହୋଇ ନାହିଁ ।

ଅପୁ ବ୍ୟବହାର ଏବଂ ବିକ୍ରୟ ସମ୍ବନ୍ଧରେ ସମିତି ଭାରତବର୍ଷର ଭିନ୍ନ ଭିନ୍ନ ସ୍ଥାନର ପ୍ରଥା ବିବେଚନା କରି କହୁଅଛନ୍ତି କି କେଉଁଠାରେ ଅଧିକ ଓ କେଉଁଠାରେ ଅଳ୍ପ ଅପୁ ଖରଚ ହୁଏ ମାତ୍ର ଏପରି ସ୍ଥାନ ନାହିଁ ଯହିଁରେ କି ଅପୁର ବ୍ୟବହାର ଅଦୌ ନାହିଁ । ପ୍ରାୟ ସର୍ବତ୍ର ବଟିକା ରୂପରେ ଅପୁ ବ୍ୟବହାର ହୁଏ । କେତେକ ସ୍ଥଳରେ ଶିଖ ଅଥବା ରାଜପୁତଙ୍କ ସଭାରେ ପାଣିରେ ଗୋଳି ପାନକରିବାର ବ୍ୟବହାର ଅଛି । ଧୂମରୂପରେ ପାନ କରିବା ଯଥା ମଦକ ଚଣ୍ଡୁର ବ୍ୟବହାର ଅତିଅଳ୍ପ ଏବଂ ବଡ଼ ବଡ଼ ନଗରବାସୀ ଶ୍ରେଣୀବିଶେଷରେ ପ୍ରଚଳିତ । ଏହାର ଅପେକ୍ଷିତ ନୂତନତ୍ୱ ଏବଂ ସମର୍ଥ ହେତୁ ଲୋକେ ନିନ୍ଦାକରନ୍ତି ଏବଂ ସାଧାରଣ ମତ ଏ ସମସ୍ତର ବିରୋଧୀ । ମାତ୍ର ଏହି ମତ ଗୋଟିଏ ସାଧାରଣ ବିଶ୍ୱାସ ଭିନ୍ନ ଅନ୍ୟ କିଛି ନୁହେ କାରଣ ଚୀନ ଓ ମାଲୟପ୍ରଦେଶରେ ବହୁକାଳରୁ ଧୂମ୍ର ପାନ ରୂପରେ ଅପୁ ବ୍ୟବହାର ହେଉଥିବାରୁ ସେଠା ଲୋକମାନେ ସେହି ପ୍ରଥାକୁ ନିର୍ଦ୍ଦୋଷ ଏବଂ ପ୍ରଶସ୍ତ ଜ୍ଞାନ କରନ୍ତି । କେବଳ ସାଧାରଣ ଭାବପ୍ରତି ଦୃଷ୍ଟି କରି ସମିତି ମଦକ ଏବଂ ଚଣ୍ଡୁର ବ୍ୟବହାର ଅନୁଚିତ ଜଣା କରିବା ଅଭିପ୍ରାୟରେ କେତେକ ପରାମର୍ଶ ଦେଇ ଅଛନ୍ତି ନିରୂପା ଧୂମପାନ ଅଥବା ବଟିକା ଅନ୍ୟରୂପେ ବ୍ୟବହାର କରିବା ଅଭ୍ୟାସ ସମ୍ବନ୍ଧରେ ସେମାନେ କୌଣସି ମତ ଦେଇ ନାହାନ୍ତି । ତଦନ୍ତର ଶାସ୍ତ୍ରାନୁଯାଇ ଏକପ୍ରକାର ବ୍ୟବସ୍ଥା ସମିତିର ଜ ୧ ଣ ସଭ୍ୟ ସର ଉଇଲିୟମ ରବର୍ଟସଙ୍କ ରିପୋର୍ଟରେ ପ୍ରକାଶିତ ହେଉଅଛି ।

ଅପୁ ସେବାର ଅଭିପ୍ରାୟ ସମ୍ବନ୍ଧୀୟ ସାକ୍ଷ୍ୟ ସମାଲୋଚନା କରି ସମିତି ସିଦ୍ଧାନ୍ତ କରିଅଛନ୍ତି ଯେ ସାଧାରଣତଃ ରୋଗବିଶେଷର ଔଷଧ ନିମନ୍ତେ କେତେକସ୍ଥଳରେ ସାମାଜିକ କିମ୍ବା କଳାପରେ ଏବଂ ଅନେକସ୍ଥଳରେ ନିରୂପିତ ବୟସ ଭାଙ୍ଗିବାକୁ ବଳାଧିକ ସ୍ୱରୂପ ଅଥବା ଶ୍ରାନ୍ତି ନିବାରଣ ବା ବୃଦ୍ଧ ବିଶେଷର ପ୍ରତୀକାର ନିମନ୍ତେ ଲୋକେ ଅପୁ ବ୍ୟବହାର କରନ୍ତି । ସମିତି ନିକଟରେ ସାକ୍ଷ୍ୟ ଦେଇଥିବା ଅନେକ ବହୁଦର୍ଶୀ ଚିକିତ୍ସକଙ୍କ ମତ ଏହି କି ଅପୁର ମାତ୍ରା ଏବଂ ତାହା ବ୍ୟବହାର କରିବା ବ୍ୟକ୍ତିର ବିବେଚନା ଅନୁସାରେ ଅପୁ ସଦୋଷ ନିର୍ଦ୍ଦୋଷ ବା ହିତକର ହୁଏ । ମାତ୍ର ପ୍ରଚୁର ପ୍ରମାଣଦ୍ୱାରା ସମିତି ସାବ୍ୟସ୍ତ କରିଅଛନ୍ତି ଯେ ପରିମିତ ବ୍ୟବହାର ସାଧାରଣ ନିୟମ ଅଟେ ଏବଂ ଯେଉଁ ଅଳ୍ପ ସ୍ଥଳରେ ଅଧିକ ମାତ୍ରାରେ ବ୍ୟବହାର ହୁଏ ଲୋକେ ତାହାକୁ ନିନ୍ଦା କରନ୍ତି । ଏପରି ସମିତି ସିଦ୍ଧାନ୍ତ କରିଅଛନ୍ତି ଯେ ଆପୁର ଅଭ୍ୟାସ ଦ୍ୱାରା ବାତୁଳତା ଜାତହେବା ଅଥବା ଆତ୍ମହତ୍ୟା ଓ ଅପରାଧ ବୃଦ୍ଧି ହେବାର ଦେଖାଯାଉ ନାହିଁ ।

ଉଇଲସନ ସାହେବ କହନ୍ତି ଅପେକ୍ଷାକୃତ ଅଳ୍ପଲୋକ ଅପୁ ବ୍ୟବହାର କରନ୍ତି, ଅଳ୍ପସ୍ଥଳରେ ତଦ୍ୱାରା ବାସ୍ତବଫଳ ଲାଭ ହୁଏ ଏବଂ ତଦ୍ୱାରା ନୈତିକ ଓ ଶାରୀରିକ ଅହିତ ଘଟୁଥିବାରୁ ତାହା ଉଠାଇ ଦେବା ଉଚିତ । ତାହାଙ୍କ ପରାମର୍ଶ ଏହି କି ଅପୁ ବିକ୍ରୀ ନିମନ୍ତେ ସରକାରଙ୍କ ଲୋକ ନିଯୁକ୍ତ ହେବେ ଏବଂ ଔଷଧ ପ୍ରୟୋଜନ ବିନା ଅପୁ ବିକ୍ରୟ କରିବେ ନାହିଁ । ମାତ୍ର ସମିତିର ଅଧିକାଂଶ ସଭ୍ୟ ସ୍ୱଳ

Digitized by srujanika@gmail.com

ନୈତିକ ଓ ଅର୍ଥନ ବିବେଚନାରେ ଉପର ଲିଖିତ ପରାମର୍ଶ ଅନୁମୋଦନ କରିବାକୁ ଅକ୍ଷମ କାରଣ ସେମାନଙ୍କ ବିବେଚନାରେ ଅଫିମଦ୍ୱାରା ବିଶେଷ ଶାରୀରିକ ବା ନୈତିକ ଅନିଷ୍ଟ ଘଟିବାର ପ୍ରମାଣ ନାହିଁ ଏବଂ ଇହାର ଅପବ୍ୟବହାର ଏତେ ସୁଲଭର ନୁହେ ଯେ ଅନ୍ୟ ସଭ୍ୟ ଦେଶର ପ୍ରଚଳିତ ସୁରା ଅପେକ୍ଷା ଇହାର ବନ୍ଦୀ ସମ୍ବନ୍ଧରେ ବିଶେଷ ଉଦ୍ୟମ କରିବାକୁ ହେବ। ଯେସ୍ଥଳେ ଅଫିମବ୍ୟବହାରର ସଂଖ୍ୟା ଭାରତରେ ଅତ୍ୟଳ୍ପ ଏବଂ ଅନେକ ପ୍ରୟୋଜନରେ ଅଫିମ ବ୍ୟବହାର ହୁଅଇ ସେସ୍ଥଳେ ଇହାର ବିକ୍ରୟ ସମ୍ପୂର୍ଣ୍ଣ ବନ୍ଦ କରିବା ଯୁକ୍ତିସଙ୍ଗତ ବୋଧ ହେଉ ନାହିଁ। ଅଧିକନ୍ତୁ ଅଟକ କରିବା ଅତ୍ୟନ୍ତ ବ୍ୟୟସାଧ୍ୟ ଏବଂ ତଦ୍ଦ୍ୱାରା ସୁଫଳର ଆଶା ନାହିଁ। କାରଣ ମୋଫସଲର ଅଧିକାଂଶ ସ୍ଥଳରେ ଡାକ୍ତରର ଅଭାବ ଏବଂ ଅଧିକାଂଶ ଲୋକ ଡାକ୍ତରର ପରାମର୍ଶ ଅପେକ୍ଷୀ ହୁଅନ୍ତି ନାହିଁ। ଏପରି ଇଉରୋପୀୟ ଡାକ୍ତର ମାନଙ୍କର ଏ ବିଷୟରେ ହୁବାର ମତ ଦେଖାଯାଏ ଏବଂ ସେମାନଙ୍କଦ୍ୱାରା ଶିକ୍ଷିତ ଦେଶୀୟ ଚିକିତ୍ସକଙ୍କ ସଂଖ୍ୟା ଅତ୍ୟଳ୍ପ ଅଟେ। ଭାରତର ଲୋକସଂଖ୍ୟା ଦୃଷ୍ଟିରେ ଅଫିମବିକ୍ରୟ ସକାଶେ ଉପଯୁକ୍ତ ସଂଖ୍ୟକ ଡାକ୍ତର ନିଯୁକ୍ତ କରିବା ଅତ୍ୟନ୍ତ ବ୍ୟୟସାଧ୍ୟ ଏବଂ ସେମାନେ ସୁବିବେଚନା ପୂର୍ବକ ବିକ୍ରୟ କରିବେ ଏମନ୍ତ ମଧ୍ୟ ବିଶ୍ୱାସ ହେଉ ନାହିଁ। ଇଂସ୍ଥଳ ଅଧିକନ୍ତୁ ହେମ ଗଡା ଭାରତର ଦେଶୀୟ ରାଜ୍ୟରେ ମଧ୍ୟ ଅଫିମ ଉତ୍ପନ୍ନ ହେଉଅଛି। ତାହା ଅଟକ କରିବା ଅସମ୍ଭବ ସୁତରାଂ ଗୋପ୍ୟ କାରବାର ବୃଦ୍ଧି ହେବା ଅନିବାର୍ଯ୍ୟ ଏବଂ ତାହା ନିବାରଣ ଅତ୍ୟନ୍ତ ବ୍ୟୟସାଧ୍ୟ ଏବଂ ପ୍ରାୟ ଅସମ୍ଭବ। ସଂକ୍ଷେପରେ ଯେସ୍ଥଳେ ବିକ୍ରୟ ନିଷେଧ ପକ୍ଷରେ ଅଧିକାଂଶ ଭାରତ ବାସୀଙ୍କର ମତ ନୁହେ ଏବଂ ଯେଉଁ ଅଳ୍ପସଂଖ୍ୟକ ଲୋକ ଅଫିମବିରୋଧୀ ଦଳର ସପକ୍ଷରେ ମତ ଦେଇଅଛନ୍ତି ସେମାନେସୁଦ୍ଧା ସମ୍ପୂର୍ଣ୍ଣରୂପେ ନିଷେଧର ସପକ୍ଷରେ ନୁହନ୍ତି ଏବଂ ଯେସ୍ଥଳେ ଧର୍ମସମ୍ବନ୍ଧରେ ଅନେକ ଲୋକଙ୍କର ସ୍ୱଭାବ ଯେ ଅଫିମ ରହିତ ହେଲେ ମଦର ବ୍ୟବହାର ବୃଦ୍ଧି ହେବ ଏବଂ ଇହିଁରେ ଲୋକେ ଅଧିକ ଦରିଦ୍ର ହେବେ ସେସ୍ଥଳେ ବିକ୍ରୟ ନିଷେଧ କରିବାର ପ୍ରସ୍ତାବ ଗ୍ରହଣ ଯୋଗ୍ୟ ନୁହେ।

ଚୀନସମ୍ବନ୍ଧରେ କମିଶନ କହୁଅଛନ୍ତି ଯେ ପ୍ରମାଣଦ୍ୱାରା ଜଣା ଯାଉଅଛି ଯେ ସେଠାରେ ଅଫିମର ଅପରିମିତ ବ୍ୟବହାର ପ୍ରବଳ ନୁହେ ଏବଂ ତାହା ନିବାରଣ ପକ୍ଷରେ ଚୀନର ଯଥେଷ୍ଟ କ୍ଷମତା ଅଛି। ଅନ୍ୟ ସଭ୍ୟଦେଶର ମଦପାନ ସେଠାଲୋକେ ଅଫିମ ବ୍ୟବହାର କରନ୍ତି ଏବଂ ଯେବେ ମଦକଦ୍ରବ୍ୟରେ ନୈତିକ ଦୋଷ ନାହିଁ ତେବେ ଅଫିମ ବିକ୍ରୟରେ ବିଶେଷ ଅଧିକ ଦୋଷ ହେବ? ବିଶେଷତଃ ଚୀନର ସମସ୍ତ ଅଫିମ କେବଳ ଭାରତରୁ ଆମଦାନୀ ହେଉ ନାହିଁ। ଅନ୍ୟାନ୍ୟ ଦେଶର ଆମଦାନୀ ବନ୍ଦ ହେବ ନାହିଁ ଏବଂ ଚୀନରେ ମଧ୍ୟ ଅଫିମ ଉତ୍ପନ୍ନ ହେଉଅଛି।

ପରିଶେଷରେ କମିଶ ଏହି ମତ ପ୍ରକାଶ କରୁଅଛନ୍ତି ଯେ ଅଫିମ ଆନ୍ଦୋଳନର ମୂଳ କଳ୍ପନା ଏହିକି ତାହା ଗୋଟିଏ ଦୋଷ ଏବଂ ବିଶେଷ କ୍ଷେତ୍ର ନ ହେବାସ୍ଥଳେ ଇହାର ବ୍ୟବହାର ମନ୍ଦ ଏବଂ ଅନିଷ୍ଟକାରୀ ମାତ୍ର ଏ କଳ୍ପଣା ପ୍ରମାଣଦ୍ୱାରା ସାବ୍ୟସ୍ତ ହେଲା ନାହିଁ ବରଂ ଜଣାଗଲାଯେ ବିଲାତବାସୀଙ୍କର ଅଫିମବ୍ୟବହାର ବିଷୟକ ଜ୍ଞାନ ଅତି ରଞ୍ଜିତ ଧାରଣା ଅଟେ ଏବଂ ସେମାନଙ୍କ ସମ୍ମୁଖରେ ଯେ ସମସ୍ତ ବିଷୟ ଉପସ୍ଥିତ ହୋଇଅଛି ତାହା ଭାରତବାସିଙ୍କ ପ୍ରଭାବଶାଳୀ ସଂଘ ସମିତିଦ୍ୱାରା ଅଥବା ପ୍ରଧାନ ସରକାରୀ କର୍ମଚାରୀଙ୍କ ସାକ୍ଷ୍ୟଦ୍ୱାରା ସମର୍ଥିତ ହେଲା ନାହିଁ।

---

# ସାପ୍ତାହିକ ସମ୍ବାଦ।

ଗତ ସୋମବାର ୧୦ଠା କଲେଜ ଫିଟିଅଛି। ପ୍ରିନ୍ସପାଲ ଅଦ୍ୟାପି ପହଞ୍ଚି ନାହାନ୍ତି।

ଏଠା ପ୍ୟାରୀମୋହନ ଏକାଡେମିର ହେଡମାଷ୍ଟର କାର୍ଯ୍ୟରେ [illegible] ନିଯୁକ୍ତ ହୋଇ ଅଛନ୍ତି।

### କଲିକତା-ଗେଜେଟ।

କଟକର ଡେ ମାଜିଷ୍ଟ୍ରେଟ ଓ ଡେ କଲେକ୍ଟର ବାବୁ [illegible] ନିଜ କର୍ମରେ ସ୍ଥାୟୀଭୂତ ହେଲେ।

ମେଦିନୀପୁରର ଅସିଷ୍ଟାଣ୍ଟ ଡେପୁଟିମାଜିଷ୍ଟ୍ରେଟ ଓ ଡେ କଲେକ୍ଟର [illegible] ଅବକାଶ [illegible] କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି।

କଟକ ରେଭେନ୍ସା କଲେଜର ଅସିଷ୍ଟାଣ୍ଟ ପ୍ରିନ୍ସିପାଲ ବାବୁ [illegible] ମଜୁମଦାର କୃଷ୍ଣନଗର ପ୍ରିନ୍ସିପାଲ କାର୍ଯ୍ୟରେ ଅସ୍ଥାୟୀ ରୂପେ ନିଯୁକ୍ତ ହେଲେ।

[illegible] ସବଡିଭିଜନ [illegible] ତା ୨୨ ଓ ୨୩ ତାରିଖରେ ସ୍ଥଗିତ ହେବ। [illegible] କାର୍ଯ୍ୟ [illegible] ଅଛି।

---

ମସ୍କେନ୍ଦ୍ରିଦ ହେଉ ହିନ୍ଦୁମାନଙ୍କର ଏବଂ ନୂଆ ମୁସଲମାନଙ୍କର ପୂଜା ପୂର୍ବରୁ ମୁସଲମାନ ପୂଜା ସମ୍ପର୍କ ସେହି ଭଳେ ମୁସଲମାନ ଦଳ ପ୍ରତିବାଦୀ ହେବାରୁ ସେହି ବାଧା [illegible] ସେମାନେ [illegible] କରିବାକୁ [illegible] । [illegible] ଏକ [illegible] । [illegible] ହୋଇଅଛନ୍ତି।

[illegible] ମତରେ [illegible] । [illegible] ନାହିଁ। [illegible] ଏଦେଶୀୟଙ୍କ ଅଜଣା ନାହିଁ।

ଖୁର୍ଦ୍ଦାଗଡ଼ରେ କାଲଜ୍ଵରର ଆଉ ଲୁଗା ଉପରେ [illegible] କାର୍ଯ୍ୟ କରନ୍ତି। ଏ କାର୍ଯ୍ୟପାଇଁ ଅବଶ୍ୟ [illegible] ପ୍ରସ୍ତୁତ ହୋଇପାରୁ ନାହିଁ କି?

[illegible] ଲେଖାଅଛି ଯେ [illegible] ପ୍ରସବ କରିଅଛି। [illegible] ଗୋଟିଏ ନାମ ଦେଇଅଛି।

[illegible] ଶ୍ରୀଶ୍ରୀ [illegible] ପଢ଼ୁଅଛନ୍ତି [illegible] ନୁହେ।

ଚୀନଦେଶର [illegible] ।

[illegible] କଠିନ [illegible] ଅଟେ।

[illegible] ସର୍ବାପେକ୍ଷା ଅଧିକ [illegible] ହୋଇଅଛି।

[illegible] ଏବଂ [illegible] ଯୋଗ୍ୟ [illegible] ନାହିଁ।

[illegible] ସେମାନଙ୍କର [illegible] ଅଛି। [illegible] ଦର୍ଶନ ହେବ।

[illegible] ସର୍ବସାଧାରଣଙ୍କ [illegible] ହେବା ମଙ୍ଗଳ ଏବଂ [illegible] କଠିନ [illegible] ହେଉଅଛନ୍ତି। [illegible] କର୍ଣ୍ଣଗୋଚର ହୋଇଥିବ।

[illegible] ହୋଇଥିବାର ସମ୍ବାଦ ମିଳୁଅଛି।

Digitized by srujanika@gmail.com

Split by PDF Splitter



ସମ୍ପ୍ରତି ମହେଶ ଷ୍ଟେସନରେ ଏକ ବୃହତ୍ ସଭେ ଡୁଙ୍ଗୁରିଆର ଘର୍ମାମାନେ ଏକ ଗୃହମଧ୍ୟରେ ବେଳକେ ବ-ନ୍ଦ କରି ମାରିଥିବାର ସମ୍ବାଦ ମିଳଇ । ଲୋକଙ୍କୁ ବନ୍ଧନ ର ୧୦ ଓ ଏବଂ ଅନ୍ୟମାନଙ୍କ ବନ୍ଧନ ବ୧୧ ଓ । ଏଥିର କାରଣ ଅଦ୍ୟାପି ପ୍ରକାଶ ପାଇ ନାହିଁ ।

କାଶ୍ମୀରରେ ବାଳା ବଳାଇ ସମ୍ପ୍ରଦାୟ ବଡ଼ ପାଁଚା ସ ସ୍ମୃତିରେ ପ୍ରଭାତରେ ପୂର୍ବେ ସେହି ଉତ୍ସବ ଭାବ ହୋଇଅଛି ତାହା ଉତ୍ସବ ହୋଇ ଏହାପରେ ନିୟମ ହୋଇଅଛି ଯେ ଲୋକ କାର୍ତ୍ତିକ ସମାବେଶ ଧର୍ମର ଉତ୍ସବ ପୂର୍ବରୁ ଅନୁମତ ନେ-ବାକୁ ହେବ । ସାଧାରଣ ସମାବେଶମାନଙ୍କ ସ୍ଥାନରେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରୁ ସେମାନେ ଅନୁମତି ନେଇପାରିବେ । ସ୍ଥାନ ସଂଖ୍ୟା ଠାରୁ ସଭାଇସର୍ଗଙ୍କୁ ବାଳା ଦଣ୍ଡ ହେବ କେବଳ ତଦୋଷ୍ଟ ସ୍ଥଳରେ ସ୍ୱ ସଂଖ୍ୟା ପର୍ଯ୍ୟନ୍ତ ବାଳା ବଜାଇବାର ଅନୁମତ ଦଅଯାଇ ପାରିବ ମାତ୍ର ଧର୍ମସ୍ଥାନ ନିକଟରେ ରାତ୍ରିବେଳେ କୌଣସି ବାଜା ବାଜିବ ନାହିଁ ।

ଆମ୍ଭମାନଙ୍କ ପ୍ରେସ ଷ୍ଟେଟ୍ସ୍ମ୍ୟାନ ପାୟୋନିୟର ସାହେବ ପାର୍ଲିଅମେଣ୍ଟ ସୂତ୍ରରେ ପ୍ରକାଶ କରିଅଛନ୍ତି ଯେ ଅମୀର ପୁତ୍ରଙ୍କ ବଙ୍ଗଳ ଯାତ୍ରାର ସମୁଦାୟ ଖର୍ଚ୍ଚ ଭାରତ ଗବର୍ଣ୍ଣମେଣ୍ଟ ଦେଉଅଛନ୍ତି । ଭାରତବାସୀ ସମସ୍ତ ଏହା !

ଭାଗଲପୁରର ସ୍ୱଦେଶହିତୈଷୀ ସୋସାଇଟିରେ ଦେଶୀୟ ୩୧୦୦୦ ଟଙ୍କା ଚାନ୍ଦା ଉଠିଛି । ଅତିଶୀଘ୍ର ହେବ ସେଥିର ପ୍ରାରମ୍ଭ ଅଧିକ ନାହିଁ ପଡ଼ ।

ଅହମ୍ମଦରେ ମେଘମାଳା ପୃଥିବୀରୁ ପ୍ରାୟ ଏକମାସର ଦୂରରେ ଚରଣ କରଇ !

ମହାସମୁଦ୍ରମଧ୍ୟରେ ଯେତେ ଦ୍ୱୀପ ଅଛି ତହିଁର ସଂଖ୍ୟା ସର୍ବମୋଟ ଏକଲକ୍ଷ ଅଟଇ ।

ଗତତ ମାସ ତା ୮ ଋଖରେ ବୋମ୍ବାଇଠାରେ ଲୁଣା ଭଙ୍ଗ କହିବାର ଏକ କାରଖାନା ଗୃହ ଅଗ୍ନିଦ୍ୱାରା ଭସ୍ମୀଭୂତ ହୋଇ ଥିବାର ସମ୍ବାଦ ମିଳଇ । ଏଥିରେ ଅନ୍ୟୁନ ୫୦୦୦୦ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଥିବାର କଥିତ ହୁଏ । ଏହି କାରଖାନା ନିକଟରେ ଅନେକ ଗୃହଏ ଥିଲା ସେ ଥିବାର ଅଗ୍ନ୍ୟୁତ୍ପାତ ସମୟରେ ଭୂମି ଗଣ୍ଡଗୋଳ ଉପସ୍ଥିତ ହୋଇ ଥିଲା ।

ଗତମାସ ତା ୨ ଋଖରେ ବୋମ୍ବାଇଠାରେ ଏକ ପିଷ୍ଟ-ଳା ମାସ୍କର ଅସ୍ତ୍ର ଦେଖିବା ସମୟରେ ଜଣେ ଦ୍ୱିତୀୟ ଶ୍ରେଣୀ ଯାତ୍ରୀର ଦେଶ ଅନୁସନ୍ଧାନ କରୁ ତହିଁ ମଧ୍ୟରେ ଗୋଟିଏ ଛିନ୍ନମସ୍ତକ ବାଳକର ମୃତ ଦେହ ରକ୍ଷିତ ଥିବାର ଦେଖି ସେ ଯାତ୍ରୀକୁ ଧରି ହେବୁ ପଲାଇଲେ ସେ ଉକ୍ତ ଦେହ ତାହାର ଅବାଦ ସମ୍ପର୍କୀୟ କହି କହିଲା ଯେ ସେହି ଗାଡ଼ିରେ ବସି ଯାଉଥିଲା ସେହି ଲୋକଙ୍କୁ ସେ ଉକ୍ତ ଦେହଟି ଲୋ-ଡ଼ାଇ ନେଇ ଅଛି । ପୁଲିସ ଏଥିର ଅନୁସନ୍ଧାନ କରୁ ଅଛନ୍ତି ।

## ଯାଜପୁର-ସମ୍ବାଦ ।

ଗତତ ଜୁନମାସ ତା ୨୦।୨୧।୨୨ ଋଖରେ ୩ ଅଞ୍ଚଳ-ରେ ଯେ ମେଘ ବର୍ଷା ହୋଇଥିଲା ସେଥିରେ ଏ ଅଞ୍ଚଳ ସ୍ଥିତ ନଦୀ ଯଥା ବୈତରଣୀ, ବୁଢ଼ା, ଖରସ୍ରୋତା, ବ୍ରାହ୍ମଣୀ, ଜଳମାନ ବୃଦ୍ଧି ହୋଇଅଛି । ସେଥି ନିମନ୍ତେ ଅନ୍ନ ବାଲି କଟକ ଓ ବଙ୍ଗଳା ଭାଗ ଦାଖଲ ଦଳମ୍ବରେ ପଡ଼ିଅଛି । ମଧ୍ୟ ଗତ କାଳ ବୃଷ୍ଟିମତ ନାହୁଣୀଜଳୀ ବୃଦ୍ଧି ହେବୁ ନଗର ବାର ସହରୁ ବୃଦ୍ଧଭାର ରହି ଦୂର ପ୍ରତ୍ୟ ସଦଦ ପଡ଼ୁଥିଲି ।

କେତେକ ବର୍ଷ ଦେଖ ଶୁଣିବା କରଇ ରାଜା ଓ ପ୍ରଜା-ମାନଙ୍କ ମଧ୍ୟରେ ବିବାଦ ଚଳିଥିବା ବିଷୟ ଏସବୁ ସାଧ-ନାରେ ଉଲ୍ଲେଖ ହୋଇ ତହିଁର ବାଦ ପ୍ରତିବାଦ ମଧ୍ୟ-

ହୋଇ ଅଛି । ଗତ ବର୍ଷ କେତେକ ପ୍ରଜା ଲକ୍ଷ୍ମୀଧର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଓ ଏଠାକାର ଶ୍ରୀଯୁକ୍ତ ସବଡ଼ିଭିଜନ ମାଜିଷ୍ଟ୍ରେଟଙ୍କଠାରେ ରାଜା ଓ ତାଙ୍କର କର୍ମଚାରୀମାନଙ୍କ ଅତ୍ୟାଚାର ସମ୍ବନ୍ଧରେ ଦରଖାସ୍ତ ଦେବାରୁ ଶ୍ରୀଯୁକ୍ତ ସବଡ଼ିଭିଜନ ମାଜିଷ୍ଟ୍ରେଟ ଉକ୍ତ ଠାକୁ ଯାଇ ରାଜା ଓ ପ୍ରଜାଙ୍କୁ ମେଳ କରାଇଦେଇ ଆସିବାରେ ପ୍ରାୟ ଏକ ବର୍ଷ ଗତ ହେଲା କୌଣସି ଗୋଳମାଳ ନ ଥିଲା । ବର୍ତ୍ତମାନ କେତେକ ପ୍ରଜାଙ୍କୁ ଓ ତାହାଙ୍କ କର୍ମଚାରୀମାନଙ୍କ ସ୍ଥାନରେ ନାନା ଅତ୍ୟା ଚାରର ଦରଖାସ୍ତ ଦେବାରୁ ଶ୍ରୀଯୁକ୍ତ ସବଡ଼ିଭିଜନ ମାଜିଷ୍ଟ୍ରେଟ ମହାଶୟ ଉକ୍ତ ବିଷୟର ତଦନ୍ତ କରିବା କାରଣ ସେହି ଓ ତାଙ୍କର ବାଇପରବାର ଜଗନ୍ନାଥ ଦାସ ନାମରେ ନୋଟିସ କରି ପୁଲିସମାନଙ୍କ ତା ୯ ରିଖକୁ ତାରିଖ ଧାର୍ଯ୍ୟ କରି ଅଛନ୍ତି

ଗତ ସୋମବାର ଦିନ ରଥଯାତ୍ରା ଥିବାରୁ ଏଠାକାର ଶ୍ରୀଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କର ଉଦ୍ଦେଶ୍ୟେ ରଥ ହୋଇ ରଥ ଟାଣିବାର ଯଥା ନିୟମରେ ଅନୁଷ୍ଠିତ ହୋଇଥିଲା ସେଦିନ ମେଘ ବର୍ଷା ହେବାରୁ ବିଶେଷ ଜାକ ହୋଇ ନ ଥିଲେ । ଆଳତନାଥଙ୍କ ଅନ୍ୟାନ୍ୟ ଘୋ ୧୪ ଟି ଥବ୍ର ରଥ ସନ୍ଧ୍ୟା ସମୟରେ ଶ୍ରୀ ଜଗ-ନ୍ନାଥଙ୍କର ସିଂହ ଦରଜା ଠାରେ ଏକତ୍ର ହୋଇ ମେଳଣ କରି ପୂର୍ବଦିଗର ଅପଣାର ଗୃହକୁ ପ୍ରତ୍ୟାଗମନ କରିଥିଲେ ମାତ୍ର ବଡ଼ ଜଗନ୍ନାଥଙ୍କ ରଥ ମଙ୍ଗଳବାରଦିନ ଗାଭସୀ ଯାତ୍ରା ( ସଦାବର୍ତ୍ତ ମଠ ) କୁ ଯାଇଅଛି ।

## ପତ୍ର ପ୍ରେରକଙ୍କ ପ୍ରତି ।

କୋଡ଼ାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ପରଶୁ-ରାମ ପଟ୍ଟନାୟକ ଲେଖି ଅଛନ୍ତି ଯେ ସେଠା ଜମିଦାର ଶ୍ରୀ ଶ୍ୟାମାନନ୍ଦ ଦାସ ବହୁବିଦ୍ୟା-ଧର ଭୂୟାଁ ମହାଶୟଙ୍କର ପୁତ୍ର ବିବାହ ଗତ ଜ୍ୟେଷ୍ଠମାସ ତା ୨୧ ଋଖରେ ଅତି ସମାରୋହ ସହିତ ସମ୍ପାଦିତ ହେଲା । ସେଥିପାଇଁ ଅନେକ ବାଜା ନାଚ ଭୋଜ ଇତ୍ୟାଦି ବହୁପରିମାଣରେ ହୋଇ ଥିଲା । ଉକ୍ତ ସ୍ଥାନାଭାବରୁ କେତେକ ପତ୍ର ପ୍ରକାଶ ହୋଇପାରି ନାହିଁ । ପତ୍ର ପ୍ରେର-କମାନେ ବ୍ୟସ୍ତ ହେବ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ?

ପୁରୀଜିଲ୍ଲା ଅଲ୍ଲଶ୍ରେଥ ପ୍ରଗଣା ଅନ୍ତର୍ଗତ ଭଦ୍ରେ ଗ୍ରାମରେ ସଜେଇ ଓଝା ନାମକ ଏକଜଣ କମାରର ଗୋଟିଏ ଗାଈ ମା ୧୯ ସ ଗର୍ଭବତୀ ହୋଇ ଓ ପ୍ରାୟ ଦୁଇମାସ ପ୍ରସବ ବେଦନା ସହ୍ୟ କରି ଅଳ୍ପ ପାଖ ଛଅ ଦନ ତଳେ ଗୋଟିଏ ବାଛୁରି ପ୍ରସବ କରିଅଛି । ବାଛୁରିଟି ଗର୍ଭରୁ ମରିଯାଇଥିଲା । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ବାଛୁରିର ଅନ୍ୟାନ୍ୟଙ୍କର ଦୈର୍ଘ୍ୟ ଜନ୍ମାବାରୁ ଛଅଦିନ ଓ ଜନ୍ମିଲା ପ୍ରାୟ ଦୁଇହା-ତରୁ କିଛି ବେଶି ଓ ତାହାର ଅଦୌ ମୁଣ୍ଡ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ, କାରଣ ସ୍କନ୍ଧ-ଦେଶ ସହିତ ସଂଲଗ୍ନ ହୋଇ ଯେଉଁ ଏକ ମାଂସ ପିଣ୍ଡ ଦେଖାଗଲା, ତାହା ସଦ୍ୟ ପ୍ରସୂତ କୁକୁରର ଶାବକର ମସ୍ତକ ଅପେକ୍ଷା କୌଣସି ଅଂଶରେ ବଡ଼ ନୁହେ ଓ ତହିଁରେ କେବଳ ଏକଗୋଟି ଚକ୍ଷୁ ସନ୍ନିବିଷ୍ଟ । ଦାନ୍ତ ବା କାନ ଅଦୌ ଚିହ୍ନ ନାହିଁ । ପ୍ରସବର ସଙ୍ଗେ୨ ଶବ ଦେହରୁ ଏପରି ଦୁର୍ଗନ୍ଧ ବହିର୍ଗତ ହେଲା ଯେ ତାହାନିକଟରେ କେହି ଏକ ମୁହୂର୍ତ୍ତ ନିମନ୍ତେ ମଧ୍ୟା ଠିଆହୋଇ ପାରିଲେ ନାହିଁ । ଗାଈଟି ଅଧୁନା ଭଲଅଛି ।

ତା ୧୨।୬।୯୫ } ଲକ୍ଷ୍ମୀଗ୍ରାମର ଜନୈକ ବାସିନ୍ଦା ଶ୍ରୀଚନ୍ଦ୍ରପ୍ରସାଦ ମିଶ୍ର

ମହାଶୟ !

ଏହିକ ଯେ ଏବଲାର ପ୍ରସିଦ୍ଧ ପୁରୁଷୋତ୍ତମ ଦେବଙ୍କ ଯାତ୍ରା ଉପଲକ୍ଷେ ଜ୍ୟେଷ୍ଠ ମାସ ଶୁକ୍ଳ-ପକ୍ଷ ଦ୍ୱାଦଶୀ ଦିବସ ଚମ୍ପକଦ୍ୱାଦଶୀ ନାମକ ଗୋଟିଏ ଯାତ୍ରା ବହୁକାଳରୁ ସ୍ଥାପିତ ଅଛି । ଏହି ଯାତ୍ରା ଗଡ଼ମନ୍ଦାରରୁ ମା ୧ ଇଲ ଦୂରରେ ହୁଏ । କିନ୍ତୁ ଉକ୍ତ ଯାତ୍ରା ଏବର୍ଷ ଗତର ଜୁନ ମାସ ତା ୪ ଋଖ । ମ୍ । ଜ୍ୟେଷ୍ଠ ଦ ୨୩ ନ ମଙ୍ଗଳବାର ଉପସ୍ଥିତ ହେବାକାରଣରୁ ଗଡ଼ ନିକଟବର୍ତ୍ତୀ ଓ ୩ଂ ଶ୍ର ମହକୁମାସ୍ଥ ବାସିନ୍ଦାମାନେ ଯାତ୍ରାସ୍ଥାନରେ ଅନେକ ବାଣ ଓ ସେସକାଇ ଘେନି ଉପସ୍ଥିତ ଓ ପ୍ରଜାବତ୍ସଳ ଶ୍ରୀମନ୍ ମହାରାଜା-ମହୋଦୟ ମଧ୍ୟ ଗଡ଼ମନ୍ଦାରୁ ନାନାପ୍ରକାର ବାଣ ଷଡ଼ାଖଳ ପ୍ରଭୃତିମାନଙ୍କ ସେସକାଇ ଦିଅଇ ସ୍ୱୟଂ ଯାତ୍ରା ସ୍ଥାନରେ ଉପସ୍ଥିତ ହୋଇଥିଲେ । ଅନ୍ୟ ମଧ୍ୟ ନାନାସ୍ଥାନରୁ ନାଚୁଆ ଓ ସଙ୍କୀର୍ତ୍ତନ ଦୁଇଶତ ଦଳ ଉପସ୍ଥିତ ଥିବା ଯୋଗୁଁ ଯାତ୍ରାଟି ମହା ସମା-ରୋହରେ ସମାପନ ହୋଇ ଯାଇଅଛି । ମହା-ରାଜା ମହୋଦୟଙ୍କର ଏ ଯାତ୍ରାରେ ପ୍ରାୟ ଏକ ହଜାରଟଙ୍କା ଖର୍ଚ୍ଚ ଲାଗେ । ଅନ୍ୟାନ୍ୟ ବର୍ଷ ଅପେକ୍ଷା ଏବର୍ଷ ଯାତ୍ରୀ ସଂଖ୍ୟା ପ୍ରାୟ ଦଶଗୁଣ ହଜାର ଉପସ୍ଥିତ ଥିଲେ । ଏ ଯାତ୍ରାରେ ବାଣ-ଭିଆଣ ପ୍ରଧାନ ଥିବା ଯୋଗୁଁ ଲୋକସଂଖ୍ୟା

Digitized by srujanika@gmail.com

Split by PDF Splitter



ଅଧିକ ହୋଇ ଥାଏ । ଯାହା ହେଉ ବାହଲୀମାନ ନଷ୍ଟହେବା ସମୟରେ କୌଣସି ଅଭଦ୍ରତାଭିକ ନ ହୋଇ ଦର୍ଶକବୃନ୍ଦଙ୍କର ମନ ଆନନ୍ଦ ସାଗରରେ ନିମଗ୍ନ କରାଇ ଥିଲା । ଏଣୁକରି ଇଶ୍ୱରଙ୍କୁ ପ୍ରାର୍ଥନା ଯେ ଏ ପ୍ରସିଦ୍ଧ ଯାତ୍ରାକୁ ଶ୍ରୀମାନ୍ ମହାରାଜାଙ୍କଦ୍ୱାରା ଚିରୋନ୍ନତ କରାଇ ବର୍ଷ ୨ ଦର୍ଶକ ବୃନ୍ଦଙ୍କର ମନୋହର ବୃଦ୍ଧି କରନ୍ତୁ ଇତି ।

ଶ୍ରୀ ଭଗିରଥ   ତା ୧୮।୬।୯୫

---

ମହାଭାଗ !

ଅସ୍ମମାନଙ୍କ ଢେଙ୍କାନାଳ ଗଡ଼ସ୍ଥ ବାଇଫିହା ସବଡିଭିଜନ ଅଫିସ ପଶ୍ଚିମ ଦିଗସ୍ଥ ଅନତିଦୂରରେ ଏକ ଶିବମନ୍ଦିରର ଭଗ୍ନାବଶେଷ ଅଛି ଏବଂ ତନ୍ମଧ୍ୟରେ ଏକ ଭଗ୍ନ ଶିବମୂର୍ତ୍ତି ଶକ୍ତିଯୁକ୍ତ ହୋଇ ବହୁକାଳରୁ ଅନାସ୍ଥାଭାବସ୍ଥାରେ ବାସଜମାନ କରୁଅଛନ୍ତି । ଅସ୍ମମାନଙ୍କର ମାନନୀୟ ଅସିଷ୍ଟାଣ୍ଟ ମେନେଜର ଶ୍ରୀଯୁକ୍ତ ବାବୁ ପଦ୍ମନାଭ ବହୁପଥୀ ମହୋଦୟ ସାଧାରଣ ଯତ୍ନ ସହକାରରେ ସ୍ୱଦେଶୀୟ ଓ ବୈଦେଶିକ ଲୋକମାନଙ୍କ ଉପଦେଶ ପ୍ରଦାନ ପୂର୍ବକ ପ୍ରାୟ ଷଳଶତ ଟ ୬୦୦୧ ଙ୍କା ଚାନ୍ଦା ଆଦାୟ କରି ଉକ୍ତ ମନ୍ଦିର ନିକଟରେ ଗୋଟିଏ ପୁଷ୍କରିଣୀ ଖୋଳାଇ କରାଇ ଲୋକମାନଙ୍କ ଚିରସ୍ମରଣୀୟ ହୋଇ ଅଛନ୍ତି ।

ପୁନଶ୍ଚ ଏ ମହୋଦୟ ମୋଫସଲ ଗସ୍ତରେ ଯାଇ କଣ୍ଟୋର, କାନ୍ଦରାପୁର, ଓ ଗଡପର୍ଯ୍ୟନ୍ତ ପ୍ରଭୃତି ଗ୍ରାମମାନଙ୍କରେ ଜଳାଭାବ ବଶତଃ ଲୋକମାନଙ୍କର ସମୂହ କଷ୍ଟ ସନ୍ଦର୍ଶନ କରି ଉକ୍ତ ସ୍ଥାନୀୟ ଲୋକମାନଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ କେତେକ ଗୋଟି କୂପ ଓ ପୁଷ୍କରଣୀ ଖନନ କରାଇବାର ବନ୍ଦୋବସ୍ତ କରି ଦେଇ ଅଛନ୍ତି ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ ।

ଉପସଂହାର ସ୍ଥଳେ ମାନନୀୟ ସୁଧିବର୍ଗ ପାଠକମାନଙ୍କ ପ୍ରାର୍ଥନା ଯେ ଉପରୋକ୍ତ ଭଗ୍ନ ବିଗ୍ରହ [ ଶିବମୂର୍ତ୍ତି ] ପୁନଃସ୍ଥାପିତ ହୋଇପାରିବେ କି ନାହିଁ ଏବିଷୟ ଶାସ୍ତ୍ରୀୟ ପ୍ରମାଣ ସହ ଏହି ପତ୍ରିକାରେ ଉତ୍ତର ପ୍ରଦାନ କରି ଅସ୍ମମାନଙ୍କର ସନ୍ଦେହ ଛେଦନ କଲେ ଚିରବାଧିତ ହେବୁଁ । ଇତି ।

ବଶମ୍ବଦ ।

ଢେଙ୍କାନାଳ ବାଇଫିହା } ଶ୍ରୀରାମଚନ୍ଦ୍ର ନନ୍ଦ
୨୦।୬।୯୫ } ଶ୍ରୀସଦାନନ୍ଦ ରଥ

---

ମହାଶୟ !

ଗତ ଜୁନମାସ ତା ୧୨-୧୯ ଉଷ ଓ ଇହ ପୂର୍ବ ସଂଖ୍ୟା ସମ୍ବଲପୁରହିତୈଷିଣୀରେ ଅସ୍ମମାନଙ୍କର ଭକ୍ତିଭାଜନ ଶ୍ରଦ୍ଧାସ୍ପଦ ଶ୍ରୀଯୁତ ବାବୁ ମଧୁସୂଦନ ରାଓଙ୍କର ବାମଣ୍ଡା ଯିବା କଥା ପ୍ରକାଶ ହୋଇଅଛି କିନ୍ତୁ ମଧୁବାବୁଙ୍କର ବାମଣ୍ଡା ସମ୍ବଲପୁର ପ୍ରଭୃତି ପର୍ଯ୍ୟଟନରେ ସାଧାରଣର ଶିକ୍ଷୋପଯୋଗୀ ଯେଉଁ କଥାସବୁ ଅଛି ତାହା ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇ ନ ଥିବାରୁ ବର୍ତ୍ତମାନ ପ୍ରକାଶ କରିବା ଉଚିତ ମନେ କରୁଅଛୁଁ; କାରଣ ମଧୁବାବୁଙ୍କ କାର୍ଯ୍ୟଦ୍ୱାରା ଏକପକ୍ଷରେ ଯେପରି କଷ୍ଟକର ଚେଷ୍ଟା ରହିଲା ଅପର ପକ୍ଷରେ ଗୋଟିଏ ଉତ୍ତମ ସମସ୍ୟା କିପରି ପୂରଣ କରିବାକୁ ହେବ ତାହା ଶିକ୍ଷା ହେଲା । ଅବଶ୍ୟ ଅନେକ ଓଡ଼ିଆ ବଙ୍ଗଳା ଚକ୍ରୁଳଅପଶ୍ରାବ୍ୟର ଲଗ ଅଣ୍ଡା ଭଲସାମାନ ଲୋପ ହୋଇ ପାରେ ମାତ୍ର ଇହୁଁପାଇଁ କାହାର କଷ୍ଟ ଯାଏ ଅଥବେ ନାହିଁ । ଉପକ୍ରମଣିକାଟା ଟିକିଏ ବଡ଼ ହୋଇ ଗଲା । ମାତ୍ର ମଧୁବାବୁଙ୍କ କାର୍ଯ୍ୟଟି ଯେପରି ମହତ ତାହା ସଙ୍ଗରେ ତୁଳନା କଲେ ଏ ଉପକ୍ରମଣିକା କିଛି ନୁହେ । ସେ ଯାହା ହେଉ ବର୍ତ୍ତମାନ ଅସଲ କଥା ପ୍ରକାଶ କରୁଅଛୁ, ସାଧାରଣ ତାହାର ଗୁଣାଗୁଣ ବିଚାର କରନ୍ତୁ ।

ବାମଣ୍ଡାରୁ ବିଦାୟ ହେଲା ବେଳେ ବାମଣ୍ଡା ରାଜା ମଧୁବାବୁଙ୍କୁ ଟ ୨୦୦ ଙ୍କା ଦେଲେ । ଏ ଟଙ୍କା ସେ କାହିଁକି ଦେଲେ ଅବଶ୍ୟ ତାହା ରାଜା ମହୋଦୟ ଜାଣିଥିବେ । ଏହା କହିବାର କାରଣ ଏହି ଯେ ଦାନ କାହାକୁ ପ୍ରଭୃତ ହେଉ ଯେପରି ବନ୍ଧୁଲୋକଙ୍କୁ ସାହାଯ୍ୟ ଓ ସମ୍ମାନ କରିବା ଉଚିତ ସେପରି କରି ରାଜା ମହୋଦୟ ନିଜ ସୌଜନ୍ୟତା ଦେଖାଇ ଥିଲେ । ଏଣୁକରି ଟ ୨୦୦ ଙ୍କା ଦେବାର ଅର୍ଥ ବୁଝା ଯାଉ ନାହିଁ । ପୁଣି ବିଶ୍ୱାସସୂତ୍ରେ ଅବଗତ ହେଲୁଁ ଯେ ରାଜା ମହୋଦୟ କାହାରି୨କୁ ଏହିପରି ଦେଇଥିବାରୁ ଓ କେହି୨ ନାହିଁ ନାହିଁ ଅର୍ଥ ସି ମେଁମେଁଇଆ ସ୍ୱରରେ କହି୨ ମାଗି ଅଣିବାର ଜଣଶୁଣା ଥିବାରୁ କାଲେ ରାଜା କହୁ ସାଉନ୍ତି ଏହି ବିଷୟରେ ବାମଣ୍ଡା ଯିବାର ଅନେକ ଦିନ ପୂର୍ବରୁ ହିତୈଷିଣୀର ସମ୍ପାଦକ ନୀଳମଣି ବାବୁଙ୍କୁ ମଧୁବାବୁ ଧାଡ଼ାଙ୍କରେ ଜଣାଇ ଦେଇଥିଲେ ଯେ ସେ କିଛି ଗ୍ରହଣ କରିବେ ନାହିଁ । ଏ କଥା ନୀଳମଣି ବାବୁ ରାଜାଙ୍କୁ ଜଣାଇଥିଲେ କି ନା ଅସ୍ମେମାନେ ଜାଣୁ ନା । ସେ ଯାହା ହେଉ ରାଜା ଦୁଇଶତ ମୁଦ୍ରା ଦେଲେ । ମଧୁବାବୁ ଉତ୍ତମ ସମସ୍ୟାରେ ଅବତରଣ ଆଉ ଦାନ ଗ୍ରହଣ କଲେ । ମାତ୍ର ସେହି ଟ ୨୦୦ ଙ୍କା ମଧ୍ୟରୁ ମଧୁବାବୁ ଟ ୧୦୦ ଙ୍କା ବ୍ରାହ୍ମସମାଜ ଓ ଏକଶ ଟ ୧୦୦ ଙ୍କା କଟକ ସମାଲୋଚନା ସଭା ସଂଶ୍ଲିଷ୍ଟ ଦରିଦ୍ର ପାଣ୍ଠିକୁ ( Poor's fund ) ଦେଇଅଛନ୍ତି ବୋଲି ଶୁଣି ଅସ୍ମେମାନେ ଯତ୍ପରୋନାସ୍ତି ଆହ୍ଲାଦିତ ହେଲୁଁ । ରାଜାଙ୍କର ଅନୁରୋଧ ଗ୍ରହଣ ନ କରିବାଠାରୁ ମଧୁବାବୁଙ୍କର ଏ କାର୍ଯ୍ୟ ଯେ ଶତସହସ୍ରଗୁଣେ ପ୍ରଶଂସନୀୟ ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । ମଧୁବାବୁ ସ୍କୁଲମାଷ୍ଟର ଥିବାରୁ ତାଙ୍କୁ ବ୍ରାହ୍ମଣ ପଣ୍ଡିତ ମନେ କରି ଯଦି ରାଜା ମହୋଦୟ ଏପରି କାର୍ଯ୍ୟ କରିଥାନ୍ତି ତାହା ହେଲେ ରାଜାଙ୍କର ଏହା ନିତାନ୍ତ ଭ୍ରମ ଏବଂ ତାହାଦ୍ୱାରା ମଧୁବାବୁଙ୍କୁ ସମ୍ମାନ କରା ନ ହୋଇ ଯେ ଅପମାନ କରା ହୋଇଅଛି ଏଥିରେ ମତ ଭେଦ ନାହିଁ । ଅନ୍ୟ ଦେଶଭକ୍ତବୋଧୀ ଧର୍ମଶୁଷ୍କ ହେଲେ ସ୍ପୃହା ସ୍ୱଭାବ ଚରିତ ହେଲୁରୁ ମଧୁବାବୁ ଯେ ଅନେକ ଭଦ୍ର ଧର୍ମପ୍ରିୟ ଓ ଧନୀ ବ୍ୟକ୍ତିଙ୍କର ଭକ୍ତି ଓ ଶ୍ରଦ୍ଧାର ସ୍ଥଳ ତାହା ରାଜାଙ୍କର ଜାଣିବା ଓ ମନେ ରଖିବା ଉଚିତ ଥିଲା । ସେ ଯାହା ହେଉ ଏ ଘଟଣା ହେତୁରୁ ମଧୁବାବୁଙ୍କ ପ୍ରତି ଯେ ସାଧାରଣର ଭକ୍ତି ଶ୍ରଦ୍ଧା ବୃଦ୍ଧି ହେବ ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । କଥାରେ କହନ୍ତି ପଶ "ଭଲମାନେ ଭଲ ଦଏ ଭଲପୁର ଭଲୁଲଏ" ।

ଅଲମିତି ବିସ୍ତରେଣ

କଟକ } ଆପଣଙ୍କର ବଶମ୍ବଦ
୨୬।୬।୯୫ } ବୃଦ୍ଧ ଉତ୍କଳକ

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବୈକୁଣ୍ଠନାଥ ଦାସ କଟକ | ଟ ୧ ୮ |
| . ମଧୁସୂଦନ ଗଜପତି ହୌତ | ଟ ୩ ୮ |
| ରାଜା ବଳେଇ ବନଶ୍ରମପୁର | ଟ ୩ ୮ |

---

ବିଜ୍ଞାପନ ।

CHEAP ! CHEAP ! CHEAP

SCHOOL BOOKS.

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

Digitized by srujanika@gmail.com

Split by PDF Splitter



କଲେଜସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବରଯାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

## ବାତ୍ସଲ୍ୟଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୭୨ ଅଧ୍ୟାୟ

ବରଯାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲନିମନ୍ତେ ଡାକମାସୁଲ ଟ ୦/

---

## ଶ୍ରୀମଦ୍ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସମ୍ପୂର୍ଣ୍ଣ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଘର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶିତ ହୋଇଅଛି । ଅଭ୍ର ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା ଭକ୍ତପ୍ରବର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣବନ୍ଧ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବସିଥିବା ଭବଯୁକ୍ତ ସୁନ୍ଦର୨ ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୵ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତି ସୁଲଭ ମୂଲ୍ୟ ଟ ୦ ୵ ଧାର୍ଯ୍ୟ ହୋଇଅଛି ।

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଏ ତ ସୁ ଲ ଭ ମୂ ଲ୍ୟ ଟ ୦ ।୰ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରପ୍ରଭୃତି ସୁମଧୁର-ସ୍ୱରର ଅନେକ ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବମ୍ବା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

**NOTICE**

**THE**

# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ଣ୍ଣ ବିରଚିତ

ସତ୍ୟଭାମାସ୍ପୃଣ ଜନ୍ମପାଲା ମୂଲ୍ୟ ଟ ୦/ ଏକଅଣା
ପଦ୍ମଲୋଚନ ପାଲା ମୂଲ୍ୟ ଟ ୦/
ମର୍ଦ୍ଦଗାଳ ଜନ୍ମପାଲା ମୂଲ୍ୟ ଟ ୦୵
ଦଉଅର୍ଜ୍ଜୁନ ପାଲା ମୂଲ୍ୟ ଟ ୦୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ଯନ୍ତ୍ରସ୍ଥ ଅଛି

---

ହଜାରେ ଟଙ୍କା ପୁରସ୍କାର ।

# BISHAHARI.

## ବିଷହରି ।

ହତାଶ ହୁଅ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତପାର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ବ ୧୫ ଦିନ ଓ ପ୍ରମେହ ବ ୩ ଦିନ ନିଶ୍ଚୟ ଆରୋଗ୍ୟ ହୁଅନ ! ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସ୍ୱଶାସ୍ତ୍ରୀୟ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜ୍ଜିତ । ପାରା ବାହାରିଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଉଷଧର ଟ ୧ ଙ୍କା, ଲେପନଉଷଧର ଟ ୧ ଙ୍କା, କୁଷ୍ଠରୋଗର ପୂର୍ଣ୍ଣ ଟ ୪ ଙ୍କା, ପ୍ୟାକିଂ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ କଟକୁଷ୍ଠ ପାଲ ଏଣ୍ଡ କୋଂ, ଶୋଂଖାପଟି, ଚକାବଜାର କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାୟକ
ଇମ୍ପରିୟଲ ମେଡିକେଲହଲ ।
କଟକ ଓଡିଶା

---

ମଧ୍ୟପ୍ରଦେଶସ୍ଥ ସମ୍ବଲପୁର ଅନ୍ତର୍ଗତ ସୋନପୁର ଫ୍ୟୁଡେଟରିଷ୍ଟେଟ ନିମନ୍ତେ ମାସିକ ଟ ୫୦୲ ବେତନରେ ଜଣେ ଅନୁଭବୀ, ପରୀକ୍ଷୋତ୍ତୀର୍ଣ୍ଣ ଓ ପରିଶ୍ରମୀ ଓଭରସିୟର ଆବଶ୍ୟକ କାର୍ଯ୍ୟୋପଯୁକ୍ତ ବ୍ୟକ୍ତିମାନେ ଆପଣା୨ ସାର୍ଟିଫିକେଟର ନକଲ ସହିତ ନିମ୍ନଲିଖିତ ଠିକଣାକୁ ତା ୧୦।୭।୯୫ ପୂର୍ବେ ଦରଖାସ୍ତ ପଠାଇବେ । ମନୋନୀତ ବ୍ୟକ୍ତିକୁ ସମ୍ବାଦ ଦିଆଯିବ ଓ ଅନ୍ୟାନ୍ୟଙ୍କୁ ସମ୍ବାଦ ଦିଆଯିବ ନାହିଁ । ଇତି

୧୦।୬।୧୮୯୫ } ରାଜା ଶ୍ରୀ ପ୍ରତାପରୁଦ୍ରସିଂହଦେବ
ଫ୍ୟୁଡେଟରି ଚିଫ ସୋନପୁର
ନ ସମ୍ବଲପୁର ସି ପି

---

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

ପଦ୍ୟକଥାମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଲେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

---

## ବିଜ୍ଞାପନ ।

ନିମ୍ନସ୍ୱାକ୍ଷରିତ ସମେଶ୍ୱର ନିବାସୀ ବୈଦ୍ୟ ବୈଷ୍ଣବ, ଭାରତବର୍ଷର ବହୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡକୁ ସ୍ୱାସ୍ଥ୍ୟ ସାଧନ ଭଜନର ଏକ ମାତ୍ର ଉପଯୁକ୍ତ ସ୍ଥାନ ଜ୍ଞାନ କରି, କଟକ ନଗରର ଅନ୍ତଃପାତୀ ଦର-

Digitized by srujanika@gmail.com

Split by PDF Splitter



ଖାବଜାରର ଚକ୍ରବର୍ତ୍ତୀ ୰ ଶ୍ୟାମମୋହନ ସ-
ଜାତଜ୍ଞମୀର ପଶ୍ଚିମପାର୍ଶ୍ୱ ବାଂଶଗଳ ନାମକ ସ୍ଥାନ-
ରେ ସ୍ୱୀୟ ଉପାସ୍ୟ ଦେବତା ଶ୍ରୀଶ୍ରୀ ଭଗବାନ
ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ
ଉନ୍ନମୂର୍ତ୍ତି ଓ ଭଗବାନ ଗୋକୁଳବିହାରୀ ଶ୍ରୀକୃଷ୍ଣ
ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି
ପଞ୍ଚମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ
ତେଣୁ ସଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉ-
ଦ୍ୟୋଗୀ ହୋଇଅଛନ୍ତି । ଉକ୍ତ ବୃହତ୍ କାର୍ଯ୍ୟ
ସମ୍ପନ୍ନ ହେବାପାଇଁ ଅନ୍ୟୂନ ୫୦୦୦ ପାଞ୍ଚ
ସହସ୍ର ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଦରିଦ୍ର
ସ୍ୱୀୟ ଇଷ୍ଟସ୍ୱାର୍ଥ ପାରମାର୍ଥିକ ଦାତବ୍ୟ ପ୍ରତି ନିର୍ଭର
କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛନ୍ତି ।
ବର୍ତ୍ତମାନ ବିନୀତ ପ୍ରାର୍ଥନା ଯେ ଦାତାମାନେ ସ୍ୱସ୍ୱ
ପାରମାର୍ଥିକ ଭକ୍ତିଶ୍ରଦ୍ଧା ଗୁଣରେ ସ୍ୱୀୟ ଅବସ୍ଥାନୁ-
ଯାୟୀ ଯଥାସମ୍ଭବ ସାହାଯ୍ୟ ଦାନ କରି ଉକ୍ତ
କାର୍ଯ୍ୟ ସମାଧା କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ, ଯେଉଁ
ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ
ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ
ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସ-
ମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟ
ଙ୍କର ଅଥବା କଟକ ଚୌଧୁରୀବଜାର ନିବାସୀ
ମହାଜନ ଶ୍ରୀଯୁକ୍ତ ପଶୁମୂର୍ତ୍ତି ସନ୍ନ୍ୟାସୀଙ୍କ ଠିକ-
ଣାରେ ମୋହଠାରୁ ଅର୍ଥସାହାଯ୍ୟ ପଠାଇଲେ
ମୁଁ ପ୍ରାପ୍ତ ହେବି ଇତି ।

ତା ।୬।୯୫ } ନିବେଦକ
କଟକ } ବାବାଜୀ ଅନନ୍ତାଅପଲଦାସସ୍ୱାମୀ


## ବିଜ୍ଞାପନ ।

ସ୍ତ୍ରୀ ମୂଳାଭଞ୍ଜନ ଚୂର୍ଣ୍ଣ ।

ନୂତନ ଓ ସମ୍ପୂର୍ଣ୍ଣ ପରୀକ୍ଷିତ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ,
ଶ୍ଳେଷ୍ମଜ, ଆମଜ ଓ ପରିଣାମଜ ଇତ୍ୟାଦି ସ-
ର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠ-
ବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର
ଉଦରର ବାୟୁରୋଗ ଅଚିରେ ଆରୋଗ୍ୟ
ହୁଏ । ଏହା ଆମ୍ଭର ବହୁବାରରୂପେ ପରୀକ୍ଷିତ
ଔଷଧ କ୍ରମାଗତ ସେବନ କଲେ ସମ୍ପୂର୍ଣ୍ଣରୋଗମୁକ୍ତି
ଉପକାର ପାଇ ପାରିବେ ବିଶେଷ ଅନୁମତି-
ପତ୍ର ବଙ୍ଗଳ ଲେଖିକା କମ୍ପ୍ରୋବେଲ (ଫଲେ-
ଡ ଉପଦିଷ୍ଟରେ) ଯେଉଁମାନେ ଶୂଳରୋଗାକ୍ରାନ୍ତ
ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର
କରି ମୃତ୍ୟୁ ବରଂ ମାତ୍ର ଉପକାର ପାଇ ନାହାନ୍ତି
ସେମାନେ ଆମ୍ଭ ଅବଶ୍ୟ ଏହି ନୂତନ ଔଷଧ
ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା
ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧା-
ରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି
ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଙ୍କା
ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-
ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତହେବ
ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର } କବିରାଜ
ସଦର କଟକ } ଶ୍ରୀ କାଳିକୃଷ୍ଣ ଦାସ
ବାବୁରାଧାଶ୍ୟାମ-
ସରକାରଙ୍କ ବସାରେ

## ଘଣ୍ଟା ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ ସୁନ୍ଦର
ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା
ଉତ୍ତମ ନିୟମରେ ନୂତନ କାରିଗରଦ୍ୱାରା
ସୁନ୍ଦର ହେଉଅଛି । ଯାହାଙ୍କର ଦରକାର ହେବ
ସେ ଏଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ
ଜାଣିପାରିବେ ଏହାଛଡ଼ା ଦାମଦସ୍ତୁରୀ ବାକୀ
ମିନିକରେଲ ବାକ୍ସ ଏବଂ ଲୁସାଡିଲାଇଜ ପ୍ରଭୃତି
ମରାମତ କରାଯାଇବ ।

ଘଡର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ
ବର୍ଷ ପର୍ଯ୍ୟନ୍ତ ଯେତେବେଳେ ଦିଆଯିବ ଅର୍ଥାତ୍
ମରାମତି ହୋଇବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ
ନ ଚଳିଲେ ପୁନର୍ବାର ବିନାମୂଲ୍ୟ କରାଯାଇବ ।

ପ୍ରକାଶଥାଉ କି ଘଡ଼ୀଘରର କାରିଗର
ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହ-
କଙ୍କ ନିକଟରେ ପରିଚୟ ଦେବାରୁ ଅସମ୍ଭବ
ନୁହେ । ଏହିପରି କେତେକ ଘଟନା ଶୁଣିବାରୁ
ତର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉ-
ଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର
ଲୋକଙ୍କର କଥାରେ ନ ଭୁଲି ସ୍ୱହସ୍ତରେ ଘଡ଼ୀ
ଛାପାଖାନାକୁ ପଠାଇଦେଇ ଛାପା ରସିଦ ଗ୍ରହଣ
କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୁପାର ଗିଲ୍ଟି କର୍ମ ମଧ୍ୟ ଏଠାରେ
ହୁଏ ।

୧୭ । ୪ । ୯୫ } ଶ୍ରୀ ଗୌରୀଶଙ୍କର ରାୟ
କଟକପ୍ରିଣ୍ଟିଂକମ୍ପାନୀ }
ଅଫିସ କଟକ }

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବ୍ରହ୍ମାଣ୍ଡଭୂଗୋଳ ।

ଦ୍ୱିତୀୟ ଅର୍ଦ୍ଧକ ସମ୍ବାଦ

ମୂଲ୍ୟ ୫୦ ।

ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ

ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ମାଇନର, ଏଣ୍ଟ୍ରାନ୍ସଲର, ଅପରପ୍ରାଇମେରୀ
ଓ ଲୋଅର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ
ପାଠ୍ୟପୁସ୍ତକ ଓ ଉଡ଼ିଷ୍ୟାର ମାନଚିତ୍ର, ଓ ଅଟ୍ଲାସ,
ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ
ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକା-
ନରେ ବିକ୍ରୟ ହେଉଅଛି ସ୍କୁଲର ଶିକ୍ଷକ
ଶିକ୍ଷକମାନେ ଅତ୍ୟଳ୍ପକରେ ପାଇପାରିବେ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର
ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୵୵ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୵୵ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ
ହେଁ ଦର ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ-
ଥରର ଅର୍ଦ୍ଧେକ ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ
ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ-
ବାକୁ ହେବ ।


ଏହି ଉତ୍କଳଦୀପିକା ସମ୍ବାଦପତ୍ର କଟକ ଦରଘାବଜାରର କଟକ
ପ୍ରିଣ୍ଟିଂକମ୍ପାନୀ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।


୪୦ ଶ ଭାଗ
୨୬ ସଂଖ୍ୟା

ଶା ୭ ଭାଗ ମାଚେ ଜୁଲାଇ ସନ ୧୮୯୫ ... ଓ ୨୪ ଷ ଆଷାଢ଼ ... ସାଲ ...।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬


ମଧ୍ୟ ଭାରତରେ ଅତି ସୁମିଷ୍ଟ କମଳାଲେମ୍ବୁ ଜନ୍ମେ । ବଙ୍ଗଲା ନାଗପୁର ରେଲ ଯୋଗେ ଏହି ଲେମ୍ବୁ ଗତ ଗ୍ରୀଷ୍ମ କାଳର ଆରମ୍ଭରେ କଲିକତାକୁ ଅନେକ ଆସିଥିଲା । ନାଗପୁରର ଜଣେ ଇଂରାଜ ସେହି ଲେମ୍ବୁ ବିଲାତକୁ ପଠାଇବାର ଆରମ୍ଭ କରିଅଛନ୍ତି ଏବଂ ସେଠାରେ ତହିଁର ବଡ଼ ଆଦର ହୋଇଅଛି । ସୁତରାଂ ଚାଷୀ ଅବଶ୍ୟ ଏଥିରେ ଲାଭବାନ୍ ହେବେ ।

—※—

ବଙ୍ଗଲା ନାଗପୁର ରେଲକୁ ମେଦନୀପୁର କାଟେ କଲିକତା ପର୍ଯ୍ୟନ୍ତ ଓ କଟକ କାଟେ ମେଦନୀପୁର ପର୍ଯ୍ୟନ୍ତ ବଢ଼ାଇବାର ଯେ ପ୍ରସ୍ତାବ ମଞ୍ଜୁର ହୋଇଥିଲା ତହିଁ ସମ୍ବନ୍ଧୀୟ ସମସ୍ତ ବନ୍ଦୋବସ୍ତ ଉକ୍ତ ରେଲକୋମ୍ପାନୀସହିତ ଇଣ୍ଡିଆ ଅଫିସରୁ ହୋଇଯାଇ ଅଛି । ବର୍ତ୍ତମାନ କେବଳ କାର୍ଯ୍ୟ ହେବାରେ ଯାହା ବିଳମ୍ବ ମାତ୍ର କର୍ମାରମ୍ଭ କାର୍ଯ୍ୟ ଶୀଘ୍ର ହେବ ସନ୍ଦେହ ନାହିଁ । ଖାସ ସରକାର ହାତରେ ଅର୍ଥକଷ୍ଟର କଥା ଘଟନ୍ତା ।

———

ବମ୍ବେଇରେ କେତେ ଗୁଡ଼ିଏ ଟଙ୍କା ବର୍ତ୍ତମାନ ପାଯାଇ ଯାଇଅଛି ଯେ ତହିଁ ଉପରେ ସନ ୧୮୯୪।୯୫ ସାଲ ଛାପା ହୋଇଅଛି । ଗତ ବର୍ଷଠାରୁ ସରକାରୀ ଟଙ୍କଶାଲମାନଙ୍କରେ ନୂତନ ଟଙ୍କା ତିଆରି ହେବା କାର୍ଯ୍ୟ ବନ୍ଦ ଥିବା ପ୍ରତ୍ୟକ୍ଷେ ଏ ଟଙ୍କାମାନ କାହୁଁ ଆସିଲା ? ସମ୍ଭବତଃ ଏସମସ୍ତ କୃତ୍ରିମ ଟଙ୍କା ଅଟେ । ଯେବେ ଏତତ ଅତ୍ର ଆ ଲାଗୁଅଛି କି ଯେ ବ୍ୟକ୍ତି ଏତେ ବିଚ-କ୍ଷଣ ଯେ ଜାଲମୁଦ୍ରା ଗଢ଼ିପାରେ ସେ ତ ସାଲ ବଦଳାଇ ଧନ୍ଦ ପଡ଼ିବାର ବାଟ କରେ ।

———

ଗତ ସପ୍ତାହର ବୃଷ୍ଟି କଟକ ଓ ପୁରୀଜିଲ୍ଲାରେ ବିଶେଷ ଥିଲା । ବାଲେଶ୍ବରରେ କିଛି ଊଣା ଥିବାର ଜଣା ଯାଏ । ଏହି ଅତିବୃଷ୍ଟି ଓ ତହିଁ ସଙ୍ଗେ ପ୍ରବଳ ନଦୀବଢ଼ି ହେବାରୁ ମୋଫସଲର ଅନେକ ସ୍ଥାନର ବିଲରେ ଏତେ ଜଳ ହୋଇ-ଅଛି ଯେ ଗତ ଶନିବାରଠାରୁ ଦ ୫ ନ କ୍ରମା-ଗତ ଖରା ଓ ଶୁଖିଲା ପାଗ ହେବା ପ୍ରତ୍ୟକ୍ଷେ ଜଳ ବାହାର ଯାଇ ନାହିଁ ଏବଂ ଧାନଗଛମାନ ବୁଡ଼ି ରହି ଅଛି । ଏଥିପାଇଁ କୃଷକମାନେ ମହା ଚିନ୍ତିତ ଅଛନ୍ତି । ଜଳ ଶୁଖିଲେ କ୍ଷତିର ପରିମାଣ ଜଣା ପଡ଼ିବ ।

———

ଶୁଣାଯାଏ ଯେ ଭାରତ ଗବର୍ଣ୍ଣମେଣ୍ଟ ଚିତ୍ରାଲ ସମ୍ବନ୍ଧରେ ବିଲାତ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଏହିପରି ପ୍ରସ୍ତାବ କରି ପଠାଇ ଅଛନ୍ତି ଯେ ଚିତ୍ରାଲ ରକ୍ଷାର ଦଖଲ ଛଡ଼ିବ ନାହିଁ ମାତ୍ର ଅଧିକନ୍ତୁ ସେନା ଯେତେ ଶୀଘ୍ର ସମ୍ଭବ ବାହୁଡ଼ାଇ ଆଣିବାକୁ ହେବ କାରଣ ସୈନ୍ୟଙ୍କ ବ୍ୟୟ ଅତ୍ୟନ୍ତ ଅଧିକ ହୋଇ ଅଛି । ଏଥିମଧ୍ୟରେ ଯେତେବେଳେ ସୈନ୍ୟ ଫେରି ଆସିବାର ଆଦେଶ ହୋଇ ଅଛି ମାତ୍ର ବିଲାତର ମନ୍ତ୍ରୀଦଳ ପରିବର୍ତ୍ତନ ହେବାରୁ ଚିତ୍ରାଲ ସମ୍ବନ୍ଧୀୟ ଶେଷ ନିଷ୍ପତ୍ତିରେ କିଛି ବିଳମ୍ବ ହେବ ।

———

ଉତ୍ତର ପଶ୍ଚିମ ଗବର୍ଣ୍ଣମେଣ୍ଟ କେତେ ଗୁଡ଼ିଏ ସମ୍ବାଦପତ୍ରକୁ ସାହାଯ୍ୟ କରୁଥିଲେ । ବଡ଼ଲାଟଙ୍କ ସଭାରେ ଏ ବିଷୟରେ ପ୍ରଶ୍ନ ଉପସ୍ଥିତ ହୋଇ କଇଫିଅତ ତଲବ ହେବାରୁ ସମ୍ପ୍ରତି ଉତ୍ତର ପଶ୍ଚିମର ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ଆପଣା ଅଧୀନସ୍ଥ ସ୍କୁଲ ଇନସ୍ପେକ୍ଟରମାନଙ୍କୁ ଏକ ସରକୁଲର ଦ୍ବାରା ଜଣାଇ ଦେଇଅଛନ୍ତି ଯେ ଏଣିକି ଗବର୍ଣ୍ଣମେଣ୍ଟ ଅଯୋଧ ପଞ୍ଚ, ଅଲି-ଗଡ଼ ଗେଜେଟ ଏବଂ ପଞ୍ଜାବ ପେଟ୍ରିଅଟ ଆଉ କିଣିବେ ନାହିଁ । ଭରସାକରୁଁ ଉକ୍ତ ପତ୍ରିକାମାନ ସ୍ବାଧୀନ ମତ ପ୍ରକାଶ କରିବାକୁ ଆଉ ଚମ୍ପଲଙ୍କ କରିବେ ନାହିଁ ।

———

ସମ୍ବଲପୁର ହିତୈଷିଣୀର ଗତ ମାସ ତା ୮ ଓ ୧୯ ତାରିଖର ସଂଖ୍ୟାମାନ ଉପଯୁକ୍ତ ଆକାରରେ ଏକ ପତ୍ରିକାରେ ପ୍ରକାଶିତ ହୋଇଅଛି ଏବଂ ତହିଁରେ ଉତ୍କଳଦୀପିକାର ନାମ ଲେଖିତ ଭ୍ରମ ସଂଶୋଧିତ ହୋଇ ଅଛି ଯଥା ।

୧ । ମଧ୍ୟପ୍ରଦେଶର ଚିଫ୍ କମିଶନର ବାମ-ଣ୍ଡାର ଗୋଳମାଳ ନିବାରଣ କରିବାକୁ ନ ଆସି କେବଳ ଭ୍ରମଣୋଦ୍ଦେଶରେ ଆସିଥିଲେ ।

Digitized by srujanika@gmail.com

Split by PDF Splitter



୨ । ମିଷ୍ଟର ହନୁମାନ ପ୍ରସାଦ ଓଡ଼ିଆ ଭାଷା ପ୍ରଚଳିତ ଷ୍ଟେଟମାନଙ୍କର ଡେପୁଟୀ ଇନସ୍ପେକ୍ଟର ନ ଥାଇ କେବଳ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ହିନ୍ଦି ପ୍ରଚଳିତ ବିଦ୍ୟାଳୟମାନଙ୍କର ପରିଦର୍ଶକ ଥିଲେ ।

---

ଚବିଶ ପରଗନା ଅନ୍ତର୍ଗତ ଟାକୀର ଜମିଦାର ବାବୁ ଜ୍ୟୋତିନ୍ଦ୍ରନାଥ ଚୌଧୁରୀ ଏମ, ଏ, ବି, ଏଲ, ଆଉ ଗବର୍ଣ୍ଣମେଣ୍ଟ ସ୍କୁଲରେ ପଢୁଥିବା ବିଦେଶୀୟ ଛାତ୍ରମାନଙ୍କ ରହିବା ନିମନ୍ତେ ସେହି ସ୍କୁଲ ସଂଲଗ୍ନରେ ତିନିହଜାର ଟଙ୍କା ବ୍ୟୟକରି ଏକ ପକ୍କା ଛାତ୍ରାବାସ ଓ ବହୁ ବେଞ୍ଚ ଆଇପର ଭିଅର ବଉ ଜିନ୍ତ ଗୃହମାନ ନେଇତି ସହିତ ସରକାରଙ୍କୁ ଅର୍ପଣ କରିବାରୁ ମାନ୍ୟବର ଲେଫ୍ଟେଣ୍ଟ ଗବର୍ଣ୍ଣର ତାହା ଗ୍ରହଣ କରି ତାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି । ଏହି ଛାତ୍ରାବାସ ନିର୍ମାଣରେ ତିନିହଜାର ଟଙ୍କା ବ୍ୟୟ ହୋଇ ଅଛି ଏବଂ ଏହିଁରେ ନ ୨୫ ଣ ଛାତ୍ର ରହିବାର ସ୍ଥାନ ଅଛି । ଅନ୍ୟାନ୍ୟ ଜମିଦାରଙ୍କର ଏହା ଅନୁକରଣୀୟ ଅଟେ ।

---

କଲିକତା ଏବଂ ତହିଁର ଅନ୍ତଃପାତୀ ଦାତବ୍ୟ ଚିକିତ୍ସାଳୟରେ ଇଉରୋପୀୟ ଏବଂ ଫିରିଙ୍ଗି ବାହାରରୋଗୀଙ୍କ ସମ୍ବନ୍ଧରେ ନିୟମ ହୋଇଅଛି କି ସେହିମାନେ ମୂଲ୍ୟ ଦେବାକୁ ଅକ୍ଷମ କେବଳ ସେମାନଙ୍କୁ ବିନାମୂଲ୍ୟରେ ଔଷଧ ଦିଆଯିବ ଏହି ନିୟମାନୁସାରେ କାର୍ଯ୍ୟ ହେବାରୁ ମେଡ଼ିକଲ ଏବଂ କାମ୍ବେଲ ଡାକ୍ତରଖାନାମାନଙ୍କର ବାହାର ରୋଗୀ ସଂଖ୍ୟା ଊଣା ହୋଇଅଛି । ମାତ୍ର ମେଡ଼ିକଲ କଲେଜ ଡାକ୍ତରଖାନା ଛାତ୍ରମାନେ ଏ ନିୟମ ପାଳିବାକୁ କଷ୍ଟ ଅନୁଭବ କରୁଅଛନ୍ତି ସେମାନେ କହୁଛନ୍ତି ଯେ ପୀଡ଼ିତ ବ୍ୟକ୍ତିଙ୍କ ତାହାର ଅର୍ଥ ଓ ଅବସ୍ଥା ସମ୍ବନ୍ଧରେ ପ୍ରଶ୍ନ ଜିଜ୍ଞାସା କରନ୍ତୁ କରିବା ଭଲ ନୁହେ । ଏ ଛାତ୍ରମାନେ ବାସ୍ତବରେ ଦୟାବାନ ଅଟନ୍ତି ।

---

ଲଣ୍ଡନ ନଗରରେ ପ୍ରତିଦିନ ଶହେ୨ ଶିଶୁଙ୍କୁ ସେମାନଙ୍କ ମାତା ବା ଅଭିଭାବକଠାରୁ ଭିକ୍ଷୁକମାନେ ବଢ଼ାଇନେଇ ସଡ଼କ ପାଶରେ ଛିଡ଼ା ହୋଇ ଦୟାବାନ ବାଟୋଇମାନଙ୍କଠାରୁ ଅର୍ଥ ଠକି ନିଅନ୍ତି । ପ୍ରକୃତରେ ଅନାଥ ଦରିଦ୍ର ଶିଶୁଙ୍କ ସାହାଯ୍ୟ ନିମନ୍ତେ ଭିକ୍ଷୁକମାନେ ପ୍ରାର୍ଥନା କରୁଅଛନ୍ତି ବୋଲି କହିବାରୁ ବାଟରେ ଯୁବତି-ବା ଭଦ୍ରଲୋକମାନେ ପ୍ରତାରିତ ହୋଇ ଯାଉଅଛନ୍ତି ତହିଁରୁ ଭଡ଼ା କାଟିଦେଇ ଅବଶିଷ୍ଟ ସେମାନେ ଭୋଗ କରନ୍ତି । ବିଚାର ପରମାଣ ଶିଶୁ ପ୍ରତିଦିନଙ୍କୁ ପ୍ରାୟ ୫୦୦ । ଏକ୨ ସ୍ତ୍ରୀ ମୂକଅଙ୍କ ଶିଶୁଙ୍କ ଧାଇପଣିଆ କରି ଦଶହାର ଶିଶୁ ଆପଣା ପାଖରେ ରଖିଥାନ୍ତି ଓ ସେମାନଙ୍କୁ ଦିନବେଳେ ଭଡ଼ା ଦେଇ ବିଲକ୍ଷଣ ରୋଜଗାର କରନ୍ତି । ବିଲାତି ଠକଙ୍କୁ ପାଇବାର ନୁହେ ।

—*—

ସମସ୍ତ ବଙ୍ଗ ପ୍ରଦେଶରେ ପାଞ୍ଚୋଟି ପାଗଲାଖାନା ଅଛି ଯଥା, ହୋଗଲା, ଢାକା, ପାଟନା, ବହରମପୁର ଓ କଟକ । ପ୍ରଥମ ଦୁଇ ପାଗଲାଖାନା ବଡ଼ । ପ୍ରତ୍ୟେକରେ ପ୍ରାୟ ନ ୩୦୦ ଣ ପାଗଲ ଅଛନ୍ତି । ତହିଁ ତଳେ ପାଟନା ଓ ବହରମପୁର । ଏହି ଦୁଇ ପାଗଲାଖାନାର ଜନସଂଖ୍ୟା ପ୍ରାୟ ୨୫୦, କଟକ ପାଗଲାଖାନା ସବୁଠାରୁ ଛୋଟ । ଏଠାରେ ସନ ୧୮୯୪ ସାଲ ଆରମ୍ଭରେ ନ ୨୧ ଣ ଏବଂ ସେହି ବର୍ଷ ଶେଷରେ ନ ୨୦ ଣ ପାଗଲ ଥିଲେ ଅଳ୍ପ ସଂଖ୍ୟକ ପାଗଲ ଥିବାରୁ ଏଠା ବ୍ୟୟ ଜଣପ୍ରତି ଟ ୧୮୨୮ ଙ୍କ ପଡ଼ିଅଛି । ଅନ୍ୟାନ୍ୟ ପାଗଲାଖାନା ମଧ୍ୟରେ ହୋଗଲାର ବ୍ୟୟ ଜଣପ୍ରତି ଟ ୧୩୯ ନଉବା । ଅନ୍ୟ ସ୍ଥାନରେ ଏକଶତ ଟଙ୍କା ଏବଂ ତହିଁରୁ ଊଣା ଅଟେ ।

—*—

ଲର୍ଡ଼ ସାଲିସବରୀ ଆପଣା ଦଳସ୍ଥ ଲୋକଙ୍କ ସଙ୍ଗେ ପରାମର୍ଶ କରି ମନ୍ତ୍ରିତ୍ୱଗ୍ରହଣ କରିବାକୁ ସମ୍ମତ ହୋଇ ପରମ୍ପରା ପ୍ରଥାନୁସାରେ ମହାମାନ୍ୟ ଶ୍ରୀମତୀ ମହାରାଣୀଙ୍କ ହସ୍ତ ଚୁମ୍ବନ ପୂର୍ବକ କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି ଏବଂ ଏଥିମଧ୍ୟରେ ନୂତନ ମନ୍ତ୍ରି ଦଳର ସଭ୍ୟମାନେ ନିଯୁକ୍ତ ହୋଇ ଅଛନ୍ତି ଯଥା ।

ଲର୍ଡ ସାଲିସବରୀ—ପ୍ରଧାନ ମନ୍ତ୍ରୀ ଓ ବୈଦେଶିକ ବ୍ୟାପାରର ଷ୍ଟେଟ ସେକ୍ରେଟରି
ଡ୍ୟୁକ ଅଭ ଡିଭନସାୟର—ପ୍ରଧାନ ସଭାପତି
ସର ମାଇକେଲ ହିକସବିଚ—ଏକ୍ସଚେକର
ଗୋସେନ ସାହେବ—ଏଡ଼ମିରାଲଟି
ବାଲଫର ସାହେବ—ଧନାଗାରର ପ୍ରଧାନ ଲର୍ଡ ଏବଂ କମନସ ସଭାର ନେତା
ଚେମ୍ବରଲେନସାହେବ—ଔପନିବେଶିକ ଷ୍ଟେଟ ସେକ୍ରେଟରି
ମାର୍କୁଇସ ଅଭ ଲାନସଡାଉନ—ସମରବିଭାଗ ଷ୍ଟେଟ ସେକ୍ରେଟରି
ଲର୍ଡ ଜର୍ଜ ହାମିଲଟନ—ଭାରତବର୍ଷର ଷ୍ଟେଟ ସେକ୍ରେଟରି

---

ରାଜପୁତାନା ପ୍ରଦେଶରେ ରାଜପୁତ୍ର ହିତକାରିଣୀ ସଭା ନାମରେ ଗୋଟିଏ ସମାଜ ଅଛି । ବିବାହ ଏବଂ ଶ୍ରାଦ୍ଧର ବ୍ୟୟ ସଙ୍କୋଚ ଏବଂ ବାଲ୍ୟବିବାହ ନିବାରଣ ବିଷୟରେ ଏ ସମାଜ ଚେଷ୍ଟା କରି ଅନେକ ପରିମାଣରେ ସଫଳ ହୋଇ ଅଛନ୍ତି । ସଭାର ଅନୁକୂଳ୍ୟରେ ଗତ ବର୍ଷ ୫୩୮୨ ବିବାହ ହୋଇଥିଲା ଯେ ତହିଁ ମଧ୍ୟରୁ ୫୨୨୮ ଟିରେ ବରର ବୟସ ନ ୨୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୨୪୬ ଟିରେ କନ୍ୟାର ବୟସ ନ ୧୬ ବର୍ଷରୁ ଉର୍ଦ୍ଧ୍ୱ ଥିଲା । କେବଳ ୧୫ ଟିରେ ବର ଓ କନ୍ୟାର ବୟସ ଦଶବର୍ଷରୁ ଊଣା ଥିଲା ସେସବୁ ଲିଖିତ ବିବାହର ଅଧିକାଂଶ ଏକା ଉଦେ-ପୁର ରାଜ୍ୟରେ ଘଟିଥିଲା । ଏଥିରୁ ଦେଖାଯାଏ ଯେ ରାଜପୁତ୍ରମାନଙ୍କ ମଧ୍ୟରେ ବିଲକ୍ଷଣ ଐକ୍ୟତା ଅଛି ସେମାନେ ଏକ ପକ୍ଷରେ ଯେମନ୍ତ ପରାକ୍ର-ମୀ ଅନ୍ୟ ପକ୍ଷରେ ସେମନ୍ତ ସମାଜ ଶାସନର ବଶବର୍ତ୍ତୀ । ଏହାହିଁ ପ୍ରକୃତ ଶାସନର ପରିଚୟ ।

---

ଏ ନଗରସ୍ଥ ପ୍ୟାରୀମୋହନ ଏକାଡ଼େମି ନାମକ ବିଦ୍ୟାଳୟର ପ୍ରଧାନ ଶିକ୍ଷକର ପଦ ଶୂନ୍ୟ ଥିବାରୁ ତହିଁ ନିମନ୍ତେ ନ ୧୨ ଣ ବି, ଏ, ଉପାଧିଧାରୀ ପ୍ରାର୍ଥୀ ହୋଇ ଥିଲେ । ଉକ୍ତ ପଦର ବେତନ ଟ ୫୦ କା । ପ୍ରାର୍ଥୀଙ୍କ ମଧ୍ୟରୁ କେହି୨ ଅଳ୍ପ ବେତନରେ କାର୍ଯ୍ୟ କରୁ ଅଛନ୍ତି ଏବଂ କେହି୨ ବେକାର ଅଛନ୍ତି । ଏପର୍ଯ୍ୟନ୍ତ ଓଡ଼ି-ଶାରୁ ଅଳ୍ପ ଲୋକ ବି, ଏ, ପାସ କରିଥିବା ପ୍ରଭ୍ୟଗେ ସେବେ ସୁଜନ ସକାଶେ ଏପରି ଧନ୍ଦାପଶ୍ଚ ହେବେ ଏଣିକି ଅଧିକଲୋକ ପାସ କଲେ କ ନ ହେବ । ଏହା ଭିନ୍ନ କେହି ଯେ-ମନ୍ତ ଉଚ୍ଚଶିକ୍ଷାକୁ ବନ୍ଦ ଉଚିତ କରିବେ ନାହିଁ କାରଣ ବିଦ୍ୟା ଦ୍ୱାରା ମନୁଷ୍ୟର ଲାଭ କେବଳ କଠିନ ଏବଂ ଧନ୍ୟାହିଁ ପରମ ପଦାର୍ଥ । ତେବେ ସେ-ମାନେ କେବଳ ଚାକିରୀପାଇଁ ଲାଳାୟିତ ନ ହୋଇ ସେମାନଙ୍କର ବେଳକୁ ସାବଧାନ ହୋଇ ରୋଜଗାରର ଅନ୍ୟାନ୍ୟ ଉପାୟ ଖୋ-ଜିବା ଉଚିତ । ଚେଷ୍ଟା ଓ ଯତ୍ନକଲେ ଉପାୟର ଅଭାବ ହେବ ନାହିଁ ମାତ୍ର ଏଠାରୁ ବହୁଲୋକ ସେବା ବା ବଡ଼ ଚାକିରୀ ପାଇବାର କାମନା କଲେ ତାହା ପୂର୍ଣ୍ଣ ହେବା ଦୁସ୍ତର ।

—*—

ଏ ସପ୍ତାହର ଜଳବୃଷ୍ଟି ଏବେ ପ୍ରବଳ ହୋ-ଇଥିଲା ଯେ ଗତ ସୋମବାର ରାତିଯୋଗେ ୨୪ ଘଣ୍ଟା ଜଳ ଉଠିବାରୁ ଏ ନଗର ଉଚ୍ଚାଟନ-

Digitized by srujanika@gmail.com

Split by PDF Splitter



ନ୍ତେ ତାଉକମାସ୍ତର କର୍ମଚାରୀମାନେ ବ୍ୟସ୍ତ ହୋଇଥିଲେ । ଈଶ୍ୱରଙ୍କ ଇଚ୍ଛାରୁ ସେହିଦିନ ସନ୍ଧ୍ୟାବେଳକୁ ଜଳ ଛାଡ଼ିବାର ଆରମ୍ଭ ହୋଇ ବର୍ତ୍ତମାନ୍ ଏ ନାଳର ସ୍ୱାଭାବିକ ଅବସ୍ଥାକୁ ଆସିଅଛି । ଏହି ବଢ଼ିରେ କେତେ ସ୍ଥାନରେ ଯାଇ ହେବାର ଶୁଣା ଯାଏ ମାତ୍ର ଲୋକଙ୍କ କ୍ଷତି ହୋଇଅଛି ଏ ପରେ ଜଣା ଯିବ । ଏ ନଗରର ଅରୁଆର ମୁକାମସରରେ ସହସ୍ରାଧିକ ଯାତ୍ରୀ ପୁରୀକୁ ଫେରିଯିବେ ପାରିହୋଇ ନ ପାରି ତୁଇ ତିନିଦିନ ପଡ଼ି ରହି ବହୁକଷ୍ଟ ପାଇ ଥିଲେ ଏବଂ କେତେ ପୀଡ଼ିତ ହୋଇ ମରି ଗଲେ । ମିଉନିସିପାଲିଟୀର କର୍ମଚାରୀମାନେ ଏବଂ ମାଜିଷ୍ଟ୍ରେଟଙ୍କ ଆଦେଶ ମତେ ଡେପୁଟୀ ଓ ସବ ଡେପୁଟୀମାନେ ମୁଆପୂନ ରହି କୌଣସିମତେ ସେମାନଙ୍କୁ ପାର କରି ଦେଲେ । ପ୍ରତିବର୍ଷ ଯାତ୍ରୀମାନଙ୍କର ଏହିପରି କଷ୍ଟ ଓ ଦୌରାତ୍ମ୍ୟ ଘଟେ । ଅତଏବ ପୂର୍ବରୁ ଆବଶ୍ୟକମତେ ସତର୍କ ହେବାର ବନ୍ଦୋବସ୍ତ ହୋଇପାରୁ ନାହିଁ ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ଗତ ଶ୍ରୀପଞ୍ଚମୀ ସମୟରେ ଦରଦର ଥାନା ନିକଟବର୍ତ୍ତୀ ଭଅଁ ଛୋଟ ଗ୍ରାମରେ ଯେଉଁ ଡକାଏତି ହୋଇଥିଲା ସେ ମୋକଦ୍ଦମାରେ ପୁରୀ ଜିଲ୍ଲାର ପୋଲିସଦ୍ୱାରା ଚାଲାଣ ହୋଇଥିବା ୩ ଜଣ ଓ ସ୍ଥାନୀୟ ପୋଲିସଦ୍ୱାରା ଚାଲାଣ ହୋଇଥିବା ୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଶ୍ରୀଯୁକ୍ତ ଜଜସାହେବ ସେମାନଙ୍କ ମଧ୍ୟରୁ ଚାରିଜଣଙ୍କୁ ଦଶବର୍ଷ ଲେଖାଏଁ, ଦୁଇଜଣଙ୍କୁ ୭ ବର୍ଷ ଲେଖାଏଁ, ଏକଜଣଙ୍କୁ ପାଞ୍ଚବର୍ଷ ଓ ଆଉ ଏକଜଣଙ୍କୁ ତିନିବର୍ଷ ଜେଲର ଦଣ୍ଡ ଦେଇ ଅଛନ୍ତି ଓ ଏକଜଣଙ୍କୁ ଅବ୍ୟାହତି ଦେଇ ଅଛନ୍ତି । ଦଣ୍ଡପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ମାତ୍ର ଏ ଜିଲ୍ଲାର ଲୋକ । ସେ ମୁଦେଇର ପଡ଼ୋଶୀ ଓ ଜଣେ ବ୍ରାହ୍ମଣ ଜମିଦାର । ମୁଦେଇ ଘରେ ବହୁତ ଅଳଙ୍କାର ବନ୍ଧକ ଦେଇଥିବାରୁ ପୁରୀଜିଲ୍ଲା ଅନ୍ତର୍ଗତ ଅଲଣ୍ଡା ଅଞ୍ଚଳର ବିଖ୍ୟାତ ଡକାଏତମାନଙ୍କୁ ଆଣାଇ ଡକାଏତି କରାଇ ଥିବାର ସାବ୍ୟସ୍ତ ହୋଇଅଛି । ଡକାଏତିର ଅବ୍ୟବହିତ ପୂର୍ବରୁ କେତେକଜଣ ଡକାଏତ ଉକ୍ତ ବ୍ରାହ୍ମଣ ଜମିଦାରର ଜଣେ ପ୍ରଜା ଘରେ ବାସକରି ରହି ଦ୍ରବ୍ୟାଦି କରି ଖାଇଥିଲେ । ପୋଲିସ ତଦନ୍ତ କରିବା ସମୟରେ ସେହି ପ୍ରଜା ଜମିଦାରଙ୍କୁ ରକ୍ଷା କରିବ ଉଦ୍ଦେଶ୍ୟରେ ହେଉ ବା ଅନ୍ୟ କୌଣସି କାରଣରେ ହେଉ କେତେକଜଣ ଅସଂସୃଷ୍ଟ ଲୋକମାନଙ୍କ ନାମ ବତାଇ ଦେଇ ଥିଲା । ଏହି ସମୟରେ ପୁରୀ ଜିଲ୍ଲାରେ ଦୁଇଜଣ ମୁଲିଆ ଧରାପଡ଼ି ସମସ୍ତ ବୃତ୍ତାନ୍ତ ଏକବାର କଲେ ଏବଂ ପୁରୀ ଜିଲ୍ଲାର ପୋଲିସ ଅସଲ ମୁଦାଲା ମାନଙ୍କ ପ୍ରତି ହସ୍ତକ୍ଷେପ ନ କରିବାରୁ ଏ ଜିଲ୍ଲାର ପୋଲିସ ତଦନ୍ତ ପୂର୍ବକ ମାଲ ବରାମଦ କରି ମୁଦାଲାମାନଙ୍କୁ ଚଲାଣ ଦେଇଥିଲେ । ସେହି ଅଲଣ୍ଡା ଅଞ୍ଚଳର ଡକାଏତମାନେ ବହୁଦିନର ଡକାଏତ ଅଟନ୍ତି ଥିଲେ ବୋଲି ବର୍ତ୍ତମାନ ନିଃସନ୍ଦେହରୂପେ ପ୍ରକାଶ ପାଇ ଅଛି ।

---

## ସମ୍ବଲପୁରର ସରକାରୀଭାଷା ।

ସମ୍ବଲପୁରର ସରକାରୀଭାଷା ଓଡ଼ିଆ ବଦଳରେ ହିନ୍ଦୀ ହେବା ବିଷୟକ ମଧ୍ୟ ପ୍ରଦେଶର ପ୍ରଧାନ କମିଶନରଙ୍କ ଆଦେଶ ବିରୁଦ୍ଧରେ ସମ୍ବଲପୁରବାସିମାନେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଆବେଦନ ପଠାଇବାର ସ୍ଥିର କରିଅଛନ୍ତି । ଏତଦ୍ବିଷୟରେ ସମ୍ବଲପୁରଠାରେ ଏକ ବୃହତ ସଭା ହୋଇ ଥିବାର ସମ୍ବଲପୁର ହିତୈଷିଣୀରୁ ଆନନ୍ଦ ସହିତ ଅବଗତ ହୋଇ ପାଠକମାନଙ୍କ ଜାଣିବା କାରଣ ନିମ୍ନେ ପ୍ରକାଶ କଲୁଁ ଯଥା—

ଗତ ୧୩ ତାରିଖ ଦିନ ସମ୍ବଲପୁରର ଶ୍ରୀସୋମନାଥ ଦେବଙ୍କ ମନ୍ଦିରଠାରେ ଭାଷା ପରିବର୍ତ୍ତନ ସମ୍ବନ୍ଧରେ ଏକ ସଭା ହୋଇଥିଲା । ସଭାସ୍ଥଳରେ ସହରର ସକଳ ଶ୍ରେଣୀର ଅନେକ ଲୋକ ଉପସ୍ଥିତ ହୋଇ ଥିଲେ । ଶ୍ରୀଯୁକ୍ତ ସୋମନାଥ ବାବୁ ସଭାପତିର ଆସନ ଗ୍ରହଣ କରିଥିଲେ । ମହାମାନ୍ୟ ଚିଫ୍ କମିଶ୍ନର ବାହାଦୁରଙ୍କର ଭାଷା ପରିବର୍ତ୍ତନ ବିଷୟକ ଆଦେଶ ବିରୁଦ୍ଧରେ ଭାରତର ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ [illegible] ଛାମୁକୁ ପଠାଯିବା ସକାଶେ ଯେଉଁ ଦରଖାସ୍ତ ଲିଖିତ ହୋଇଥିଲା ତାହା ଉକ୍ତ ସଭାରେ ସମ୍ପାଦକ ଶ୍ରୀଯୁକ୍ତ ଧରଣୀଧର ମିଶ୍ର ମହୋଦୟ ପାଠ କଲେ । ତଦନନ୍ତର ସଭାପତି ମହୋଦୟ ଉପସ୍ଥିତ ବ୍ୟକ୍ତିମାନଙ୍କର ମତ ଗ୍ରହଣ କଲେ । ସମସ୍ତେ ଏକ ବାକ୍ୟରେ ଉକ୍ତ ଦରଖାସ୍ତ ଅନୁମୋଦନ କଲେ ।

ପରେ ସମ୍ପାଦକ ଧରଣୀଧର ବାବୁଙ୍କ ପ୍ରସ୍ତାବମତେ ନିମ୍ନଲିଖିତ ସିଦ୍ଧାନ୍ତ ହୋଇ ସଭା ଭଙ୍ଗ ହେଲା ।

୧—"ଉକ୍ତ ଅପିଲ ଦରଖାସ୍ତ ଓଡ଼ିଆ ଓ ଇଂରେଜୀରେ ଛପା ହେଉ ।

୨—ଓଡ଼ିଆରେ ଛପା ଅପିଲ ଦରଖାସ୍ତରୁ ଏକ ଖଣ୍ଡ ଲେଖାଏଁ, ପ୍ରତ୍ୟେକ ଗ୍ରାମରେ ନିଯୁକ୍ତ ଥିବା ଲୋକମାନଙ୍କ ନିକଟକୁ ସେକ୍ରେଟେରୀ ପଠାଇ ସେମାନଙ୍କୁ ପ୍ରାର୍ଥନା କରିବେ ଯେ ସେମାନେ ଶାଖା ସଭା ସ୍ଥାପନ କରି ଉକ୍ତ ଅପିଲକୁ ଅବିକଳ ଭାଷା ପରିବର୍ତ୍ତନ ସହିତ ଗ୍ରହଣ କରିବା ବିଷୟରେ ବାଦାନୁବାଦ କରିବେ । ସଭାର ମତ ସ୍ଥିର ହେଲାକୁ ସେହି ୨ ଗ୍ରାମର ଲୋକମାନଙ୍କର ସ୍ୱାକ୍ଷର ସଂଗ୍ରହ କରିବେ, ପରେ ଉକ୍ତ କାଗଜାତ ସମ୍ପାଦକ ମହୋଦୟଙ୍କ ନିକଟକୁ ପଠାଇ ଦେବେ ।

୩—ଏଠାରେ ସମ୍ପାଦକ ଧରଣୀଧର ବାବୁ ଲୋକମାନଙ୍କର ସ୍ୱାକ୍ଷର ସଂଗ୍ରହ କରିବେ । ଗ୍ରାମମାନଙ୍କର କାଗଜ ପାଇଲେ ସେ ସବୁ ଏକତ୍ର କରି ବିଧିମତେ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କ ଛାମୁକୁ ପଠାଇବେ ।

୪—ଆବଶ୍ୟକୀୟ ବ୍ୟୟ ନିର୍ବାହ ନିମନ୍ତେ ଚାନ୍ଦା ସଂଗ୍ରହ କରାଯାଇ ଶ୍ରୀଯୁକ୍ତ ପର୍ଶୁରାମ ପୁଜାରୀଙ୍କ ନିକଟରେ ଜମା ହେଉ ।

୫—ସହରରୁ ଚାନ୍ଦା ଆଦାୟ କରିବା ସକାଶେ ଦୁଇ ଟଙ୍କା ବେତନରେ ଜଣେ ଲୋକ ନିଯୁକ୍ତ କରାଯାଉ ।"

---

## ସତ୍କାର୍ଯ୍ୟର ତାଲିକା ।

ସନ ୧୮୯୪ ସାଲରେ ବଙ୍ଗ ପ୍ରଦେଶର ଲୋକମାନେ ସ୍ୱେଚ୍ଛାପୂର୍ବକ ଯେ ଯେ ସାଧାରଣ ହିତକାର୍ଯ୍ୟମାନ କରି ଅଛନ୍ତି ଏବଂ ପ୍ରତିକାର୍ଯ୍ୟରେ ଯେତେ ବ୍ୟୟ ହୋଇଅଛି ତହିଁର ତାଲିକା କଲିକତା ଗେଜେଟରେ ବାହାର ଅଛି । ଏସବୁ କାର୍ଯ୍ୟର ମୋଟ ବ୍ୟୟ ୩ ଲକ୍ଷ ୪୬ ହଜାର ୪୬୪ ଟଙ୍କା ଏଥି ମଧ୍ୟରେ ପାଞ୍ଚଶତ ଟଙ୍କାରୁ ନ୍ୟୂନକାର୍ଯ୍ୟର ବ ତହିଁର ବିସ୍ତାରିତ ବିବରଣ ପ୍ରକାଶ ହୋଇ ନାହିଁ ତହିଁର ମୋଟ ବ୍ୟୟ ୧ ଲକ୍ଷ ୧୧ ହଜାର ଛାଡ଼ି ଅବଶିଷ୍ଟ ୨ ଲକ୍ଷ ୩୪ ହଜାର ଟଙ୍କା ନିମ୍ନ ଲିଖିତ ରୂପେ ବ୍ୟୟିତ ହୋଇଅଛି ଯଥା :—

| | |
|---|---|
| ସାଧାରଣ ଅଟ୍ଟାଳିକାରେ | ଟ ୧୦୬୩୦ |
| ସେତୁ | ଟ ୧୬୬୧୬ |
| ଘାଟ | ଟ ୬୫୮୨ |
| ପୁଷ୍କରିଣୀ | ଟ ୧୧୬୨୨୨ |
| କୂପ | ଟ ୪୨୨୨ |

Digitized by srujanika@gmail.com

Split by PDF Splitter



ଅବଶିଷ୍ଟ ଟଙ୍କା ସଡ଼କ ଓ ଖାଲ ନିର୍ମାଣ ଏବଂ ଜଙ୍ଗଲ ସଫାର କାର୍ଯ୍ୟରେ ବ୍ୟୟ ହୋଇଅଛି ।

ପୂର୍ବ ବର୍ଷମାନଙ୍କ ସହିତ ତୁଳନା କଲେ ଦେଖା ଯାଏ ଯେ ବର୍ତ୍ତମାନ ବର୍ଷର ମୋଟବ୍ୟୟ ଗତ ନୂତନବର୍ଷ ଠାରୁ ଅର୍ଥାତ୍ ସନ ୧୮୯୩ ସାଲ ଠାରୁ ୪୫ ହଜାରଟଙ୍କା ଏବଂ ସନ ୧୮୯୨ ସାଲ ଠାରୁ ୯୪ ହଜାର ଟଙ୍କା ଊଣା ପଡ଼ିଅଛି । ସାଧାରଣ ତଦାରକରା କ୍ରମାଗତ ଊଣା ପଡ଼ିବାର ଦେଖି ମାନ୍ୟବର ବଙ୍ଗୀୟ ଲେଟନେଣ୍ଟ ଗୁଣର ପ୍ରକାଶ କର ଏହି ଆଶା ପ୍ରକାଶ କରିଅଛନ୍ତି ଯେ ଭବିଷ୍ୟତରେ ଯେପରନ୍ତ ଏପରି ଘଟିବ ନାହିଁ । ସତ୍କାର୍ଯ୍ୟର ଅନୁଷ୍ଠାନ କ୍ରମାଗତ ଊଣା ହେବା ଅବଶ୍ୟ ଦୁଃଖର ବିଷୟ ଅଟେ । ଏହା ଦେଖି ସହଜରେ କୋଲଯାଇ ପାରେ କ୍ଷେମନ୍ତ ଲୋକମାନଙ୍କର ଧର୍ମ ପ୍ରବୃତ୍ତି କ୍ରମାଗତ ଊଣା ପଡ଼ୁଅଛି ପକ୍ଷାନ୍ତରେ ଏହା ମଧ୍ୟ କୋଲଯାଇ ପାରେ ଯେ ଏଣିକି ଲୋକଙ୍କର ନାନା ପ୍ରକାର ବ୍ୟୟ ବୃଦ୍ଧି ହେବା ଏବଂ ସରକାର ପଥକର ଆଦି ବସାଇ ଏ ସବୁ କାର୍ଯ୍ୟର ଭାର ନେବାରୁ କେହିଁ ପ୍ରତିପୂର୍ବପର ସ୍ୱେଚ୍ଛାପ୍ରବୃତ୍ତ ହୋଇ ଅନେକ ଲୋକ କାର୍ଯ୍ୟ କରୁ ନାହାନ୍ତି । ଯାହା ହେଉ ଅବଧି ଯେ ଏତେଟଙ୍କା ଲୋକେ ବ୍ୟୟ କରୁ ଅଛନ୍ତି ଏହା ଅବଶ୍ୟ ସୁଖର ବିଷୟ ବୋଲିବାକୁ ହେବ ଏବଂ ଏହିପ୍ରକାର ଅଧିକାଂଶରେ ସ୍ମରଣୀ ଖୋଲା ହୋଇଥିବାରୁ ସ୍ପଷ୍ଟ ଜଣା ଯାଉ ଅଛି ଯେ ଲୋକଙ୍କ ବଙ୍ଗଦେଶର ପ୍ରଧାନ ଅଙ୍ଗ ଏବଂ ତହିଁର ପ୍ରଜାଙ୍କର ପ୍ରତି ଲୋକ ସର୍ବାଙ୍ଗୀଣରୂପେ ଜାଗ୍ରତ ଅଛନ୍ତି ।

ବଙ୍ଗଳାର ନାନା ବିଭାଗମଧ୍ୟରେ ରାଜସାହିର ଲୋକମାନେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ୧ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ କରି ଅଛନ୍ତି । ତହିଁ ତଳେ ଯଥାକ୍ରମେ ପାଟଣା ୮୨ ହଜାର ଭାଗଲପୁର ୪୯ ହଜାର ଢାକା ୨୭ ହଜାର ବର୍ଦ୍ଧମାନ ୨୪ ହଜାର ଏବଂ ପ୍ରେସିଡ଼େନ୍ସି ୨୦ ହଜାର ବ୍ୟୟ କର ଅଛି । ଚଟ୍ଟଗ୍ରାମ ଓ ଛୋଟନାଗପୁରର ବ୍ୟୟ ଦଶ ହଜାରରୁ ଊଣା । ଓଡ଼ିଶାର ଲୋକମାନେ ଟ ୧୧୬୭୨ଙ୍କା ଯେ ସବୁ କାର୍ଯ୍ୟରେ ବ୍ୟୟ କରିଅଛନ୍ତି ତଳେ ପ୍ରଦର୍ଶିତ ହେଲା । ଯଥା ।

କଟକ ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ ୫୧୦୦ରୁ ଊଣା

| | | | |
|---|---|---|---|
| | | ଟ | ୨୦୬ |
| ପୁରୀ | ଏକୁନ | ଟ | ୪୮୯ |

ବାଲେଶ୍ୱର

| | | | |
|---|---|---|---|
| ମାର୍କଣ୍ଡେଶ୍ୱର ମହନ୍ତଦଳଗର୍ ସ୍ମରଣୀ | | ଟ | ୧୦୦୦ |
| କାଶୀପାଡ଼ୀ ଅମ୍ବାପୁଷ୍ପ | ଏକୁନ | ଟ | ୫୦୦ |
| ବଗୁଡ଼ାଅଟ୍ଟାଳିଧୂଷ୍ଟ ଭରଙ୍ଗୀ | ଏକୁନ | ଟ | ୫୦୦ |
| ନାଥପୁଷ୍କୀ ଜଳଦା | ଏକୁନ | ଟ | ୨୫୦ |
| ପ୍ରତ୍ୟେକ କାର୍ଯ୍ୟ ଟ ୫୦୦ କାରୁ ଊଣା | | ଟ | ୨୬୨୮ |

ଅତଏବ ଉକ୍ତଜିଲ୍ଲାରେ ବାଲେଶ୍ୱର ଏ ବିଷୟରେ ଶ୍ରେଷ୍ଠ ଏବଂ ଏହି ଶ୍ରେଷ୍ଠତା ପ୍ରତିବର୍ଷ ରକ୍ଷା କରିଆସୁଅଛି ।

ପୁରୀରେ ବୃଷ୍ଟି ହୋଇବାର ଦେଖୁ ତ ୨ ର ରଥଟଣା ହୋଇ ନ ପାରିବାରୁ ଠାକୁରମାନେ ଗତ ରବିବାର ପ୍ରାତଃକାଳରେ ଗୁଣ୍ଡିଚାମନ୍ଦିରରେ ବିଜେ କଲେ । ସୋମବାର ନୃସିଂହରୂପେ ସମସ୍ତ ନୀତି ଓ ଅବଲୋକ ହେଲା । ମଙ୍ଗଳବାର ସନ୍ଧ୍ୟାସମୟରେ ଠାକୁରମାନେ ଜଗମୋହନ ସ୍ତମ୍ଭରେ ବିଜେକରାଇ ହେଲେ ଏବଂ ରଥ ଦକ୍ଷିଣମୂର୍ତ୍ତି ହେବାର ଆରମ୍ଭ ହେଲା । ଯାତ୍ରିମାନେ ପ୍ରାୟ ସମସ୍ତେ ବାହାର ଅଛିଅଛନ୍ତି । ଓଲଉଠା ମଧ୍ୟ ଊଣା ହୋଇଅଛି ।

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ୍ ।

ଜନୁଆରିର ମହାଶୟମାନଙ୍କ ବଙ୍ଗୀୟ ଲେଟସାଟଙ୍କ ବାଂ ଗ୍ଲାପତ ପାଶ କରେଁ ହୋଇଅଛନ୍ତି ଯଥା—

ମେଡ଼ିକାଲ୍ କଲେଜର ନେସିଭ ଗ୍ରାଜୁଏଟ ଲେକ୍ଚର ବାବୁ ଲଖିଲ ପି, ଏଚ୍. ଅଭ

ଭର୍ଷାମାନଙ୍କ ଏକ୍ଟିଂ କମିଶନର ଗ୍ରାଣ୍ଟ ଜେମସ୍ ହିକ୍ସ କୋଟିଲିନ

ଗ୍ରାଣ୍ଟ ନାମ ସିଭିଲଦାନ ଓଁକାର ସାହେବ

ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ

ବନ୍ତିକ ଲେଜିସ୍ଲା କଲେଜର ପ୍ରେସିଡ଼େନ୍ସିର ବାବୁ ହେମଚନ୍ଦ୍ର ବାନାର୍ଜୀ ଏମ୍, ଏ ନାମ ବ ସ ହୁଟି ପାଇଲେ ।

କୃଷ୍ଣ ନଗର ଅଦ୍ମ ଚିଷକ ବାବୁ ସମବାସ୍ ଭାସ୍କର ଏମ୍, ଏ, ବିଏଲ ପ୍ରେସିଡ଼େନ୍ସି କଲେଜର ଲେକଚରର ନିଯୁକ୍ତ ହେଲେ ।

ପୁରଠାରୁ ବଙ୍ଗୋପସାଗରକୁ ଦେଖିଅଛିବା ସରେଜ ଏକପତରେ ଓଲାଉଠା ଉପସ୍ଥିତ ହୋଇଅଛି ଏବଂ ଦେହେ ସ୍ଥିତ ଲୋକ ମରୁଅଛନ୍ତି । ବ୍ୟୟରେ ବେଶ କାହାରରେ ଊଣା

ଗତ ମୁଣ୍ଡତଠାରୁ ଅକାଶ ମେଘାଚ୍ଛନ୍ନ ହୋଇ ଗତ ଶୁକ୍ରବାର ଅଳ୍ପ ବୃଷ୍ଟି ହୋଇଅଛି ।

ଏଣସରର ମୋଡ଼ମାସ ଗର୍ଭ ଗତ ସୋମବାରଠାରୁ ଆରମ୍ଭ ହୋଇଅଛି ଏବଂ ଘାର ଶୁଣିଲାପରବାରୁ ଅଧିକା ଲେଖାଦ ସେତ ଟେରିକଙ୍କ ବଦେଶ ବାଂଲାର ହୋଇ ଛନ୍ତି । ଆଗତ ବଡ଼ଲାଟଙ୍କର ମେଳ ଚବ୍ବିଶ ଏବଂ ସଭାନଦନଙ୍କ ଉଭିଶିଯାକୁ ଜାଣନ୍ତ ସବୁ ଉଚିତ ଓ ସମାବେଶରେ ବାହାରିଲେ । ଗତ କାଳବୈଶାଖୀ ଏ ପଡ଼ିବା ଜଗାଦେବା ସମସ୍ତ ପର୍ଯ୍ୟନ୍ତ ଚଳ ଶେଷ ହୋଇ ନ ଥିଲା । ବସ୍ତାରିତ ବଳରଣ ଅନାମିକେ କାହାରିକି । ତାହାର ଦୃଶ୍ୟ ହୋ ୧୬ ॥

ବିଲାତର ଜଣେ ଖବର କହନ୍ତି ସେଠିମାନେ ଶସ୍ୟକାଳରେ ବଶେଷ ଦୁଃଖ ପ୍ରାପ୍ତ ହୁଅନ୍ତି ।

ପୁରୋହିତ ଗୋ ୨୫ ଟି ଭାଇପଣ୍ଡିତ ମଧ୍ୟରୁ ଗତ ପ୍ରବଳ ବୁଦ୍ଧିମାନ ଉତ୍ତୀର୍ଣ୍ଣ ହୋଇଥିଲେ ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ହୋମଗୃହ ସ୍ତବକ ପ୍ରିନ୍ସ ଅଫ୍ ୱେଲସ ଅଟଣୀକ ଖଜଣାକୁ ୫୨,୫୦,୦୦୦ ପାଉଣ୍ଡରେ ଜମା କରି ଅଛନ୍ତି ।

ଏକ ବିଲାତ ଇଂରାଜୀ କାଗଜରେ ଲେଖାଅଛି ଯେ ବୃଷ୍ଟିଶ ଜାତିମାନେ ମଦ୍ୟପାନ କରନ୍ତି ନାହିଁ ଏମନ୍ତ ନ ସେଠି ମାନେ ଅଛି ସରକେଲେ ଧୂମପାନ କରୁଥିଲେ ସେମାନେ ଅଳ ଦେବାର ତଳେନ ଇଶ୍ୱର ଦାହା ଏଚଡ୍ୟାସ କରିବାର ଦେଖାଯାଇଅଛି । ସେମାନେ କହନ୍ତି ଯେ ଥିଏଁ ନ ଦେଖିଲେ ଧୂମ ପାନ କରି ସୁଖ ନାହିଁ ।—ଏହା ଷଠା । ଯେଉଁମାନେ ଧୂମ ପାନ କରନ୍ତି ସେମାନେ କେତେ ଉପଦେଶ ମୁଖରୁ ଧୂମ ଛାଡ଼ିବାର ଦେଖା ନ ଯାଏ ।

ପଞ୍ଜାବର ଲାଟସାହେବ କାବୁଲର ଅମିର ବଡ଼ୀ କରି ଏବାର ଯେଉଁ ସମ୍ବାଦ ଉକ୍ତ ପ୍ରଜେ ପାଇ ଯାଇଥିଲେ ତାହା ସତ୍ୟ ନ ହେବାର ବୁଝିଲ ହୁଅନ୍ତି । ଅମୀର ଲାଟସାହେବଙ୍କୁ କରି ନ କରି କରି ତାଙ୍କ ଲାର୍ଡମାନଙ୍କ କାବୁଲକୁ ଆସିବା କାରଣ କେଉଁପ୍ରକାରେ ଶାସନକର୍ତ୍ତାଙ୍କ ଠାରକୁ ଆବେଦନ ପତ୍ର ପଠାଇ ଅଛନ୍ତି ଏବଂ ବାର୍ଷିକ ଏକଲକ୍ଷ ୨୦ ହଜାର ଟଙ୍କା ଅଧିକ ସମ୍ମତି ଜାଣିବ ହେବା କାରଣ ଦାବୀ କର ଅଛନ୍ତି । ତଥାପି ବଡ଼ଲାଟଙ୍କ ଉତ୍ତର ମିଳିନ ନାହିଁ ।

ଫରାସିସ ସ୍ୱାଧୀନ ଦେଶର ସଭାପତି ସେଣ୍ଟପେଟର ସାହେବ ମହୋଦୟଙ୍କୁ ଗୁଳିମାର ସମ୍ପ୍ରତି ମୃତ୍ୟୁ ଶିକ୍ଷିତ ସମ୍ପତ୍ତିରେ ଗର୍ଭର ଅଫ ଲିବର୍ ଅଣ୍ଡ ଉପାଧି ପ୍ରଦାନ କରି ଅଛନ୍ତି । ଏହା ପରମ ଗୌରବର ସ୍ଥାନ ।

ଅଷ୍ଟେଲିଆ ଉପରେ ପାରଲୋଗ୍ଲୋଟ ଦୋଷୀ ଫିଲିପ ଅବକ ଭକ୍ତିକ ସେଠ ଏକ ବାନ୍ଦିକାରୀଙ୍କ ମୋକଦ୍ଦମା ହୋଇଥିଲା । ଏହିରେ ପାଇଲୋଟଙ୍କୁ ଦେ ଲେଖାଟ ହୋ ୩ ଟି ଶଳା ଦୁଇ ମା ଓ ଜୋଡ଼ିଏ ଶାଢ଼ୀର ଜୁରିମା ସେତ ଶାଳ୍ପିଆ ସେ ସାରଥି ଚଳପ ଦେଖା ସମସ୍ତରେ ସେ ବୁଝିବାରେ କରିବାର ପାଇବ । ବୃକ୍ଷପାନ ଦୋଷ କାଟିବା, ଖାଇବ ଲାଗିବା ଏବଂ ଜାଗତ ଯୋଗବା ପୌରମାନଙ୍କ ସଙ୍ଗେ ଅଟ ଏବଂ ଦିଆଯାଏ ।

ବମ୍ବୀର ଜହାଜଘରଠାରୁ ମାଂସର ହେଟେଲ ପର୍ଯ୍ୟନ୍ତ ଅପଣ ରଜାଂପାଟେ ଭମାଭ ଷ୍ଟ୍ରିଟ ଜେଣ୍ଡ ନାନ ଖୋଲାଇଲେ ତାହା ଶେଷ ପାଇଅଛି ଏବଂ ଆଗମାସ ତା ୧୧ ଦିନରେ ସୁନ୍ଦର ସମ୍ପୂର୍ଣ୍ଣ ତାହା ଖୋଲା ହୋଇଅଛି ।

ଅଷ୍ଟ୍ରେଲିଆର ବଡ଼ଲାଟ ମହୋଦୟ ପୁତ୍ରୀ ସମ୍ରାଜ୍ଞୀ ଦ୍ୱାରରେ ଆଗ୍ରା, ହାଇଦ୍ରାବାଦ, ମାନ୍ଦ୍ରାଜ, ନାଗପୁର ଏବଂ ମାଣ୍ଡ୍ରାଜ ଶାସକ ପ୍ରଥମ ଛ ଓ ଦ୍ୱିତୀୟ ଶ୍ରେଣୀ ପ୍ରଦାନାଦିକର ସନଦ ପ୍ରଦର୍ଶନ କରେକୋଣ ଟିଇ ହୋଇଅଛି ।

କଲକତ୍ତାଠାରେ ଏକ ମୁସଲମାନ ଭଦ୍ରଲୋକ ଅପଣା ବାସ୍ତବ୍ରତର ପରାମର୍ଶରେ ସ୍ଥାପତ୍ୟ ଧାର୍ମିକ ଉତ୍ସାହରେ ଫଳଦା କରିବାର ଦେଖା କରୁଥିବା ଅବସ୍ଥାରେ ଧୃତ ହୋଇଅଛି । ଦଣ୍ଡସ୍ଥାନ ସମା ଧନ ହୋଇଅଛି ମାତ୍ର ଉମାଶଙ୍କର ମୁକ୍ତି ପାଇଲା । ଉକ୍ତମାନେ ସର୍କାରଙ୍କ ଦୋଷ ସ୍ୱୀକାର କରିଅଛନ୍ତି ।

Digitized by srujanika@gmail.com

ଟପର ଷ୍ଟାଣ୍ଡାର୍ଡ ପତ୍ରିକା ପ୍ରକାଶ କରୁଅଛନ୍ତି ଯେ ଅମୀର ପୁତ୍ରଙ୍କ ନସରୁଲାଖାଁଙ୍କ ବରଗଭର୍ଣ୍ଣମେଣ୍ଟ ଦେବାକୁ ଭାସ୍ୱୀ ଥିବା ମର୍ମରେ ପାର୍ଲିଆମେଣ୍ଟରେ ବାଦାନୁବାଦ ହେବାର ଉଦ୍ୟୋଗ ହେଉଅଛି । ଭାରତର ବଜେଟ ଉକ୍ତ ସଭାରେ ଅର୍ପିତ ହେବା ସମୟରେ ଏଥିର ଅବତାରଣା କରାଯିବ ।—ଇଣ୍ଡିଆ ଗଜେଟ ।

ଅଲ୍ପଦିନରେ ମୌଲବୀ ରଫିଉଦ୍ଦିନ ଅହେମଦ ତୁରଷ୍କର ସୁଲତାନଙ୍କ ସଙ୍ଗେ ସାକ୍ଷାତ କରି କାମଚ୍ଛନ ଓ ଆରବର ଅନ୍ୟାନ୍ୟ ସ୍ଥାନମାନଙ୍କରେ ମକ୍କା ଯାତ୍ରୀଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କହିଥିଲେ । ଯାତ୍ରୀଙ୍କ ଦୁଃଖରେ ତାଙ୍କର ହୃଦୟ ମନୋଯୋଗ ଥିବାର ପ୍ରକାଶ କରି ସୁଲତାନ କାଂକ୍ରୁ କଲେ ଯେ ତୁରକାଙ୍କ ସୁଖ ସ୍ୱଚ୍ଛନ୍ଦତା ପ୍ରତି ତାହାଙ୍କର ହୃଦୟ କର୍ଣ୍ଣ ହେତୁ ସେ ଅର୍ଥ ଏବଂ ଡାକ୍ତର ଅଜଧେଶକୁ ପଠାଇ ଅଛନ୍ତି । ଯାତ୍ରୀଙ୍କର ଅସୁବିଧା ଏବଂ ଅସୁଖ ଦୂରିକରଣାର୍ଥ ସେ ସମସ୍ତପ୍ରକାର ଉପାୟ ଅବଲମ୍ବନ କରିବାକୁ ତ୍ରୁଟି କରିବେ ନାହିଁ ।

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ—

ମାନ୍ୟବର ମହାଶୟ !!!

ଅତ୍ରତ୍ୟ ଖିଚ୍ଚେଶ୍ୱରପୁର ହରିଭକ୍ତି ପ୍ରଦାୟିନୀ-ସଭାସ୍ଥଳସ୍ଥ "ଦରିଦ୍ରକୋଷ" ନିମନ୍ତେ ନିମ୍ନଲିଖିତ ମହାଶୟମାନେ ଦାନ କରି ଅଛନ୍ତି ଅତଏବ ଆପଣ ଏହାକୁ ପ୍ରକାଶିତ କରି ତାଙ୍କ ଓ ଅମ୍ଭମାନଙ୍କର ଉତ୍ସାହ ବର୍ଦ୍ଧନ କରନ୍ତୁ । ଯଥା;

ଶ୍ରୀ ନରସିଂହ ପ୍ରହରାଜ ୫ ୩୮, ଶ୍ରୀ ବୈକୁଣ୍ଠନାଥ ମିଶ୍ର ଓ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ୫୧୮ ଲେଖାଏଁ; ଅନନ୍ତ ଆଚାର୍ଯ୍ୟ, ନୃସିଂହନାଥ ଆଚାର୍ଯ୍ୟ, ଗଙ୍ଗାଧର ଆଚାର୍ଯ୍ୟ, ରାଧାକୃଷ୍ଣ ଆଚାର୍ଯ୍ୟ, ଅଭିମନ୍ୟୁ ଆଚାର୍ଯ୍ୟ ୫୦୧ ଲେଖାଏଁ ଅନନ୍ତ ଆଚାର୍ଯ୍ୟ, ଅନନ୍ତ ମହାପାତ୍ର; ରାମକୃଷ୍ଣ ମହାପାତ୍ର, ଈଶ୍ୱର ମିଶ୍ର, ନାରାୟଣ ନନ୍ଦ, ଚିନ୍ତାମଣି ନନ୍ଦ, ଜଣେ ହିତବ୍ୟକ୍ତି, ଦାଶରଥି ପ୍ରହରାଜ, ଭାଗୀରଥି ମିଶ୍ର, କାଶୀନାଥ ମହାପାତ୍ର, ହାଡ଼ିବନ୍ଧୁ ପରିଡ଼ା; ଜଳଧର ନନ୍ଦ ୫୦। ଲେଖାଏଁ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ମଣି ଚୌଧୁରୀ ୫୦୬ ଲେଖାଏଁ ଏପରି ନଗଦ ୫୧୦୬ ଅମୁକ ହୋଇ ସମ୍ପାଦକଙ୍କ ନିକଟରେ ଗଚ୍ଛିତ ଅଛି । ବଦାନ୍ୟବରମାନଙ୍କ ମନୋଯୋଗାକର୍ଷଣ ନିମିତ୍ତ ପ୍ରାର୍ଥନୀୟ । ଇତି । ବଶମ୍ବଦ

ଶ୍ରୀ ଦାମୋଦର ନନ୍ଦ ।
ସମ୍ପାଦକ

---

ମହାଶୟ !

ଯାହାଙ୍କୁ ଦେଶହିତକର କୌଣସି ସଦନୁଷ୍ଠାନରେ ବ୍ରତୀ ହେବାକୁ ଦେଖିଲେ ଅମ୍ଭେମାନେ ମୁକ୍ତକଣ୍ଠରେ ତାହାଙ୍କର ପ୍ରଶଂସାବାଦ କରୁଥାଉଁ । ପ୍ରାୟ ସାର୍ଦ୍ଧବର୍ଷାଧିକ କାଳ ହେବ ଅମ୍ଭେମାନେ ଶୁଣି ଆସୁଅଛୁଁ, ଏ ନଗରର ସମ୍ଭ୍ରାନ୍ତ ଜମିଦାର ଶ୍ରୀଯୁକ୍ତ ବାବୁ ବୈଦ୍ୟନାଥ ପଣ୍ଡିତ ମହୋଦୟ ଗୀତାର ଖଣ୍ଡିଏ ଉତ୍କୃଷ୍ଟ ସଂସ୍କରଣ ପ୍ରକାଶିତ କରି ତାହା ବିନାମୂଲ୍ୟରେ ବିତରଣ କରିବେ । ଅମ୍ଭେମାନେ ଦେଖି ସୁଖୀ ହେଲୁଁ ଯେ, ବହୁବର୍ଷବ୍ୟାପୀ ପରିଶ୍ରମ ଏବଂ ପ୍ରଭୂତ ଅର୍ଥର ବିନିମୟରେ ସେ ସ୍ୱକାର୍ଯ୍ୟ ସାଧନରେ ସିଦ୍ଧକାମ ହୋଇ ଅଛନ୍ତି ।

କଳିଯୁଗରେ ଦାନହିଁ ଏକମାତ୍ର ଧର୍ମ ବୋଲି ଉକ୍ତ ହୋଇଅଛି । ଶାସ୍ତ୍ରକାରମାନେ କହିଅଛନ୍ତି
ତପଃ ପରଂ କୃତଯୁଗେ ତ୍ରେତାୟାଂ ଜ୍ଞାନମୁଚ୍ୟତେ
ଦ୍ୱାପରେ ଯଜ୍ଞମେବାହୁର୍ଦ୍ଦାନମେକଂ କଳୌଯୁଗେ ॥

ପୁନଶ୍ଚ, ଦାନର ମଧ୍ୟରେ ଗୀତାଦାନ ସର୍ବଶ୍ରେଷ୍ଠ । କାରଣ, ଶାସ୍ତ୍ରବାକ୍ୟ ଅଛି, "ଗୀତାଧ୍ୟାନାତ୍ ପରଂ ଦାନଂ ନ ଭୂତଂ ନ ଭବିଷ୍ୟତି ।" ଗତ ସୋମବାର ଦିନ ହେବ ଦେବ ୬/ଜଗନ୍ନାଥ ଦେବଙ୍କର ଶ୍ରୀ ଶ୍ରୀ ଗୁଣ୍ଡିଚାଯାତ୍ରାର ଶୁଭ ଦର୍ଶନୋପଲକ୍ଷେ ଉକ୍ତ ଶ୍ରଦ୍ଧେୟ ପଣ୍ଡିତ ବୈଦ୍ୟନାଥ ଏଠାକାର ବ୍ରାହ୍ମଣ ପଣ୍ଡିତମାନଙ୍କୁ ସ୍ୱଗୃହରେ ଆମନ୍ତ୍ରଣ କରି ଗୀତାପାଠ ଓ ବ୍ୟାଖ୍ୟା କରାଇ ଥିଲେ । ତଦନନ୍ତର ଫଳାହାରାଦି ଦ୍ୱାରା ସେମାନଙ୍କୁ ଅପ୍ୟାୟିତ କରି ଯଥାଯୋଗ୍ୟ ଦକ୍ଷିଣା ଏବଂ ନବବସ୍ତ୍ରାଦିସହ ଗୀତାଦାନ କରି ଅଛନ୍ତି ଦେଖି ଅମ୍ଭେମାନେ ଆନନ୍ଦିତ ହେଲୁଁ । ଉକ୍ତ ଶୁଭଦିନରୁ ତାହାଙ୍କର ଗୀତା ବିତରଣ କାର୍ଯ୍ୟ ଆରମ୍ଭ ହେଲା । ବାଲକୁ ଗୃହୀ ପଣ୍ଡିତ ବୈଦ୍ୟନାଥଙ୍କର ଏଦୃଶ ଧର୍ମାନୁମୋଦିତ ଅନୁଷ୍ଠାନ ଅବଶ୍ୟ ପ୍ରଶଂସାର୍ହ ବୋଲି କହିବାକୁ ହେବ ।

ଗୀତା ଓ ଭାଗବତ କଳିଯୁଗର ମୋକ୍ଷଶାସ୍ତ୍ର ବୋଲି ଅଭିହିତ । ଭୂଭାରହାରୀ ଭଗବାନ ଶ୍ରୀକୃଷ୍ଣଙ୍କର ଜ୍ଞାନ ଯୋଗ ଓ ପ୍ରେମର ଅପୂର୍ବ ସମ୍ମିଳନ କ୍ଷେତ୍ର । ସଂସାରରେ ଆଉ ମନୁଷ୍ୟମାନେ ଯୋଗ ଓ ପ୍ରେମ ଏକାଠିରେ କିରୂପେ ସାଧନ କରି ପାରନ୍ତି, ତାହା ସେ ନିଜ ଜୀବନରେ ଅତିଶୟ ସୁନ୍ଦରରୂପେ ଦେଖାଇ ଯାଇ ଅଛନ୍ତି । ତାହାଙ୍କ ଦେନ ଅମ୍ଭମାନଙ୍କର ଗୀତା ଓ ଭାଗବତ । ଗୀତାରେ ଯାହା ଉକ୍ତ ମାତ୍ର ଭାଗବତରେ ତାହା ଦୃଷ୍ଟାନ୍ତାକାରରେ ପରିଣତ । ୬/କାଳିତେଶ୍ୱରପଥ ସଙ୍ଗୀତ ଓ ଷାନୁବାଦ ପ୍ରଥମସ୍କନ୍ଧ ଭାଗବତ ବିନାମୂଲ୍ୟରେ ବିତରଣ କରି ଭାଗବତର ଅଭାବ ଆଂଶିକ ପରିମାଣରେ ପୂର୍ଣ୍ଣ କରିଥିଲେ-ସହସା ଈଶ୍ୱରଙ୍କର ଆଜ୍ଞାକୁ ତାହାଙ୍କୁ ଏଠାରୁ ଯିବାକୁ ପଡ଼ିଲା । ତାହାଙ୍କର ଆରବ୍ଧ ସଦନୁଷ୍ଠାନ ଶେଷ କରି ଯାଇ ପାରିଲେ ନାହିଁ । ଆଉ କେହି ଯେ ତାହାଙ୍କର ଆରବ୍ଧ କାର୍ଯ୍ୟ ପୂର୍ଣ୍ଣ କରିବ, ସେ ସମ୍ଭାବନା ନାହିଁ ଅଛି । ଗୀତାର ଅଭାବ ଅମ୍ଭେମାନେ ଅନେକ ଦିନରୁ ଅନୁଭବ କରି ଆସିଅଛୁଁ । ଶ୍ରଦ୍ଧେୟ ବୈଦ୍ୟନାଥବାବୁ ଅମ୍ଭମାନଙ୍କର ଉକ୍ତ ଅଭାବ ପୂରଣ କରି ଶ୍ରଦ୍ଧା ଓ ଭକ୍ତିର ପାତ୍ର ହୋଇଅଛନ୍ତି । ତାହାଙ୍କର ଗୀତାର କଲେବର ଅତିଶୟ ବୃହତ ରୟେଲ ଅକ୍ଟାଭୋ ପ୍ରାୟ ୭୦୦ ପୃଷ୍ଠାରେ ସମାପ୍ତ । ମୂଳ, ଅନ୍ୱୟ, ଅନୁବାଦ, ବ୍ୟାଖ୍ୟା, ଟୀକା ଓ ଗୋଟିଏ ସୁନ୍ଦର ସୂଚିପତ୍ର ସମ୍ବଳିତ । ଭୂମିକାରେ ପ୍ରକାଶ କି ମହାଶୟ ଗ୍ରନ୍ଥର ଯେଉଁ ମୂଲ୍ୟ ନିର୍ଦ୍ଦେଶ କରି ଅଛନ୍ତି ତାହା ତାହାଙ୍କର ମହତ ହୃଦୟର ପରିଚାୟକ ।

ଶ୍ରୀକୃଷ୍ଣ ସ୍ୱୟଂ ପୂର୍ଣ୍ଣାବତାର—ଗୋଲୋକବିହାରୀ ପୂର୍ଣ୍ଣବ୍ରହ୍ମ ନାରାୟଣ । ଗୀତା ସେହି ପଦ୍ମନାଭଙ୍କର ମୁଖପଦ୍ମରୁ ବିନିର୍ଗତ । ଶାସ୍ତ୍ରବାକ୍ୟ ଅଛି, ଗୀତା ସୁଗୀତା ହେଲେ ଅନ୍ୟ ଶାସ୍ତ୍ର ପାଠର ଆବଶ୍ୟକ ରହେ ନାହିଁ । ପଣ୍ଡିତ ବୈଦ୍ୟନାଥଙ୍କର ଗୀତା ପ୍ରକାଶ ମୁମୁକ୍ଷୁ ବ୍ୟକ୍ତିମାନଙ୍କର ପକ୍ଷରେ ମାହେନ୍ଦ୍ର ସୁଯୋଗ କହିବାକୁ ହେବ । ବିନାମୂଲ୍ୟରେ ଏତେବଡ଼ ଏବଂ ଏତେ ସୁନ୍ଦର ଗୀତା ବିତରଣ କେହି ଅମ୍ଭେମାନେ ଇତିପୂର୍ବେ ପ୍ରାୟ ଦେଖି ନାହୁଁ । ସମ୍ପ୍ରତି ଲିଖିତ ସଦୃଶ ଗୀତାର ଗ୍ରାହକ ସଂଖ୍ୟା ଯେ, ଅଳ୍ପଦିନ ମଧ୍ୟରେ ମାତିଯିବ, ତହିଁରେ ଆଉ ସନ୍ଦେହ ନାହିଁ ! ଗୀତା ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତଙ୍କର ପ୍ରାପ୍ୟ । ସୁତରାଂ ଏତାଦୃଶ ଗୀତାର ସୁପ୍ରଚାର ବାଞ୍ଛନୀୟ । ଶୁଭମସ୍ତୁ ।

ଶ୍ରୀ ଅନଙ୍ଗମୋହନ ଚକ୍ରବର୍ତ୍ତୀ ।
ତା ୨୭ ରଖ, ଜୁନ ୯୫, । କଟକ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଛାପିବାର

Split by PDF Splitter
Digitized by srujanika@gmail.com

ଏହି ପ୍ରାନ୍ତରେ ସର୍ବସାଧାରଣଙ୍କ ଜ୍ଞାତାର୍ଥେ ପ୍ରକାଶ କଲେ ବାଧିତ ହେବୁଁ ।

"ଜ୍ୟୋତିଷ ଜାତିମାନଙ୍କର ଉପନୟନାଦି ସତ୍କର୍ମ ହୋଇପାରେ କି ନା" ତତ୍ସମ୍ବନ୍ଧରେ ଉଭୟଙ୍କର ଏହି ପ୍ରଶ୍ନରେ ଏ ସଭାରୁ ଯେଉଁ ଉତ୍ତର ଯାଇଥିଲା ଉତ୍କଳଦୀପିକାରେ ୨୫।୫।୯୫ ତାରିଖରେ ଶ୍ରୀଯୁକ୍ତ ପୁରୁଷୋତ୍ତମ ଇର୍ଜାଲଙ୍କାର ଓ କପିଳେଶ୍ୱର ବିଦ୍ୟାଭୂଷଣ ମହୋଦୟମାନେ ମୂଳବଚନ ଉଦ୍ଧୃତ କରି ଜ୍ୟୋତିଷମାନେ ବର୍ଣ୍ଣସଙ୍କର ନୁହନ୍ତି ବୋଲି ଯେଉଁ ପ୍ରତିବାଦ କରିଅଛନ୍ତି ତାହା ଅଯଥା ଅଟେ । ସେମାନେ ପ୍ରକୃତରେ ସଙ୍କରଜାତି ଅଟନ୍ତି । ପ୍ରମାଣଂ ଯଥା, ବ୍ରହ୍ମବୈବର୍ତ୍ତ ପୁରାଣେ ବ୍ରହ୍ମଖଣ୍ଡେ ଦଶମାଧ୍ୟାୟେ—

ବର୍ଣ୍ଣସଙ୍କର ଦୋଷେଣ ବହ୍ୱ୍ୟଶ୍ଚ ଶଙ୍କାଜାତୟଃ । ତାସାଂ ନାମାନି ସଂଖ୍ୟାଶ୍ଚ କୋ ବା ବକ୍ତୁଂ ସମୋହିତଃ । ବୈଦ୍ୟୋଽଶ୍ୱିନୀକୁମାରେଣ ଜାତଶ୍ଚ ବିପ୍ରଯୋଷିତି । ବୈଦ୍ୟବୀର୍ଯ୍ୟେଣ ଶୂଦ୍ରାୟାଂ ବଭୂବୁର୍ବହବୋଜନାଃ । ତେ ଚ ଗ୍ରାମ୍ୟଗଣକାଶ୍ଚୈବ ମନ୍ତ୍ରୌଷଧପରାୟଣାଃ । ତେଭ୍ୟଶ୍ଚ ଜାତା ଶୂଦ୍ରାୟାଂ ଯେ ବ୍ୟାଳ ଗ୍ରାହିଣୋଭୁବି ।

ଇତ୍ୟାଦି ପ୍ରମାଣ ବଚନରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ଅଶ୍ୱିନୀକୁମାର ଔରସରେ ବ୍ରାହ୍ମଣୀଗର୍ଭରୁ ବୈଦ୍ୟମାନଙ୍କର ଜନ୍ମ, ଏବଂ ବୈଦ୍ୟ ଔରସରେ ଶୂଦ୍ରାଗର୍ଭରୁ ଜାତ ସନ୍ତାନମାନଙ୍କୁ ଗ୍ରାମ୍ୟଗଣକ ବୋଲାଯାଏ । ଗ୍ରାମ୍ୟଗଣକମାନେ ଜ୍ୟୋତିଷ ଜାତିକି ଭିନ୍ନ ଅନ୍ୟ କେହି ନୁହନ୍ତି । ତେବେ ସେମାନେ ବର୍ଣ୍ଣସଙ୍କର ନ ହୋଇ ବ୍ରାହ୍ମଣ ବିପ୍ର କପରି ହେଲେ ?

ପଣ୍ଡିତ ମହାଶୟମାନେ ଏହି ଅଧ୍ୟାୟରୁ ଯେଉଁ ଶ୍ଳୋକ ପ୍ରମାଣ ଦେଇ ଅଛନ୍ତି ତାହାର ଅର୍ଥ ଏହିକି ଯେଉଁ ବିପ୍ର ଜ୍ୟୋତିର୍ଗଣନା ବ୍ୟବସାୟ କରି ବେଦଧର୍ମ ପରିତ୍ୟାଗ କରନ୍ତି ସେମାନେ ମଧ୍ୟ ପତିତ ହୋଇ ଗଣକ ଶ୍ରେଣୀଭୁକ୍ତ ହୁଅନ୍ତି । ଗଣକ ହୋଇ ଗୋଟିଏ ପୃଥକ୍ ଶ୍ରେଣୀ ନ ଥିଲେ ପୁରାଣକର୍ତ୍ତା "ଉପ୍ରଷ୍ଟ" ଏସ୍ଥଳେ ତାହାର ବ୍ୟବହାର କରି ନ ଥାନ୍ତେ ।

ଅଗ୍ରଦାନୀ ବିପ୍ରମାନେ ବେଦ ଧର୍ମ ପରିତ୍ୟାଗ କଲେ ମଧ୍ୟ ସେମାନଙ୍କୁ ସଙ୍କର ବୋଲାଯିବ । ପ୍ରମାଣଂ ଯଥା, ମନୁସଂହିତାୟାଂ ଦଶମାଧ୍ୟାୟେ ୨୪ ଶ୍ଳୋକେ—ବ୍ୟଭିଚାରେଣ ବର୍ଣ୍ଣାନାମବେଦ୍ୟା ବେଦନେନ ଚ । ସ୍ୱକର୍ମଣାଂ ଚ ତ୍ୟାଗେନ ଜାୟନ୍ତେ ବର୍ଣ୍ଣସଙ୍କରାଃ । ଅର୍ଥାତ୍—ବର୍ଣ୍ଣସକଳର ବ୍ୟଭିଚାର, ଅବେଦ୍ୟ ବେଦନ ( ଅବିବାହ୍ୟ ବିବାହ ) ଓ ସ୍ୱକର୍ମ ତ୍ୟାଗ ଦୋଷରେ ବର୍ଣ୍ଣସଙ୍କରମାନେ ଜାତ ହୁଅନ୍ତି ।

ଅନ୍ୟଚ ।

ବରଂ ସ୍ୱଧର୍ମୋ ବିଗୁଣୋ ନ ପାରକ୍ୟଃ ସ୍ୱନୁଷ୍ଠିତଃ । ପରଧର୍ମେଣ ଜୀବନ୍ହି ସଦ୍ୟଃ ପତତି ଜାତିତଃ । ୧୦ମାଧ୍ୟାୟ ୯୭ ଶ୍ଳୋକ ।

ଅର୍ଥାତ୍—ବରଂ ମନ୍ଦ ସ୍ୱକର୍ମ ଭଲ ତଥାପି ସଦନୁଷ୍ଠିତ ପରକୀୟ କର୍ମ ଭଲ ନୁହେ । ପରଧର୍ମଦ୍ୱାରା ଜୀବିକା ନିର୍ବାହ କଲେ ଜାତିରୁ ସଦ୍ୟଃ ପତିତ ହୁଏ । ବ୍ରାହ୍ମଣମାନେ ବେଦାଧ୍ୟୟନାଦି ସ୍ୱକର୍ମ ତ୍ୟାଗ କରି ଜ୍ୟୋତିର୍ଗଣନାରୂପ ପରକୀୟ କର୍ମ ଆଚରଣ କରୁଥିବାରୁ ସେମାନଙ୍କୁ ପତିତ ଶ୍ରେଣୀରେ ଗଣନା କରାଯାଏ । ଏହି ପ୍ରମାଣରୁ ସ୍ପଷ୍ଟ ବୋଧ ହେଉଅଛି ଯେ ପର ଅର୍ଥାତ୍ ଗଣକଜାତି ପ୍ରକୃତ ନ ଥିଲେ ସେମାନଙ୍କର ଜ୍ୟୋତିର୍ଗଣନାଦି କାର୍ଯ୍ୟକୁ ପରକୀୟ କାର୍ଯ୍ୟ ବୋଲିପାରି ନ ଥାନ୍ତେ ।

ଶିଷ୍ଟାଚାରସ୍ତୁ ସ୍ମୃତର୍କସ୍ୟା ଦୃଢ଼େଷ୍ଟ ଗୃହ କଳ୍ପନା । ଅର୍ଥାତ୍—ଶିଷ୍ଟଲୋକମାନେ ଯାହା ବ୍ୟବହାର କରନ୍ତି ତାହାକୁ ସ୍ମୃତି ରୂପରେ ବ୍ୟବହୃତ ହୁଏ । ଏବଂ ସ୍ମୃତି ବାକ୍ୟରୁ ଶ୍ରୁତିର କଳ୍ପନା କରାଯାଏ । ତାହାହେଲେ ପ୍ରାଚୀନମାନେ ଦେଶୀୟ ବ୍ୟବହାର ଦୃଷ୍ଟିରେ ଯାହା ଶିଷ୍ଟାଚାର ବୋଲି ମନେ କରନ୍ତି ତାହା ଉକ୍ତ ଦେଶୀୟ ପଣ୍ଡିତମାନେ ଦେଶୀୟ ସ୍ମୃତି ରୂପରେ ସଂଗ୍ରହ କରି ଉକ୍ତ ଦେଶରେ ପ୍ରଚାର କରନ୍ତି । ଏହେତୁ ପଣ୍ଡିତବ୍ୟକ୍ତିମାନଙ୍କ ତାହା ଅପ୍ରମାଣ ବୋଲି ପ୍ରକାଶ କରିବା ଯୋଗ୍ୟକାର୍ଯ୍ୟ ନୁହେ । ସୁତରାଂ ପଣ୍ଡିତସବିଶ୍ୱାଦ ସ୍ମୃତିକର୍ତ୍ତାମାନେ ଯାହା ନିଜ ନିଜ ଗ୍ରନ୍ଥରେ ବ୍ୟାଖ୍ୟା ସ୍ୱରୂପ ଲେଖି ଅଛନ୍ତି ତାହା ଅପ୍ରମାଣ ବୋଲି ଅଗ୍ରାହ୍ୟ କରିବା ଅନୁବାଦମାନଙ୍କର କର୍ତ୍ତବ୍ୟ ନୁହେ ।

ଅତଏବ ପଣ୍ଡିତଦ୍ୱୟ ଭ୍ରମରେ ପଡ଼ି ଜ୍ୟୋତିଷମାନଙ୍କୁ ବ୍ରାହ୍ମଣ ପ୍ରତିପାଦନ କରିଅଛନ୍ତି । ତାହାହେଲେ ବ୍ରହ୍ମବୈବର୍ତ୍ତ ପୁରାଣ ସହିତ ସ୍ମୃତିମାନଙ୍କର ବିରୋଧ ଘଟିବ ସ୍ମୃତିକାରମାନେ କଣ ଭ୍ରାନ୍ତ ସ୍ୱଭାବ ଦେଖି ନ ଥିଲେ ? ଅମ୍ଭେମାନେ ଏକ ଗ୍ରନ୍ଥକୁ ବୁଝି ନ ପାରି ଅନ୍ୟ ଗ୍ରନ୍ଥକୁ ଭୁଲ କହିଲେ ବଡ଼ଲାଭର ଆଶା କରୁଁ ପଣ୍ଡିତମାନେ ଜ୍ୟୋତିଷ ଜାତିମାନଙ୍କୁ ବ୍ରାହ୍ମଣ କରିବାକୁ ବୃଥା ଚେଷ୍ଟା ନ କରି ପ୍ରତିବାଦରୁ ଶାନ୍ତ ହେବେ । ଇତି ।

କଣ୍ଟକ ।

ଗଡ଼ ନରସିଂହପୁର ଶ୍ରୀଯୋଗେନ୍ଦ୍ର ମିଶ୍ର ଶର୍ମା
ସମ୍ପାଦକ ।
ଆର୍ଯ୍ୟଧର୍ମପ୍ରଚାର ସମାଜ

---

# ବିଜ୍ଞାପନ ।


ନୂତନ ! ନୂତନ ! ନୂତନ !

ସାଧୁଭୋଷିଣୀ ନାମକ ନାନାଛନ୍ଦତରଙ୍ଗିଣୀ ପୁସ୍ତକ ହସ୍ତଲିଖିତ ବହିଷ୍କୃତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଇଚ୍ଛାକାରୀ ବ୍ୟକ୍ତିମାନେ ଏଥିରୁ ଖଣ୍ଡିଏ ୨ ସଂଗ୍ରହ କରିବାର ଉଚିତ । ଏହା ପାଠ କଲେ ମନ ଭକ୍ତିରସରେ ଆପ୍ଲୁତ ହେବ ।

| | | |
|---|---|---|
| ମୂଲ୍ୟ | ଖଣ୍ଡର | ଟ ୦ ୵ |
| ମଫସଲ ପାଇଁ ଖଣ୍ଡପ୍ରତି ଡାକମାଶୁଲ | | ଟ ୦ ୵୬ |

୨ । ୮ । ୯୫
। ଶ୍ରୀ । ରାମଚନ୍ଦ୍ରପୁର
ଜି କଟକ
ଶ୍ରୀ ବାମାନନ୍ଦ ଦାସ

---

## ଜ୍ୱରର ଅବ୍ୟର୍ଥ ମହୌଷଧ
### ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଡବା ଟ° ।୵ ମାଶୁଲ ଟ° । ଅଣା

ଏହି ଔଷଧ ବ୍ୟବହାରରେ ସର୍ବପ୍ରକାରର ଜ୍ୱରସେବ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ଆଉ ଥରେ ଜ୍ୱର ହୁଏ ନାହିଁ । ଏହାକୁ ବ୍ୟବହାର କଲେ ପ୍ଳୀହା ଓ ଯକୃତ ବୃଦ୍ଧି ଆଦି ରୋଗ ନଷ୍ଟ ହୁଏ ... ଏହି ଔଷଧ ସେବନରେ କୌଣସି ଅପକାର ହୁଏ ନାହିଁ ... ଔଷଧ ବ୍ୟବହାର ବିଧି ଔଷଧ ସହିତରେ ଦିଆ ଯାଇ ଥାଏ ।

ଶ୍ରୀ ରାମ ଚାନ୍ଦବଖେନ
ବେଳ ଦରୁଣଫେଷ
ବାଲେଶ୍ୱର

---

CHEAP ! CHEAP ! CHEAP

**SCHOOL BOOKS.**

Prescribed for the Collegiate school and H. E. schools.

**JUST TO HAND.**

To be had of the Printing Company, Cuttack.


Digitized by srujanika@gmail.com

Split by PDF Splitter



କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

## ଦାର୍ଢ୍ୟଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୬ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲନିମନ୍ତେ ଡାକମାସୁଲ ଟ ୦/

---

## ଶ୍ରୀମଦ୍ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଆସୁଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସଂସ୍କୃତ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବିଷ୍ଟ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାତ୍ମା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା ଜଗତ୍ପତିର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ଦର୍ଶନ କରୁଥିବା ବିଷୟକ ସୁନ୍ଦର ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ।୵ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତିସୁଲଭ ମୂଲ୍ୟ ଟ ୦ ।୵ ଧାର୍ଯ୍ୟ ହୋଇଅଛି ।

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରୀ ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାନୀର ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

**NOTICE**

THE

# DWIBHASI.

*SECOD EDITION IS OUT*
*AND AVAILABLE FOR SALE.*

To be had of the Printing Company Cuttack.

*Price four annas,*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ଣ୍ଣ ବିରଚିତ

ସତ୍ୟନାରାୟଣ ଜନ୍ମପାଲା ମୂଲ୍ୟ ଟ ୦/ ଏକଅଣା
ପଦ୍ମଲୋଚନ ପାଲା ମୂଲ୍ୟ ଟ ୦/
ମର୍ଦ୍ଦରାଜ ଜନ୍ମପାଲା ମୂଲ୍ୟ ଟ ୦୵
ହରଅର୍ଜ୍ଜୁନ ପାଲା ମୂଲ୍ୟ ଟ ୦୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ପ୍ରସ୍ତୁତ ଅଛି

---

ହଜାରେ ଟଙ୍କା ପୁରସ୍କାର !

# BISHAHARI.

## ବିଷହରି ।

ଛଡ଼ାଣି ହୁଏ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ଦାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତଘା ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୨୪ ଦିନ ଓ ପ୍ରମେହ ୭ ଦିନରେ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜ୍ଜିତ । ପାରା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଔଷଧର ଟ ୧ ଙ୍କା, ଲେପନଦ୍ରବ୍ୟର ଟ ୧ ଙ୍କା, କୁଷ୍ଠରୋଗର ପୂରା ଟ ୪ ଙ୍କା, ପ୍ୟାକିଂ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ ବଟକୃଷ୍ଣ ପାଲ ଏଣ୍ଡ କୋଂ, ଖୋଂରାପଟ୍ଟୀ, ଚିନାବଜାର କଲିକତା"

କଟକର ଏଜେଣ୍ଟ
ବାବୁ ଏଲ୍, ଏନ୍, ନାୟକ
ଇମ୍ପିରିୟଲ ମେଡିକାଲହଲ ।
କଟକ ଓଡ଼ିଶା

---

ମଧ୍ୟପ୍ରଦେଶସ୍ଥ ସମ୍ବଲପୁର ଜିଲ୍ଲାନ୍ତର୍ଗତ ସୋନପୁର ଫ୍ୟୁଡେଟରୀଷ୍ଟେଟ ନିମନ୍ତେ ମାସିକ ଟ ୫୦୲ ବେତନରେ ଜଣେ ଅନୁଭବୀ, ପରୀକ୍ଷୋତ୍ତୀର୍ଣ୍ଣ ଓ ପରିଶ୍ରମୀ ଓଭରସିଅର୍ ଆବଶ୍ୟକ । କାର୍ଯ୍ୟେପ୍ସୁକ ବ୍ୟକ୍ତିମାନେ ଆପଣା ଆପଣା ସାର୍ଟିଫିକେଟର ନକଲ ସହିତ ନିମ୍ନଲିଖିତ ଠିକଣାକୁ ତା ୧୦।୭।୯୫ ପୂର୍ବେ ଦରଖାସ୍ତ ପଠାଇବେ । ମନୋନୀତ ବ୍ୟକ୍ତିକୁ ସମ୍ବାଦ ଦିଆଯିବ ଓ ଅନ୍ୟାନ୍ୟଙ୍କୁ ସମ୍ବାଦ ଦିଆଯିବ ନାହିଁ । ଇତି

୧୦।୬।୧୮୯୫ } ରାଜା ଶ୍ରୀ ପ୍ରତାପରୁଦ୍ରସିଂହ ଦେବ
ଫ୍ୟୁଡେଟରୀ ଚ ସୋନପୁର
ଚ ସମ୍ବଲପୁର ସି ପି

---

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

ପଞ୍ଚାଙ୍କମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଲେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

---

## ବିଜ୍ଞାପନ ।

ନିମ୍ନସ୍ୱାକ୍ଷରିତ ସ୍ୱନେଶ୍ୱର ନିବାସୀ ଦରଦ ବୈଷ୍ଣବ, ଭାରତବର୍ଷର ବହୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡକୁ ସ୍ୱୀୟ ସାଧନ ଭଜନର ଏକ ମାତ୍ର ଉପଯୁକ୍ତ ସ୍ଥାନ ସ୍ଥିର କରି, କଟକ ନଗରର ଅନ୍ତଃପାତୀ ଦର-

Digitized by srujanika@gmail.com

ସାବଜାରର ଜକଟବର୍ତ୍ତୀ ୬ ପ୍ୟାରିମୋହନ ଏ-କାଡ଼େମୀର ପଶ୍ଚିମପାର୍ଶ୍ୱ ବାଂଗଳ ନାମକ ସ୍ଥାନରେ ଶୀଘ୍ର ଉପାସ୍ୟ ଦେବତା ଶ୍ରୀଶ୍ରୀ ଭଗବାନ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ ଯୁଗଳମୂର୍ତ୍ତି ଓ ଭଗବାନ ଗୋକୁଳବିହାରୀ ଶ୍ରୀକୃଷ୍ଣ ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି ପଞ୍ଚମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ ତେଣୁ ସଂଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉଦ୍ୟୋଗୀ ହୋଇଅଛି । ଉକ୍ତ ବୃହତ କାର୍ଯ୍ୟ ସମ୍ପନ୍ନ ହେବାପାଇଁ ଅନ୍ୟୂନ ୨୦୦୦ ଟଙ୍କା ସବସ୍ତ ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଦରିଦ୍ର ସାଧୁ ନିଃସ୍ୱାର୍ଥ ପାରମାର୍ଥିକ ବାଇବ୍ୟ ପ୍ରତି ନିର୍ଭର କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛି । ବର୍ତ୍ତମାନ ବିନୀତ ପ୍ରାର୍ଥନା ଯେ ବାହାମାନେ ସ୍ୱସ୍ୱ ପାରମାର୍ଥିକ ଉଦାରତା ଗୁଣରେ ସ୍ୱୀୟ ଅବସ୍ଥାନୁଯାୟୀ ଯଥାସମ୍ଭବ ସାହାଯ୍ୟ ଦାନ କରି ଉକ୍ତ କାର୍ଯ୍ୟ ସମାଧା କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ, ଯେଉଁ ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟଙ୍କ ଅଥବା କଟକ ଚୌଧୁରୀବଜାର ନିବାସୀ ମହାଜନ ଶ୍ରୀଯୁକ୍ତ ପଞ୍ଚମୂର୍ତ୍ତି ସନ୍ନ୍ୟାସୀଙ୍କ ଠିକଣାରେ ମୋହଠାରୁ ଅର୍ଥସାହାଯ୍ୟ ପଠାଇଲେ ମୁଁ ପ୍ରାପ୍ତ ହେବ ଇତି ।

୩ । ୭ । ୯୫ } ନିବେଦନ
କଟକ } ବାବାଜୀ ଅନନ୍ତାଅଗଲଦାସସ୍ୱାମୀ

# ବିଜ୍ଞାପନ ।

ଶୁଭାଙ୍କଳଚୂର୍ଣ୍ଣ !
ନୂତନ ଓ ସମ୍ପୂର୍ଣ୍ଣ ଆୟୁର୍ବେଦୀୟ
ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଅନଳ ଓ ପରିଣାମଶୂଳ ଇତ୍ୟାଦି ସକଳପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ବାୟୁରୋଗ ଅତିଶୀଘ୍ର ଆରୋଗ୍ୟ ହୁଏ । ଏହା ଅମୃତ ବିଶେଷରୂପେ ପରୀକ୍ଷିତ ଔଷଧ ପ୍ରାତଃ ସେବନ କଲେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପକାର ପାଇ ପାରିବେ ବିଶେଷ ଅଭିମତ ପୂର୍ଣ୍ଣ ବିଜ୍ଞାପନ ଲେଖିବା ବାହୁଲ୍ୟ ହେତୁ (କେବଳ ପରୀକ୍ଷାରେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ସ୍ୱଳ୍ପମାତ୍ର ଉପକାର ପାଇ ନାହାନ୍ତି ସେମାନେ ଥରେ ଅବଶ୍ୟ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଟଙ୍କା
ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଅମୃତହାଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର } ବଡରାଜ
ସହର କଟକ } ଶ୍ରୀ କାଳକୃଷ୍ଣ ଦାସ
ବାବୁରାଧାଅଧ୍ୟକ୍ଷ-
ସରକାରଙ୍କ ବସାରେ ।

# ଘଡ଼ୀ ମରାମତୀ ।



ଏଠାରେ ନାନାପ୍ରକାର ଛୋଟ ବଡ ସୁନ୍ଦର ଘଡ଼ୀ ମରାମତୀ କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ରୂପରେ ନୂତନ କାରିଗର ଦ୍ୱାରା ସୁନ୍ଦର ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଦେଇ କଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ଦାରମରସ୍ତାଦି ଡିଗ୍ରି କରିବାରୁ ଏବଂ ଲୁଚାକିଲ ବନ ପ୍ରଭୃତି ମରାମତ କରାଯାଇବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୨ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖରାପ ହୋଇଲେ ପୁନର୍ବାର ବିନା ମଜୁରୀରେ ମରାମତି କରି ଦିଆଯିବ ।

ପ୍ରକାଶଥାଉକି ଘଡ଼ୀଆଳୀର ଦୋକାନ ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ପରିଚୟ ଦେବାର ଶୁଣାଯାଉଛି । ଏହିପରି କେତେକ ଘଟନା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସ୍ୱହସ୍ତେ ଘଡ଼ୀ ଛାପାଖାନାକୁ ପଠାଇଦେଇ ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲ୍ଟୀ କର୍ମ ମଧ୍ୟ ଏଠାରେ ହୁଏ ।

୧୭ । ୪ । ୯୫ } ଶ୍ରୀ ଗୌରୀଶଙ୍କର ରାୟ
କଟକପ୍ରିଣ୍ଟିଂକମ୍ପାନୀ }
ଅଫିସ କଟକ }

# ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!
ବ୍ରହ୍ମାଣ୍ଡଭୂଗୋଳ ।
ଦ୍ୱିତୀୟ ଅର୍ଜ୍ଜୁନ ସମ୍ବାଦ
ମୂଲ୍ୟ ୫ ୦ ।
ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ
ବିକ୍ରୟ ହେଉଅଛି ।

# ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋଅର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବଜାରରେ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନାୟାସରେ ପାଇପାରିବେ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୬
ଅର୍ଦ୍ଧସ୍ତମ୍ଭ ଟ ୨
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ୧ ରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରୁ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ମୂଲ୍ୟ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେଲେ, ଛପାଯାଇ ପାରିବ ।

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଭାଗ ୩୦ ସ ୧୨୨୮ ସଂଖ୍ୟା | ତା ୧୩ ଦଶ ମାହେ ଜୁଲାଇ ସନ ୧୮୯୫ ମସିହା । ମୁ । ତା ୩୧ ଜ ଆଷାଢ଼ ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ ପଶ୍ଚାଦେୟ ଟ ୬


ଢାକାର ଜଣେ ଡେପୁଟି ମାଜିଷ୍ଟ୍ରେଟ ଫର୍‌ଡୋଇସ ସାହେବଙ୍କ ନାମରେ ଉତ୍କୋଚ ଗ୍ରହଣର ଅଭିଯୋଗ ହୋଇଥିବାର ପାଠକମାନେ ଜାଣନ୍ତି । ସେ ସସପେଣ୍ଡ ହୋଇଥିଲେ ଏବଂ ତାହାଙ୍କର ବିଚାରାର୍ଥେ କମିଶନ ବସିଥିଲା । ମାନ୍ୟବର ବଙ୍ଗୀୟ ଲେଫ୍ଟଗଟ ସମ୍ପ୍ରତି ତାହାଙ୍କୁ କାର୍ଯ୍ୟରୁ ବାହାର କରି ଦେବାର ଶୁଣାଯାଏ । ଏତକରେ ଶେଷ ହେବ କି ?

---

ସିମଲରେ ଜନରବ ଉଠିଅଛି କି ଯେଉଁ ସାହଜାଦା ବିଲାତକୁ ଯାଇ ଅଛନ୍ତି ଏବଂ ଯାହାଙ୍କ ଆଦର ଅଭ୍ୟର୍ଥନାର ସୀମା ନାହିଁ ସେ ପ୍ରକୃତରେ କାବୁଲର ଅମିରଙ୍କ ପୁତ୍ର ନୁହନ୍ତି । ସୁଚତୁର ଅମିର ଅବଦୁଲ ରହମାନ ଇଂରାଜ ରାଜାଙ୍କୁ ଖାତର ରଖିବା ପାଇଁ ଅପର ଏକଜଣଙ୍କୁ ପୁତ୍ର ବୋଲି ପଠାଇ ଦେଇ ଅଛନ୍ତି । ଯେଉଁମାନେ ଏ ପ୍ରକାର ଜନରବ କଳ୍ପନା କରି ପାରନ୍ତି ସେମାନେ ଧନ୍ୟ ।

---

କଲିକତାର ବିଖ୍ୟାତ ବାରିଷ୍ଟର ଡବଲ୍ୟୁ ସି, ବାନୁର୍ଜ୍ଜ୍ୟା ବର୍ତ୍ତମାନ ବିଲାତରେ ଅଛନ୍ତି । ସେଠାର ଏକସ୍ଥାନର ଅଧିବାସିମାନେ ତାହାଙ୍କୁ ପାର୍ଲିମେଣ୍ଟ ସଭାର ସଭ୍ୟ ପଦର ପ୍ରାର୍ଥୀ ହେବା ସକାଶେ ଅନୁରୋଧ କରିବା ଏବଂ ଉହୁଁରେ ସେ ଜାସ୍ତି କରିବାର ଏଥିପୂର୍ବେ ସମ୍ବାଦ ଆସିଥିଲା । ବର୍ତ୍ତମାନ ଆଉ ଏକସ୍ଥାନର ଉଦାର ଦଳ ତାହାଙ୍କୁ ମନୋନୀତ କରିବାର ଶୁଣାଯାଏ । ବଙ୍ଗାଳି ବାନୁର୍ଜ୍ଜ୍ୟା ମହାଶୟ ସାହେବ ହୋଇ ବିଲାତରେ ଖୁବ ପ୍ରତିଷ୍ଠା ପାଇବାର ଜଣାଯାଏ ।

---

ରୁଷିଆର ଜାମିନରେ ଫରାସି ରାଜ୍ୟରୁ ଚୀନ ଯେଉଁ ଋଣ ଗ୍ରହଣ କରିବାର କଥା ଲାଗିଅଛି ତାହା ଏକପ୍ରକାର ସ୍ଥିର ହେବାର ଶୁଣାଯାଇ ଥିଲା । ମାତ୍ର କେତେକ ବିଷୟରେ ଚୀନ ଆପତ୍ତି କରିବାରୁ ସେସବୁ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ବନ୍ଦୋବସ୍ତ ସ୍ଥଗିତ ଅଛି । ଏଥିମଧ୍ୟରେ ଚୀନ ବିଲାତରୁ ଏକକୋଟି ଟଙ୍କା ଋଣ କରିଅଛନ୍ତି । ଏହି ଋଣ ଦେବାପାଇଁ ମହାଜନମାନଙ୍କର ଏତେ ଧସ୍ତ ଧର ଯେ ଦଶଗୁଣର ଆବେଦନପତ୍ର ପ୍ରାପ୍ତ ହୋଇ ଥିଲା । ବିଲାତର ମହାଜନଙ୍କର ଟଙ୍କା ରଖିବାର ସ୍ଥାନ ନାହିଁ ପରା ?

---

ଗତ ସପ୍ତାହରେ କେବଳ ଏକ ଦିନ କିଛି ବର୍ଷା ହୋଇଥିଲା । ଏ ସପ୍ତାହରେ ଦୁଇ ଏକ ଥର ଝିରିଫିରି ଛଡ଼ା ଘୂଦୋ ବୃଷ୍ଟି ହୋଇ ନାହିଁ ବୋଲାଯାଇ ପାରେ । ଏହା ଦ୍ୱାରା ଅବଶ୍ୟ ଉପକାର ହୋଇ ଅଛି କାରଣ ଯେ ସବୁ ଜଳ ଧୋଇ ଯାଇଥିଲା ତହିଁମଧ୍ୟରୁ କେତେକ ଜଳର ପାଣି ଛାଡ଼ି ଯିବାରୁ ଅବାଦ ଯୋଗ୍ୟ ହୋଇ ଅଛି । ମାତ୍ର ଯେଉଁଠାରେ ଗାଳି ଲାଗି ଅଛି ଏବଂ ଯେ ସବୁ ଖାଲ ଜଳ ବର୍ଷା ଓ ବଢ଼ି ପାଣି ଯୋଗେ ଏକାଣ୍ଡିବ ହୋଇ ଅଛି ସେ ସବୁର ଆଶା ନାହିଁ । ଗତ କାଲିଠାରୁ ଉଠାଣିଆ ବୃଷ୍ଟି ଆରମ୍ଭ ହେବାର ଜଣାଯାଏ ।

---

ଦାନାପୁର ବାରିକର ହାବାର୍ଡ଼ ନାମକ ଜଣେ ଗୋରାସିପାହୀ ଏକ ପଙ୍ଖା କୁଲିକୁ ପଦାଘାତରେ ହତ୍ୟା କରି ପୁଲିସ ଅନୁସନ୍ଧାନ ବେଳେ ଏକରାର କରି ଧସ୍ତ ଦେଇ ଥିଲା । କଲିକତା ହାଇକୋର୍ଟରେ ବିଚାର ହେବା ସମୟରେ ସେ ଲଙ୍କାର କଲା ଏବଂ ଜୁରିମାନଙ୍କ ବିବେଚନାରେ ନିରପରାଧୀ ସାବ୍ୟସ୍ତ ହେବାରୁ ମାନ୍ୟବର ବିଚାରପତି ତହିଁରେ ଐକ୍ୟ ହୋଇ ତାହାକୁ ଖଲାସ ଦେଲେ । ନରହତ୍ୟା ସ୍ୱୀକାର କରି ସୁଦ୍ଧା ଖଲାସ ପାଇବା ଏ ଦେଶରେ କେବଳ ଇଂରାଜଙ୍କ ଭାଗ୍ୟରେ ଘଟେ । ଏ ବ୍ୟକ୍ତି ଯେ ପୁଲିସର ଅଯଥା ବ୍ୟବହାରରେ ଏପରି କରିଥିଲା ଏମନ୍ତ ବୋଲିବାର ବାଟ ନାହିଁ ।

---

ମାନ୍ୟବର ଶ୍ରୀଯୁକ୍ତ ବଙ୍ଗେଶ୍ୱର ଏହିମାସରେ ଏପ୍ରଦେଶକୁ ଶୁଭାଗମନ କରିବାର ଶୁଣାଯାଇଥିଲା । ମାତ୍ର କେ ଜାଣେ ବର୍ଷା ଦେଖି ଅଥବା ବାରମ୍ବାର ଅଭ୍ୟର୍ଥନା ଗ୍ରହଣର କଷ୍ଟ ହେତୁ ସେ ସ୍ଥଳଭାଗକୁ ନ ଆସି କେବଳ ଜାହାଜରେ


Split by PDF Splitter
Digitized by srujanika@gmail.com

କୃଷ୍ଣବାଲ ପର୍ଯ୍ୟନ୍ତ ଅସି ସେଠାରୁ ଯାଉଥିବା ଓଡ଼ିଶା କମିଶନରଙ୍କ କଥାବାର୍ତ୍ତା କରି ଲେଉଟି ଯିବାର ସ୍ଥିର ହୋଇଅଛି ମାନ୍ୟବର ମହୋଦୟ ତା ୧୧ ରିଖରେ କଲିକତାରୁ ଯାତ୍ରା କରି ତା ୧୪ ରିଖ ଅର୍ଥାତ୍ ଅଗାମୀ କଲ୍ୟ ଲେଉଟିଯିବେ । ଏଠାରୁ ଆମ୍ଭମାନଙ୍କ କଲେକ୍ଟର ସାହେବ ସର ନଙ୍ଗଲବାଲ ବୃନ୍ଦାବନ ଯାତ୍ରା କରିଅଛନ୍ତି ।

---

ଏ ନଗରରେ ଓଲାଉଠା ଏ ସପ୍ତାହରେ ବହୁତ ପ୍ରବଳ ହୋଇ ଥିଲା । ଦୈନିକ ମୃତ୍ୟୁ ସଂଖ୍ୟା ୩।୪ ରୁ ଊଣା ନ ଥିଲା । ମିଉନିସିପାଲିଟି ସତର୍କ ହୋଇ ଜଣେ ଅତିରିକ୍ତ ଡାକ୍ତର ନିଯୁକ୍ତ କରି ଡାକ୍ତରଖାନା ଦିବାରାତ୍ର ଖୋଲା ରଖି ଔଷଧ ବାଣ୍ଟିବାର ବନ୍ଦୋବସ୍ତ କରି ଅଛନ୍ତି । ଲୋକମାନେ ନଗର କୀର୍ତ୍ତନ ଗ୍ରାମଦେବୀ ଅର୍ଚ୍ଚନା ଏବଂ ଠାକୁରାଣୀ ଲଗାଇବାରେ ଯେପରି ପ୍ରବୃତ୍ତ ଅଛନ୍ତି ଚିକିତ୍ସା ପ୍ରତି ସେପରି ନୁହନ୍ତି । ପୀଡ଼ା ଆରମ୍ଭ ମାତ୍ରକେ ଔଷଧ ପ୍ରୟୋଗ କଲେ ଅନେକ ଉପକାର ଦର୍ଶିବ ସନ୍ଦେହ ନାହିଁ ଏବଂ ଔଷଧ ପାଇବାର ସମ୍ପୂର୍ଣ୍ଣ ସୁବିଧା ହୋଇଥିବା ସ୍ଥଳେ ଆମ୍ଭେମାନେ ଅନୁରୋଧ କରୁ ଅଛୁଁ ଯେ ଦୈବିକ ଉପାୟ ସଙ୍ଗେ ସଙ୍ଗେ ଶୀଘ୍ର ଔଷଧ ପ୍ରୟୋଗ ପ୍ରତି ମନୋଯୋଗୀ ହେଉନ୍ତୁ ।

---

ଭାଷା ପରିବର୍ତ୍ତନ ସମ୍ବନ୍ଧରେ ସମ୍ବଲପୁର ବାସିମାନେ ସଭା କରି ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କ ନିକଟକୁ ଯେଉଁ ଆବେଦନପତ୍ର ପଠାଇବାର ସ୍ଥିର କରିଥିଲେ ସେହି ଆବେଦନପତ୍ର ଗତମାସ ପ୍ରଥମ ଭାଗରେ ପଠାଯାଇ ଅଛି ଏବଂ ଆମ୍ଭେମାନେ ତହିଁର ଏକଖଣ୍ଡ ପ୍ରତିଲିପି ପ୍ରାପ୍ତ ହୋଇଅଛୁଁ । ଆବେଦନପତ୍ର ଅତ୍ୟନ୍ତ ଦୀର୍ଘ ଥିବା ଏବଂ ଏ ସ୍ଥିର ଅନେକ ଯୁକ୍ତି ଉତ୍କଳ ସଭାରୁ ପଠାଯାଇ ଥିବା ପତ୍ର ସଙ୍ଗେ ଐକ୍ୟ ଥିବାରୁ ତହିଁକି ସମସ୍ତ ସ୍ଥାନ ଯୋଗାଇବାକୁ ଅକ୍ଷମ ହେଲୁଁ । ସେ ଆବେଦନପତ୍ରରେ ଅଧିକ ପ୍ରାର୍ଥନା ଏହି ହୋଇଅଛି କି ଯଦ୍ୟପି ଭାଷା ସମ୍ବନ୍ଧୀୟ ମଧ୍ୟପ୍ରଦେଶର ଚିଫକମିଶନରଙ୍କ ଆଦେଶ ରହିତ କରିବା ଗବର୍ଣ୍ଣମେଣ୍ଟ ଅନୁଚିତ ବୋଧ କରନ୍ତି ତେବେ ସମ୍ବଲପୁର ଜିଲ୍ଲା ଓ ତହିଁ ସଂଲଗ୍ନ ଗଡ଼ଜାତମାନଙ୍କୁ ମଧ୍ୟପ୍ରଦେଶରୁ ବାହାର କରି ଓଡ଼ିଶା କମିଶନରଙ୍କ ଅଧୀନରେ ରଖା ଯାଉ । ଏ ସମ୍ବନ୍ଧରେ ଆମ୍ଭମାନଙ୍କ ମନ୍ତବ୍ୟ ଏ ପରେ ପ୍ରକାଶ କରିବୁଁ ।

---

### ମହରମ ।

ମହରମ ମୁସଲମାନଙ୍କର ପର୍ବ ହେଲେ ହେଁ ଏ ନଗରରେ ହିନ୍ଦୁମାନେ ମୁସଲମାନଙ୍କ ସଙ୍ଗେ ଯୋଗଦେବାରୁ ଏହା ଗୋଟିଏ ପ୍ରଧାନ ସାଧାରଣ ପର୍ବ ହୋଇଅଛି । ଅତଏବ ଅଖଡ଼ା ଓ ତାଜିଅ ଯୋଗୁଁ ସହରର ନାନା ବଜାରରେ ଦିବାରାତ୍ର ବାଜା ଉତ୍ସବ ପଡ଼ିଯାଏ ଏବଂ ଷଣ୍ଢଭିଆମାନେ ନାନାପ୍ରକାର ସ୍ୱାଙ୍ଗ ବାହାର କରି ଲୋକଙ୍କ ଲୋଭ ଲଗାଇଥାନ୍ତି । ଏବର୍ଷ ନୂତନ ପଲଟନ ଅନୁକାଳ ହେଲା ବଦଳହୋଇ ଅସିବାରୁ ସେଠାର ତାଜିଆ ହୋଇ ନାହିଁ । ମାତ୍ର ନଗର ବାସିମାନେ ସେମାନଙ୍କ ତାଜିଆ ଓ ସ୍ୱାଙ୍ଗର ଅନୁକରଣ କରିବାଦ୍ୱାରା ସେ ଅଭାବ ଦୂର କରିଦେଇ ମୋଟରେ ତାଜିଆ ସଂଖ୍ୟା ଊଣା ନ ହୋଇ ବରଂ ଗତବର୍ଷଠାରୁ ବୃଦ୍ଧି ହୋଇଥିଲା ଏବଂ ପିଇଠାରୁ କଡ଼ପର୍ଯ୍ୟନ୍ତ ବହୁତ ସ୍ୱାଙ୍ଗ ଯେପରି ସାହେବ, ବାଘ, ଭାଲୁ, ବୈରାଗୀ, ମାଳୀ, ମୂଲଆ ଫଟୋ, ପ୍ଲେଗ ଇତ୍ୟାଦି ବେଶ ଧାରଣ ପୂର୍ବକ ଦର୍ଶକଙ୍କର ମନ ହରଣ କରୁଥିଲେ । ଗୋଷ୍ଠୀଏ ନଦେଶୀବାସ ଏପରି ଜମତ୍ ହୋଇଥିଲେ ଯେ ସ୍ୱଭାବ୍ୟ ସ୍ଥାନରେ ନେଶ୍ୱୁଆରୁ ଦାନ୍ତରେ କାମୋଡ଼ ଦରମରା କରି ପଶ୍ଚାତ୍ତରେ ଭୂଷଣଦ୍ୱାରା ଇଲାକାଟ ବାଜରେ ପକାଇ ରକ୍ତ ପିଇ ବଜାରରେ ବୁଲୁଥିଲେ ଏବଂ ଏହି ବିରକ୍ତିକାର ଦର୍ଶନାର୍ଥେ ପୁଲିସର ସାହାଯ୍ୟ ଅବଶ୍ୟକ ହୋଇଥିଲା । ଗୋଷ୍ଠୀ ତାଜିଆମାନଙ୍କରୁ ଅନ୍ତତଃ ଦୁଇଗୋଟି ଫଲ୍ଟନିଆଙ୍କ ଅନୁକରଣରେ ଏବଂ ଅନ୍ୟ ସବୁ ସ୍ଥାନୀୟ ପଦ୍ଧତି ପ୍ରଥାରେ ଗଠିତ ହୋଇଥିଲା ଏବଂ ଅଧିକାଂଶର କାରିଗରି ଉତ୍ତମ ଥିଲେ ହେଁ ବାଦାବଜାର ସ୍ୱଭାବତଃ ଓଡ଼ିଆବଜାର ପ୍ରଭୃତି ତାଜିଆମାନ ଅଧିକ ସୁନ୍ଦର ହୋଇଥିଲା ଏବଂ ବରଯାତ୍ରାର ତାଜିଆ ଉତ୍ତମ ଉତ୍ତରଙ୍କ ମଧ୍ୟର ଅଭିନବ ଜଳଲ ସ୍ୱରୂପ ବଡ଼ ଭଲ ଦିଶୁଥିଲା । କଟକକା ପ୍ରଭୃତି ସ୍ଥାନରେ ରବିବାରଠାରୁ ସୋମବାର ପର୍ଯ୍ୟନ୍ତ ଦଶ ଦିନ ଯାତ୍ରା ହୋଇଥିଲା ମାତ୍ର ଏ ନଗରରେ ସୋମବାର ଆରମ୍ଭହୋଇ ଶୁକ୍ରବାର ଶେଷ ହେଲା । ସୁତରାଂ ଗୁରୁବାର ପ୍ରାତଃକାଳରୁ ରାତ୍ରି ଘ ୧୦ ଘା ପର୍ଯ୍ୟନ୍ତ ଚଳଲ ସ୍କନ୍ଧି ଯାଞ୍ଚା ଏବଂ ଅପରାହ୍ନ ସନ୍ଧ୍ୟାଠାରୁ ରାତ୍ରି ଦୁଇପ୍ରହର ପର୍ଯ୍ୟନ୍ତ କରବଲା ଯାତ୍ରା ହୋଇଥିଲା । ଏଥର ଅଳ୍ପ ବୃଷ୍ଟି ନ ହେବାରୁ ସମସ୍ତଙ୍କର ଅପାର ସୁଖ ହୋଇଥିଲା । ମାତ୍ର ଏକଥାରେ ତାଜିଆ ଓ ସ୍ୱାଙ୍ଗ ଇତ୍ୟାଦିର ବହୁ ଉନ୍ନତି ଦେଖା ଗଲେ ହେଁ ଅନ୍ୟ ସମୟରେ ଅଖଡ଼ାବାଲା ଓ ତାଜିଆବାଲାଙ୍କ ମଧ୍ୟରେ ମନାନ୍ତର ଘଟିବା ବଡ଼ ଦୁଃଖର ବିଷୟ ଅଟେ । କେବଳ ପୁରୀ ଏବ ଅଖଡ଼ା ଲାଗି ଦୁଇ ଅଖଡ଼ା ଏବଂ ଏକ ତାଜିଆ ସ୍ଥାନରେ ଦଳ ହୋଇଅଛି ଏବଂ କେଉଁଠାରେ ପର୍ବର ମଧ୍ୟରେ ଦଙ୍ଗାହଙ୍ଗାମାର ଉପକ୍ରମ ହୋଇଥିଲା ମାତ୍ର ପୁଲିସ ସତର୍କ ହେବାରୁ ସଫଳ ହୋଇପାରିଲା ନାହିଁ । ଧର୍ମାନୁଷ୍ଠାନ କରିବାକୁ ଯାଇ ଏପରି କଳ ଉଠାଇବା ତାହାର ଏତେ ପ୍ରକାଶ ପାଉଅଛି ଯେ ଅନୁଷ୍ଠାନକାରୀଙ୍କ ମନରୁ କ୍ରମେ ଧର୍ମଭାବ ଅନ୍ତର ହୋଇ ତାମସିକ ଭାବ ପ୍ରବଳ ହେଉଅଛି ଏବଂ ଏହା ନିଃସନ୍ଦେହ ଅଧୋଗତିର ଲକ୍ଷଣ । ଏହା ମୁସଲମାନ ତାହୁଁ ହିନ୍ଦୁଙ୍କ ମଧ୍ୟରେ ମଧ୍ୟ ଏହି ଭାବ କ୍ରମେ ବୃଦ୍ଧି ହେଉଅଛି । ସମସ୍ତେ ଅପଣାକୁ ଅପେ ବଡ଼ ମାନିବା ଏବଂ ଏକାକିସ୍ଥଳରେ ନ ମିଳିବା ଏଥିର କାରଣ ଅଟେ । ପୂର୍ବ ସମାଜର ଜଣେ ନେତା ଥିଲେ ଏବଂ ତାହାଙ୍କ ପରାମର୍ଶରେ ସମସ୍ତେ ଚାଲୁଥିଲେ ତେଣୁ ଏପରି ଘଟୁ ନ ଥିଲା । ଏବେ ଜଣେ ସମାଜପତି ମନୋନୀତ କରି ତାହାଙ୍କ ପରାମର୍ଶରେ ଚାଲିବା ସମସ୍ତଙ୍କର ଉଚିତ ହେଉଅଛି । ହିନ୍ଦୁ ଓ ମୁସଲମାନ ସମସ୍ତଙ୍କୁ ଏ ବିଷୟ ବିବେଚନା କରିବା କାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ ।

---

### ଶ୍ରୀମଦ୍ଭଗବଦ୍ଗୀତା ।

ଏହି ପୁସ୍ତକ ପଦଚ୍ଛେଦ, ଅନ୍ୱୟ, ଶ୍ରୀଧର ସ୍ୱାମି କୃତ ସୁବୋଧିନୀ ଟୀକା, ଉତ୍କଳଭାଷାରେ ପଦବ୍ୟାଖ୍ୟା ଅନୁବାଦ ଓ ଭାବବ୍ୟାଖ୍ୟା ସହିତ ଶ୍ରୀ ବାବୁ ବଳରାମଦାସ ପଣ୍ଡିତଙ୍କ ସମ୍ପାଦିତ ଓ ପ୍ରକାଶିତ ଏବଂ ଏ ନଗରସ୍ଥ ରାମ ପ୍ରେସଦ୍ୱାରା ମୁଦ୍ରିତ ହୋଇଅଛି । ଏ ପୁସ୍ତକର ଡିମାଇର ରୟଲ ୮ ପେଜି ପୃ ୭୭୬ ସ୍ଥାନ ଏଥି ଉପରେ ଭୂମିକା, ଶ୍ରପ୍ରକାର ସୂଚିପତ୍ର, ପ୍ରଭୃତି ପୃ ୪୦ ସ୍ଥାନରୁ ଅଧିକ ଅଧିକାର କରିଅଛି ଏବଂ ସମ୍ପାଦନରେ ପ୍ରକାଶକ ଏବଂ ତାହାଙ୍କ

Split by PDF Splitter
Digitized by srujanika@gmail.com

Split by PDF Splitter



ବିଶେଷ ସାହାଯ୍ୟକାରୀ ଜ * ଣ ଏକତ୍ରେ ବସି କାର୍ଯ୍ୟ କରିବା ଫଳସ୍ତୁ ଖଣ୍ଡିଏ ସ୍ତିମୂର୍ତ୍ତି ପ୍ରବୃତ୍ତ ହୋଇଅଛି ପୁସ୍ତକର ଛପା ଓ ବନ୍ଧାଇ କାର୍ଯ୍ୟ ଉତ୍ତମ ହୋଇଅଛି । ଅମ୍ଭେମାନେ ଏଥି-ପୂର୍ବେ ଏହାକୁ ଖଣ୍ଡିଏ ଉତ୍କୃଷ୍ଟ ପୁସ୍ତକ ବୋଲି ଲେଖିଅଛୁଁ । ବାସ୍ତବରେ ଓଡ଼ିଆଭାଷାରେ ଯେତେଖଣ୍ଡ ସଂସ୍କୃତ ପୁସ୍ତକ ଟୀକା ଓ ଅନୁବାଦ ସହିତ ପ୍ରକାଶ ହୋଇଥିଲେହେଁ ସମାଲୋଚିତ ଗ୍ରନ୍ଥ ସେ ସମସ୍ତରୁ ଶ୍ରେଷ୍ଠ ହୋଇଅଛି ଏବଂ ଏହାର ପ୍ରତି· ଅକୃତ୍ରିମ ସମ୍ପାଦକଙ୍କ ବିଶେଷ ଯତ୍ନ ଓ ଶ୍ରଦ୍ଧାର ପରିଚୟ ଦେଉଅଛି ଏବଂ ବର୍ଣ୍ଣାନୁସାରେ ଯେଉଁ ବିସ୍ତାରିତ ସୂଚିପତ୍ର ସନ୍ନି-ବେଶିତ ହୋଇଅଛି ତହିଁରୁ ପ୍ରତ୍ୟକ୍ଷ ହେଉଅଛି ଯେ ସେ ପାଠକମାନଙ୍କ ଯଥୋଚିତ ସାହାଯ୍ୟ ନିମନ୍ତେ ସେ ଏକାନ୍ତ ବ୍ୟଗ୍ର ହୋଇ ଅଗଣିତ ଶ୍ରମ କରିବାକୁ କୁଣ୍ଠିତ ହୋଇ ନାହାନ୍ତି ଅମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେକେହି ଏ ଗ୍ରନ୍ଥ ଦେଖିବ ସେ ଅବଶ୍ୟ ବୁଝି ପାରିବ ଯେ ଗ୍ରନ୍ଥକାର ଗାଢ଼ ଭକ୍ତିଭାବରେ ପ୍ରଣୋଦିତ ହୋଇ ଜନସାଧାରଣଙ୍କ ହିତାର୍ଥେ ଏହି ଅମୂଲ୍ୟ ଧର୍ମଗ୍ରନ୍ଥକୁ ସର୍ବାଙ୍ଗ ସୁନ୍ଦର କରି ବିନାମୂଲ୍ୟରେ ବିତରଣ କରୁଅଛନ୍ତି । ଦାନଦ୍ରବ୍ୟ ବୋଲି ତାହା ସୁସଜ୍ଜିତ କରିବାରେ ଅବହେଳା କରି ନାହାନ୍ତି । କେବଳ ଭୂମିକା ଶେଷରେ ଯାହା ଲେଖିଅଛନ୍ତି କି ଯେଉଁ ବ୍ୟକ୍ତି ମନୋଯୋଗ ପୂର୍ବକ ଆଦ୍ୟନ୍ତ ଶେଷ ପର୍ଯ୍ୟନ୍ତ ନ ପଢ଼ିବେ ସେ ତାହାଙ୍କପାଖରେ ଋଣୀ ରହିବେ ଏହି କଥା ଅମ୍ଭମାନଙ୍କୁ ଟିକିଏ ଅଡ଼ୁଆ ଲାଗୁଅଛି । ଅମ୍ଭେ-ମାନେ ଜାଣୁ ଯେ କହାଣୀ କାରୁଙ୍କ ବ୍ୟବସାୟ ଉପଲକ୍ଷରେ ତାହାଙ୍କଠାରେ ଅନେକ ଲୋକ ଋଣୀ ଅଛନ୍ତି ମାତ୍ର ତହିଁପାଇଁ ବାବୁ ମହୋଦୟ ଦାୟୀ ନୁହନ୍ତି । ଖାତକମାନେ ଋଣ ନେଇ ପରିଶୋଧ ନ କରିବାରୁ ଋଣୀ ହୋଇଅଛନ୍ତି । ସେ ସ୍ୱେଚ୍ଛା ପ୍ରବୃତ୍ତ ହୋଇ ଦାନ ଦେବା-ହାରୁ ଲୋକଙ୍କୁ ଋଣୀ କରିବା ଅମ୍ଭମାନଙ୍କୁ ଏରୂପର ଜଣା ଯାଉଅଛି ଯେମନ୍ତ କି ଆପଣାକୁ କୌଣସି ମିଷ୍ଟାନ୍ନ ଦ୍ରବ୍ୟ ଅତ୍ୟନ୍ତ ସ୍ୱାଦୁ ଲାଗିବାରୁ ପ୍ରୀତ ହୋଇ ବନ୍ଧୁବର୍ଗ ବା ଅତିଥିଙ୍କୁ ପ୍ରଚୁର ପରିମାଣରେ ଯାଚି ଦେଇ ସମସ୍ତ ଖାଇ ନ ପାରିଲେ ଠେଙ୍ଗା ଉଞ୍ଚାଇବା ପରି ହୋଇଅଛି । ସୁତରାଂ ଏହି ସଂକଟ ଅତିକ୍ରମ କରିବା ଅଭି-ପ୍ରାୟରେ ଗ୍ରନ୍ଥକାର ବିତରଣ ସମ୍ବନ୍ଧରେ କୌଣସି ବିଜ୍ଞାପନ ଏ ପର୍ଯ୍ୟନ୍ତ ପ୍ରକାଶ କରି ନାହାନ୍ତି ଏବଂ ଅମ୍ଭେମାନେ ଅବଗତ ହୋଇଅଛୁଁ କି ସ୍ୱୟଂ ଗ୍ରନ୍ଥକାରଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରାର୍ଥନା କରିବା ବିନା ଅନ୍ୟ କୌଣସିରୂପେ ଏ ପୁସ୍ତକ ଲାଭ କରିବାର ଉପାୟ ନାହିଁ । ଉପଯୁକ୍ତ ପାତ୍ରରେ ଦାନ କରିବା ଯଥେଷ୍ଟ ପୁଣ୍ୟ ନିୟମ କାହିଁକି ? ସେ ଯାହାହେଉ ପୁସ୍ତକ ଖଣ୍ଡିକ ଯେମନ୍ତ ଉତ୍କୃଷ୍ଟରୂପେ ସମ୍ପାଦିତ ହୋଇ ଅଛି ତହିଁର ଉଦାହରଣର ସ୍ୱରୂପ ନିମନ୍ତେ ଗୋଟିଏ ଶ୍ଳୋକ ତହିଁର ଟୀକା ବ୍ୟାଖ୍ୟା ଇତ୍ୟାଦି ସହିତ ଏଠାରେ ପ୍ରକାଶ କଲୁଁ । ଯଥା—

" ଶ୍ଳୋକଃ ।

। । । ।
ତମେବ ଶରଣଂ ଗଚ୍ଛ,
। ।
ସର୍ବଭାବେନ ଭାରତ ।
। । ।
ତତ୍ପ୍ରସାଦାତ୍ ପରାଂ ଶାନ୍ତିଂ,
। । ।
ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ । ୬୨ ।

ଅନ୍ୱୟଃ ।

ହେ ଭାରତ ! ତଂ ଏବ ସର୍ବଭାବେନ ଶରଣଂ ଗଚ୍ଛ, ତତ୍ପ୍ରସାଦାତ୍ ପରାଂ ଶାନ୍ତିଂ, ଶାଶ୍ୱତଂ ସ୍ଥାନଂ (ଚ) ପ୍ରାପ୍ସ୍ୟସି । ୬୨ ।

ଟୀକା ।

ତମିତି । ଯସ୍ମାଦେବଂ ସର୍ବେ ଜୀବାଃ ପରମେଶ୍ୱରପରତନ୍ତ୍ରାଃ ତସ୍ମାଦହଙ୍କାରଂ ପରିତ୍ୟଜ୍ୟ ସର୍ବଭାବେନ ସର୍ବାତ୍ମନା ତମୀଶ୍ୱରମେବ ଶରଣଂ ଗଚ୍ଛ ତତସ୍ତସ୍ୟୈବ ପ୍ରସାଦାତ୍ ପରାମୁପଶାନ୍ତିଂ ସ୍ଥାନଂ ଚ ପାରମେଶ୍ୱରଂ ଶାଶ୍ୱତଂ ନିତ୍ୟଂ ପ୍ରାପ୍ସ୍ୟସି । ୬୨ ।

ପଦବ୍ୟାଖ୍ୟା ।

ତଂ ଏବ ଶରଣଂ ଗଚ୍ଛ—କେବଳ ତାହାଙ୍କଠାରେ ଶରଣ ପଶ, ସର୍ବଭାବେନ—ସର୍ବପ୍ରକାରରେ, ଭାରତ—ହେ ଜ୍ଞାନଦ୍ୟୁତିରତ, ଅଥବା ଭରତବଂଶୋଦ୍ଭବ ଅର୍ଜୁନ, ତତ୍ପ୍ରସାଦାତ୍—ତାହାଙ୍କ ଅନୁଗ୍ରହରୁ, ପରାଂ ଶାନ୍ତିଂ—ଉତ୍କୃଷ୍ଟ ଶାନ୍ତିମୟ, ସ୍ଥାନଂ—ପଦକୁ, ପ୍ରାପ୍ସ୍ୟସି—ପ୍ରାପ୍ତ ହେବ, ଶାଶ୍ୱତଂ—ଅନାଦି ଓ ଅନନ୍ତ । ୬୨ ।

ଅନୁବାଦ ।

ହେ ଭାରତ ! ତୁମ୍ଭେ ସର୍ବତୋଭାବରେ ସେହି ପରମେଶ୍ୱରଙ୍କଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । ୬୨ ।

ଭାବବ୍ୟାଖ୍ୟା ।

ପୂର୍ବ ଶ୍ଳୋକରେ ବୁଝାଇ ଦିଆ ଯାଇଅଛି, ଯେ ଦେହାଭିମାନୀ ପୁରୁଷର କିଛିମାତ୍ର ସ୍ୱାଧୀନତା ନାହିଁ, ଈଶ୍ୱରଙ୍କ ମାୟାଶକ୍ତିଦ୍ୱାରା ସେମାନେ କର୍ମାନୁରୂପ ଶୁଭ ବା ଅଶୁଭ ଯୋନିରେ ଜନ୍ମ ହୁଅନ୍ତି ଏବଂ ପୂର୍ବବାସନା ବା ସଂସ୍କାର ଅନୁସାରେ ସେମାନେ ଶୁଭ ବା ଅଶୁଭ କର୍ମରେ ନିଯୁକ୍ତ ହୁଅନ୍ତି । ଏଥିରେ ଏପରି ଆପତ୍ତି ହୋଇ ପାରେ, ଯେ ତେବେ ଶାସ୍ତ୍ରରେ ଅମୁକ କାର୍ଯ୍ୟ କର ଓ ଅମୁକ କାର୍ଯ୍ୟ ନିଷେଧ ଏପରି ଯେଉଁ ନିୟମ କରି ଯାଇଅଛି, ତାହାର ଆଉ ସଫଳତା ରହିଲା କେଉଁଠି ? ଅର୍ଥାତ୍ ପରମେଶ୍ୱରଙ୍କ ମାୟାଶକ୍ତିର ଶୁଭାଶୁଭ କର୍ମରେ ପ୍ରବର୍ତ୍ତିକା ଓ ସେହି କର୍ମର ଫଳସ୍ୱରୂପ ଶୁଭ ବା ଅଶୁଭ ଯୋନିରେ ଜନ୍ମପ୍ରଦାୟିନୀ, ତେବେ ଆଉ ଜୀବର ପୁରୁଷାର୍ଥ ରହିଲା କେଉଁଠି, ଯେ ସେ, ଶାସ୍ତ୍ରର ବିଧି ଓ ନିଷେଧ ମାନି ଚଳି ପାରିବ ? ଏଥିପାଇଁ ଶ୍ରୀଭଗବାନ୍ କହୁଅଛନ୍ତି, ଯେ ହେ ଅର୍ଜୁନ ! ଯେଉଁ ପରମେଶ୍ୱରଙ୍କ ଅଲକ୍ଷିତ ଶକ୍ତି-ବଳରେ ଜୀବ ଯନ୍ତ୍ରାରୂଢ଼ ପିତୁଳାପରି ଶୁଭାଶୁଭ କର୍ମରେ ପ୍ରବୃତ୍ତ ହେଉଅଛି, ସେହି ପରମେଶ୍ୱ-ରଙ୍କଠାରେ ତୁମ୍ଭେ ସର୍ବତୋଭାବରେ, ଅର୍ଥାତ୍ କାୟ ମନ ଓ ବଚନଦ୍ୱାରା ଶରଣ ପଶ, ତାହା-ହେଲେ, ସେହି ପରମେଶ୍ୱର ତୁମ୍ଭଙ୍କୁ ଅନୁଗ୍ରହ କରିବେ । ତାଙ୍କର ଅନୁଗ୍ରହରୁ ତୁମ୍ଭର ଅଜ୍ଞାନ ତିମିର ଓ ତତ୍ତ୍ୱଜ୍ଞାନ ଜନ୍ମିଲେ, ଅବିଦ୍ୟା ଆପ-ଣାର କାର୍ଯ୍ୟସହିତ ସମ୍ପୂର୍ଣ୍ଣରୂପେ ନିବୃତ୍ତ ହୋଇ ଯିବ । ସୁତରାଂ ତୁମ୍ଭେ ପରମଶାନ୍ତି ଅର୍ଥାତ୍ ପର-ମାନନ୍ଦ ପ୍ରାପ୍ତିରୂପ ଶାନ୍ତିସୁଖ ଭୋଗ କରିବ ଓ ପୁନରାବୃତ୍ତିରହିତ ନିତ୍ୟସ୍ଥାନ ବା ପରମପଦ ମୋକ୍ଷ ପ୍ରାପ୍ତ ହେବ ।

କୌଣସି ଟୀକାକାରଙ୍କ ମତରେ ଈଶ୍ୱରଙ୍କ-ଠାରେ ସର୍ବତୋଭାବରେ ଶରଣ ପଶିଲେ, ତୁମ୍ଭେ ପର ଶାନ୍ତି ଅର୍ଥାତ୍ ସମାଧି ଅବସ୍ଥା ପ୍ରାପ୍ତ ହେବ ଓ ତଦନନ୍ତର ମୋକ୍ଷ ଲାଭ କରିବ । ମହାତ୍ମା ପତଞ୍ଜଳି ମଧ୍ୟ, ଆପଣା ରଚିତ ଗ୍ରନ୍ଥରେ ସମାଧି ପ୍ରାପ୍ତି ବିଷୟରେ ଲେଖିଅଛନ୍ତି, ଯେ "ଈଶ୍ୱରପ୍ରଣିଧାନାଦ୍ୱା" ଅର୍ଥାତ୍ ସର୍ବଦା ଈଶ୍ୱ-ରଙ୍କ ନାମ ସ୍ମରଣ, ଓ ତଦର୍ଥ ଚିନ୍ତନରୂପ ଈଶ୍ୱର ପ୍ରଣିଧାନ କଲେ, ଅର୍ଥାତ୍ ତାହାଙ୍କ-ଠାରେ ସର୍ବତୋଭାବରେ ଶରଣ ପଶିଲେ, ସମାଧିଲାଭ ହୁଏ । ୬୨ । "

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଖସ ଖୋର୍ଦ୍ଧା ହେଷର ଅଫିସର ମାଜିଷ୍ଟ୍ରେଟ ପଦରୁ ବାବୁ ବାଳକୃଷ୍ଣ ରଥ ଇସ୍ତଫା ପ୍ରଦାନ କରିବାରୁ ବାବୁ ଶ୍ରୀଧର ପଟ୍ଟନାୟକ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ଶୁଣା ଯାଏ ଡାକ୍ତରଖାନାର ଅଃ ସର୍ଜନ ବାବୁ ଶ୍ୟାମଚରଣ ଦାସ ଗତ ମାର୍ଚ୍ଚମାସ ତା ୨୨ ଦିନଠାରୁ ଏପ୍ରେଲମାସ ତା ୪ ଦିନ ପର୍ଯ୍ୟନ୍ତ ସିଭିଲ ସର୍ଜନଙ୍କ ଅନୁପସ୍ଥିତ କାଳରେ ପୁରୀ ସିଭିଲ ଷ୍ଟେସନର ଡାକ୍ତରୀ ଭାର ଗ୍ରହଣ କରିଥିଲେ ।

ସବ୍ ଡେପୁଟୀ କଲେକ୍ଟର ବାବୁ ଜଗମୋହନ ଦତ୍ତ, ବାବୁ ବଳରାମ ଦାସ ଓ ବାବୁ ପ୍ରହଲ୍ଲାଦ ବାହାଦୁରୀ ୨ୟ ଗ୍ରେଡ୍ ଅସ୍ଥାୟୀ ଭାବରେ ନୂତନ ପ୍ରାପ୍ତ ହେଲେ ।

ମିଃ ଅର, କର୍ଣ୍ଣିସ ଆଗାମୀ ଅଗଷ୍ଟମାସ ତା ୮ ଦିନରୁ ଫର୍ଲୋ ଛୁଟି ଉପରେ ଯିବାକୁ ମଞ୍ଜୁର ହେଲା ।

ଗତ ନଷ୍ଟଶୀୟ ପରୀକ୍ଷାର ଉଚ୍ଚଶ୍ରେଣୀରେ ଓଡ଼ିଶାର ବାବୁ ଅଖିଳଚନ୍ଦ୍ର ଦାସ ଉଚ୍ଚ ସ୍ୱର୍ଣ୍ଣ ପଦକ ହିସାବରେ ବାବୁ ଗୋପବନ୍ଧୁ ଅଗ୍ରଗଣ୍ୟ ଓ ବାବୁ ପରମେଶ୍ୱର ଦାସ ଓ ଉପରେ ଓ ଦ୍ୱିତୀୟ ଶ୍ରେଣୀରେ ବାବୁ ହରେକୃଷ୍ଣ ଦାସ ସମ୍ପୂର୍ଣ୍ଣ ରୂପେ ଉତ୍ତୀର୍ଣ୍ଣ ହେଲେ ।

---

ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ବିଲାତରେ ସିଭିଲ ସର୍ଭିସ ପରୀକ୍ଷା ପାସ କରି ୨୧ ବର୍ଷରେ ଛାତ୍ର ପାଇଅଛନ୍ତି ।

ଅନେକଦିନରୁ ବାଲେଶ୍ୱରର ଘୋଡ଼ା ଡାକ୍ତରଙ୍କ ସ୍ଥାନ ଶୂନ୍ୟ ହୋଇଅଛି ଏବଂ ସେହି ପଦ ପୂରଣରେ ଅଧିକ ବିଳମ୍ବ ହେଉଅଛି । ଏହେତୁକୁ ଅର୍ଦ୍ଧେକ ଭଣ୍ଡାରିମାନଙ୍କ ରୋଗ ମରୁଛି ।

କର୍ଣ୍ଣେଲ୍ ଉଲଡ଼ର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ଓ ଡେପୁଟୀ କମିଶନରଙ୍କ ଛୁଟି ସ୍ଥାନ ନିଯୁକ୍ତ ହୋଇଅଛନ୍ତି । ଏ ନିଯୋଗ ଏଥିର ଉଚିତ ନୁହେଁ ସନ୍ଦେହ ନାହିଁ ।

କାନପୁରର ବୃଦ୍ଧ ଦାଣ୍ଡିଆ ଏଥର ୨ ୩ ଏ ପରୀକ୍ଷା, କଲେଜ, ଇଂରାଜୀ ଏବଂ ପ୍ରାକୃତିକ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ଚୀନବାସୀମାନେ କୁଷ୍ଠରୋଗୀଙ୍କୁ ଭଲ ଦେଖିପାରନ୍ତି, ଦୀର୍ଘ ଓ ବେଲମିଶ୍ରିତ ଜଳପାତ୍ରରେ ସେମାନଙ୍କୁ ଗୋଟିଏ ଗୋଟିଏ ଥାଳୀ ଓ ସେମାନେ ଦେଖିବା ଅବସ୍ଥାରେ ଥାନ୍ତି । ଏହା ଏମାନଙ୍କ ରୀତି ।

ବଙ୍ଗଦେଶରେ ଗାଇତ୍ମାନଙ୍କ ଭଳି ବୃତ୍ତି ଅଛି ତାହାର ବୟସ ଏକଶତ ବର୍ଷ ହୋଇଅଛି । ଅଦ୍ୟ ବୁଢ଼ା ଶୁଣିଛି ।

ଜାପାନ ଏବଂ ଫରମୋଶା ଦ୍ୱୀପରେ ଭୂମିକମ୍ପ ହୋଇ ଲୋକ ମରିଅଛି । କେତେକ ଏବଂ ସୁମାତ୍ରା ଦ୍ୱୀପରେ ମଧ୍ୟ ବର୍ଷାରେ ଉପୁଜୁ ହୁଏ ନାହିଁ ଯେତେ ଭଲ ନୁହେ । ସୁତରାଂ କାପାସର ଦାମ୍ ଅଧିକ ହୋଇଥିବାରୁ ଏବଂ ଉପରେ ଉତ୍ତମ ଶସ୍ୟର ବୃଦ୍ଧି କରୁଅଛନ୍ତି ଏବଂ ଏହି କାରଣରୁ କର୍ପୂରର ମୂଲ୍ୟ ଉଚ୍ଚ ହୋଇଅଛି । ଭାରତରେ କର୍ପୂର ଦେଶର ଚାହିଦା ହେଉଥିବାରୁ ଅଧିକ ପରିମାଣରେ ଆମଦାନି ଉଚିତ ହୁଅଇ ।

ଅଣ୍ଡାମାନ ଯୁଦ୍ଧ ଦ୍ୱୀପରେ ଦୁର୍ଭିକ୍ଷ ଆଶଙ୍କା ଦେଖା ଯାଉଅଛି ଏବଂ ଇଂରାଜ ଗବର୍ଣ୍ଣମେଣ୍ଟ ତାହାକୁ ରକ୍ଷା କରିବାକୁ ସମର୍ଥ କରିବାକୁ ଅର୍ଥାତ୍ ଦୁର୍ଭିକ୍ଷର, ଉତ୍ତାପରୁ ଏବଂ ଜଳାଭାବରୁ ରକ୍ଷା କରିବାକୁ ଯେଉଁ ଦେଶରେ ଏହିପରି ଘଟିଛି ମୂଲ୍ୟ ଦର ଯେମାନଙ୍କୁ ଛାଡ଼ି ସରକାର ସୈନ୍ୟମାନଙ୍କ ସାହାଯ୍ୟ ସ୍ଥାପନ କରୁଛନ୍ତି ୨୦ କୋଟି ଟଙ୍କା ଦେଇଥିବାର ସମ୍ବାଦ ମିଳିଲା । ସେହି ସମୟରେ ସ୍ୱଦେଶର ଅଧିବାସୀ ଦଶ ଗ୍ରାମ ବାସୀଙ୍କ ମାନ ଙ୍କର ପ୍ରାଣଦଣ୍ଡ ଶେଷ ହୋଇଥିବାର ଜଣାଯାଏ । ଏକ ସ୍ଥଳରେ ତୃତୀୟ ବର୍ଣ୍ଣର ବ୍ୟକ୍ତି ନିଜେ ଦେଖି ସେମାନେ ଚିହ୍ନିପାରି ନାହାନ୍ତି ।

ଗତ ଜୁନମାସ ତା ୩୦ ରିଖ ରାତ୍ରରେ ବୋମ୍ବାଇଠାରେ ଜଣେ ଲୋକ ଗାଡ଼ିରେ ବୋମ୍ବାଇର ପଶ୍ଚିମ ଘାଟ ପ୍ରାପ୍ତ ଇଷ୍ଟେଶନର ସମ୍ପତ୍ତି ଲୁଣ୍ଠିତ ହୋଇ ଯାଇଥିବାର ସମ୍ବାଦ ମିଳିଲା ।

ଲର୍ଡ଼ ଏଲ୍‌ଗିନ ଭାରତର ଭାଇସରୟ ପଦ ତ୍ୟାଗ କରିବା ସମୟରେ ଶ୍ରୀମତୀ ମହାରାଣୀ ତାଙ୍କୁ ଅର୍ଡର ଅଫ୍ ଦି ଗାର୍ଟର ଉପାଧି ପ୍ରଦାନ କରିଥିବାର ସମ୍ବାଦ ମିଳିଲା ।

କାବୁଲର ଆମିରଙ୍କ ଦରବାରରେ ସାହେବ ସଭାପତି ଜେନେରାଲ ମହମ୍ମଦ ଖାଁଙ୍କ ଉପରେ ଗତମାସ ତା ୧ ଦିନରେ ନିହତ ହୋଇଥିବାର ସମ୍ବାଦ ମିଳିଲା । ସେ ଶ୍ରୀମତୀ ଭାରତ ସମୟରେ ଏବଂ କୌଣସି ସ୍ଥାନରେ ଶାନ୍ତି ସ୍ଥାପନ କରିଥିବା ଓ ତିବ୍ବତ ପ୍ରଭୃତି ଉପଦ୍ରବ ମାନ ଦମନ କରିଥିବାର କଥିତ ହୁଏ ।

ବୋମ୍ବାଇ ଅଞ୍ଚଳରେ ଇଂରାଜ ସାହେବଙ୍କ ପ୍ରଜା ପତ୍ନୀ ହତ୍ୟା କରିଥିବା ବୃଦ୍ଧ ପାଠକମାନଙ୍କ ଅବଗତ ଅଛି, ତାଙ୍କ ବିଚାରରେ ଏସିଷ୍ଟାଣ୍ଟ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ପର୍ଯ୍ୟନ୍ତ ଦ୍ୱୀପାନ୍ତର ବାସର ଆଦେଶ ପାଇଅଛି ।

ଅନେକଦିନରୁ ଭାରତବର୍ଷୀୟ ସୈନ୍ୟଗଣ ସମ୍ବନ୍ଧରେ ପ୍ରାୟ ୧୦୦୦୦ ଟଙ୍କା ଖର୍ଚ୍ଚ ହେବାର ଏବଂ ବଜେଟ ପତ୍ରିକାରେ ପ୍ରକାଶିତ ହୋଇଅଛି । ଅନେକଦିନରୁ ସୈନ୍ୟ ଏଥି ପାଠକେ ଅନୁମାନ କରନ୍ତୁ ।

ରୁଷିଆ ରାଜ୍ୟରେ ୫ ୨୫ ବର୍ଷ ବୟସରେ ବାହାଘରୀ ନ ଦିବାର ନିୟମ ପ୍ରଚଳିତ ଅଛି । ଅଥ ଦ ୪ ବର୍ଷ କଡ଼ା ଅଛି କେଉଁ ବର୍ଷ ହୋଇ ଥାଏ ।

ଭାରତରେ ସର୍ବଶ୍ରେଣୀ ଲୋକଙ୍କ ସେନ୍ସସ୍ ଗଣନାର ସନ ଶେ ୧୮୯୧ ସାଲ ପ୍ରକାଶ ଏବଂ ସବୁଠାରେ ଲକ୍ଷିତ ହୋଇଅଛି ।

ଇଂଲଣ୍ଡରେ ପ୍ରତ୍ୟେକ ୨ ଲକ୍ଷ ଶାଖା ଅର୍ଥାତ୍ ସାହେବ ସାମ୍ରାଜ୍ୟର ନିଜସ୍ୱ ସ୍ୱତ୍ତ୍ୱ ଖର୍ଚ୍ଚ ହେବାର କଥିତ ହୁଏ ।

ଭାରତବର୍ଷରେ ୮୯୦୦୦ ଯାତ୍ରୀ ଇଂରାଜ ସ୍କୁଲ ଗଣ ହେଉଥିବାର ଲକ୍ଷିତ ହୋଇଅଛି ।

ଜର୍ମାନୀରେ ଜାହାଜର ମୋଟା ଚଳିବାକୁ ଅଧିକ ହୋଇ ଅଛି । କଥିତ ହୁଏ ଏମାନଙ୍କ ଏଣେ ହୁଅଇ ନାହିଁ । ଏହି ବିଷୟରେ ଅନ୍ୟ ଦେଶରେ ସେହି ୨ ମଣ୍ଡଳରେ ଜାଣେ ନାହିଁ ।

ଭାରତର ସମ୍ରାଟଙ୍କ ସୈନ୍ୟାଧ୍ୟକ୍ଷଙ୍କ ଜାତିମାନଙ୍କରେ ୫ ୧୦ ୫ ଜଣଙ୍କ ମରିଥିବାର କଥିତ ହୋଇ ଅଛି ।

ଇଂଲଣ୍ଡ ଏବଂ ଉପନିବେଶରେ ସ୍ତ୍ରୀ ୫ ୫୬୫ ଜଣ ଦେବକରେ ଜଣେ ପୁରୁଷ କର୍ମଚାରୀ ଥିବାର କଥିତ ହୁଏ ।

ଇଂଲଣ୍ଡ, ସ୍କଟଲାଣ୍ଡ ଓ ଆୟର୍ଲାଣ୍ଡରେ ଜଣେ ଲୋକକୁ ଅନ୍ତତଃ ଅନ୍ୟୂନ ୫୦୦୦୦ ଗୁଡ଼ାଏ ସ୍ତ୍ରୀ ରହୁଅଛନ୍ତି । ସ୍କଟଲାଣ୍ଡ ଲୋକମାନଙ୍କରେ ଜଣେ ଦରିଦ୍ର ଥିବା ବହୁ ଗୁଣ ।

ଭାରତର ଜଣେ ଦରିଦ୍ର ଲୋକର ପ୍ରତିଦିନ ଅର୍ଦ୍ଧେକ ମୃତ୍ୟୁ ହୋଇଅଛି । ଏ ମଧ୍ୟ ଜଣେ ଦ୍ୱୀପର ବେଳିଆର ସ୍ତ୍ରୀଲୋକ ଜଣଙ୍କ ବୟସରେ ଅନେକ ପୁରୁଷକୁ ବିବାହ କରିଅଛନ୍ତି ।

ସ୍ତ୍ରୀ ଦେଶରେ ଅନେକ ମହୁଲା ଚାଲ ଚଳନ୍ତିର ଜାଣି ଗୁରୁଙ୍କ ଖେତ୍ରରେ ନିଜ ଶସ୍ୟ ଲାଭ ରହି ଅଛି । ସେହି ସ୍ତ୍ରୀମାନେ ବଡ଼ ଚତୁର ଅନ୍ତି ।

ବେଟସ୍ ଭିଲାକୋଠାରେ ମହା ପ୍ରଦର୍ଶନୀ ଉପଲକ୍ଷରେ ଧର୍ମମନ୍ଦିର ବଦିଥିଲେ ସେହିପରି ଗାଇଷ କହଇରେ ଗୋଷ୍ଠୀ ଧର୍ମମଣ୍ଡଳୀ କରିବାର ଉଦ୍ୟମ ହେଉଅଛି । ସେଠାକୁ ବୋଧ ହୁଅଇ ହିନ୍ଦୁ ଧର୍ମର ପ୍ରଚାରକ ଅଧିକ ଯିବେ । ହିନ୍ଦୁମାନଙ୍କ ଭିତରେ ଗୋସ୍ୱାମୀ ଗଲେ ଭଲ ହୁଅନ୍ତା ।

ବୋମ୍ବାଇଠାରେ ଏକ ଭୟଙ୍କର ସର ଭୂମିକମ୍ପ ହୋଇ ପ୍ରକାଶ ଜଣାଇ ଦିଲା । ସେ ସହର ଲୋକମାନେ ପ୍ରଥମେ ଡରି ଭଲେ ଘର ଛାଡ଼ିଲେ । ସୌଭାଗ୍ୟକ୍ରମେ ଜ ୩ ଣ ପୁରୁଷ ଓ ଜ ୩ ଣ ସ୍ତ୍ରୀ ଛଡ଼ା ଅନ୍ୟ ସମସ୍ତଙ୍କୁ ରକ୍ଷା ଭିତରୁ ଉଦ୍ଧାର କରାଯାଇଅଛି ମାତ୍ର ସେ ଜ ୭ ଙ୍କୁ ଉଦ୍ଧାର କରିବାକୁ ସୀମା ସମୟରେ ସେମାନେ ମରି ଯାଇଥିବାର ଦେଖାଗଲା ।

ଭାରତର ଜନକ ଅଟ ଲାଟଙ୍କର ମୃତ୍ୟୁରେ ସେଠାର ଶତ ଭଜନ ହୋଇଅଛି ଯହିଁରେ ୧୮୦୦୦ ଟଙ୍କା ଖର୍ଚ୍ଚ ହୋଇଥିବାର କଥିତ ହୁଏ । ଏହା ଲଣ୍ଡନ ମାନଙ୍କ ସ୍ମୃତିରେ ରକ୍ଷିତ ହୋଇଅଛି ।

ପୃଥିବୀରେ ଯେତେ ପ୍ରକାର ଭାଷା ପ୍ରଚଳିତ ଅଛି ତହିଁ ମଧ୍ୟରେ ସାହିତ୍ୟରେ ଶିକ୍ଷିତ ଅଛି ମାତ୍ର ସ୍ୱତନ୍ତ୍ର ଭାବେ ଅର୍ଥାତ୍ ସେ ୧୨ ଟି ଏବଂ ତାହାର ଶାଖାର ସଂଖ୍ୟା ଅନୁମାନ ଅର୍ଥାତ୍ ସେ ୨୦୨ ଟି ଅଛନ୍ତି ।

ଇଂଲଣ୍ଡବାସୀଙ୍କ ସଂଖ୍ୟା ଅନେକ ଲୋକ ଭାରତ ମୂଳର ଲୋକ ପ୍ରଚଳିତ ଅଛି ।

ଦରିଆ କୂଳ ମାଟେଙ୍ଗଠାରେ ଗତ ସପ୍ତାହରେ ଜଡ଼ିତ ଲକ୍ଷରେ ତିନିଶ ସହସ୍ର ଯାତ୍ରୀ ସମବେତ ହୋଇଥିବାର ସମ୍ବାଦ ମିଳିଲା ।

ଚୀନରେ ବାଲି ୨ ୧୦୦୦ ଏ ସେବକ ମଧ୍ୟରେ ଲୁଣ୍ଠନ ଅଧିକ ଏବଂ ସେ ୭ ଜଣ ଅଧିକ ତାହାଙ୍କ ଭର୍ତ୍ତି ଚର୍ଚ୍ଚାର ବାହାର ଦେଖା ଯାଇ ନାହିଁ ।

ହାଇକୋର୍ଟରେ ୪ ୨ ଜଣ ଲୋକ ଏକାଠାରେ ବନ୍ଦୀ ହୋଇ ଦେଶ ଛାଡ଼ି ଦୀର୍ଘ ସମୟରେ ପ୍ରଣିଧାନମାନଙ୍କ କଥାର ଦେଇ ଅନ୍ୟ ଏବଂ ସେହି ସହିତ ତାହାଙ୍କରେ ପ୍ରକାଶିତ ହୋଇଅଛି । ଏ ଭାରତରେ ଶାସନ କରିଛି ସେହି ଅପରିଚିତ ୭ ଜଣେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ—

ମହାଶୟ !

ସରଖଡ଼ା ପରଗନା କଲୁଣେଦପଡ଼ା ମୌଜାରେ ଶ୍ରୀ ଦଧିଶ୍ୱରର ମହାଦେବଙ୍କ ଦେ-

Digitized by srujanika@gmail.com

Split by PDF Splitter



ସ୍ଥିତ ଅଛନ୍ତି ସେ ଜାଣେ କେତେ ବର୍ଷ କେବଳ ଭଙ୍ଗ ପଡ଼ିଥିଲା ଏବଂ ମହାଦେବଙ୍କ ସେବା ପୂଜା ବନ୍ଦ ଥିଲା । ବର୍ତ୍ତମାନ ମହାନସିଂ ପାଟଣା କଲଦାମୌଜା ନିବାସୀ ଶ୍ରୀ ସଦନ ସାହୁଙ୍କ ଦ୍ୱାରା ସେ ଦେଉଳ ସମ୍ପୂର୍ଣ୍ଣରୂପେ ନିର୍ମାଣ ଓ ପଲସ୍ତରା ଚୂନଆଦି କର୍ମ ଶେଷ ହୋଇ ଗତସୋମବାର ଶ୍ରୀ ମହାପ୍ରଭୁଙ୍କ ଗୁଣ୍ଡିଚା ଦିନ ସାହୁ ମହାଶୟ ପ୍ରତିଷ୍ଠା କ୍ରିୟା ଶେଷ କରି ଅଛନ୍ତି । ଅନେକ ବ୍ରାହ୍ମଣ ଦୂରରୁ ଅର୍ଥୀ ହୋଇ ଆସିଥିଲେ ଏବଂ ଅନେକଙ୍କେ ବିଦାୟ ହୋଇ ଗଲେ । ଅମ୍ଭେ ଶ୍ରୀଯୁତ ଶ୍ରୀ ବାବୁ ସ୍ୱଜନାଥପୃଷ୍ଣ ହାବଲଦାରଙ୍କ ସହିତ ଯାଇ ସ୍ଥାନକୁ ଯାଇ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ଦେଉଳ କାର୍ଯ୍ୟଆଦି ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହେଲୁଁ । ଇତି ।

ଅଶ୍ୱପଦା } ନିବେଦକ
୬।୭।୯୫ } ଗଜଗୋପାଳ ନାଇଡୁ ।

---

ମହାଶୟ ?

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ ପ୍ରବନ୍ଧଟି ପ୍ରକାଶ କରି ଚିରବାଧିତ କରିବା ହେବେ ।

ଅସ୍ମାକଙ୍କର ଭାବିଲକ ଗୃହାସାହେବ, ଗ୍ରୀଷ୍ମାବକାଶରେ ଆପଣାର ଅଭିଭାବକ ଓ ଶିକ୍ଷକ ଶ୍ରୀ ବାବୁ ତ୍ରୈଲୋକ୍ୟ ନାଥ ଚକ୍ରବର୍ତ୍ତୀ ( ଯେକ କଟକ ରେଭେନ୍ସା କଲେଜର ୨ୟ ଶିକ୍ଷକ ଏବଂ ଉତ୍କଳ ବ୍ରାହ୍ମ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ଅଟନ୍ତି ) ମହୋଦୟଙ୍କ ସଙ୍ଗେ ଆପଣାର ଦେଶ ନରସିଂହ ପୁରରେ ଯାଇଥିଲା ପର, ଚକ୍ରବର୍ତ୍ତୀ ମହାଶୟଙ୍କର ଶୁଦ୍ଧାଭିପ୍ରାୟଣତା, ବିନୟ ଓ ସଦ୍ଭାବ ଜ୍ଞାନ ଦର୍ଶନରେ ସ୍ଥାନୀୟ ମାଜିଷ୍ଟ୍ରେଟ ଶ୍ରୀଯୁତ ବାବୁ ଜଗମୋହନ ଦାସ ଓ ତାହାଙ୍କ ଅଧିନସ୍ଥ କର୍ମଚାରୀମାନେ ଗ୍ରାମର ପ୍ରାଚୀନ ଓ ଅଧୁନାତନ ସାମାଜିକ ଅବସ୍ଥାର ତୁଳନା ଓ ଅବନତି ଏବଂ ଏହି ଅବନତିର ପ୍ରତୀକାର ଉପାୟରେ ଉନ୍ନତି ହେବ ସେ ବିଷୟରେ ଗୋଟିଏ ବକ୍ତୃତା ଦେବାକୁ ଅନୁରୋଧ କରିବାରୁ ପ୍ରୋକ୍ତ ଚକ୍ରବର୍ତ୍ତୀ ମହୋଦୟ ଏଠାର ନୂତନ ନିର୍ମିତ ଓ ସୁନ୍ଦର ସଜ୍ଜିତ କଚେରୀରେ ଶ୍ରୀ ଜାବାଲକଣ୍ଡିକା ଓ ସ୍ଥାନୀୟ ଭଦ୍ରଲୋକଙ୍କ ସମକ୍ଷରେ ୧ମେ ମଙ୍ଗଳାଚରଣରେ କରୁଣାମୟ ପରମପିତା ପରମେଶ୍ୱରଙ୍କୁ ଆରାଧନା କରି ସନ୍ଧ୍ୟା ଘଟିକାରୁ ସ ୬।୧୫ ମିନିଟ ବ୍ୟାପି ଏକ ସୁନ୍ଦର ସୁଶ୍ରାବ୍ୟ ଓ ସର୍ବଆଦରଣୀୟ ଏକ ବକ୍ତୃତା କରିଥିଲେ ତାହାର କିଞ୍ଚିତ ଅଂଶ ସର୍ବସାଧାରଣଙ୍କ ଅବଗତି ନିମିତ୍ତ ପ୍ରଦତ୍ତ ହେଲା ।

ବକ୍ତାମହାଶୟ ପ୍ରକାଶ କଲେ ସମସ୍ତ ସାମାଜିକ ଜୀବନ ସେମାନଙ୍କ ଧର୍ମବିଶ୍ୱାସ, ଧର୍ମଜୀବନ ଉପରେ ଗଠିତ, ସୁତରାଂ ସମାଜର ଜୀବନ ଜାଣିବାକୁ ହେଲେ ଅଗ୍ରେ ଧର୍ମଜୀବନ ଜାଣିବା ଆବଶ୍ୟକ ଅଟେ । ଋକ୍‌ବେଦ ସମୟରୁ, ଆର୍ଯ୍ୟଗଣ, ଜଡ଼ରୂପେ ସୂର୍ଯ୍ୟ, ଚନ୍ଦ୍ର, ବରୁଣ, ନଦ, ନଦୀ, ପୃଥିବୀ ଓ ସୋମରସ ପ୍ରଭୃତିଙ୍କ ସ୍ତୋତ୍ର ବନ୍ଦନାଠାରୁ, ଧର୍ମଜୀବନ ଆରମ୍ଭ କରି କ୍ରମଶଃ ପରବ୍ରହ୍ମର ଉପାସନାରେ ଉପନୀତ ହୋଇଥିଲେ । ଏବଂ ଉପନିଷଦ୍ କାଳରେ ଋଷିଗଣ କିରୂପେ ସେହି ବ୍ରହ୍ମଜ୍ଞାନେ ବ୍ରହ୍ମଙ୍କୁ ହୃଦୟଗୁହାରେ ଅନୁଭବ ଓ ଧାରଣା ପ୍ରଣାଳୀ ଅତି ଉଚ୍ଚ ବିଷଦ ରୂପେ ବର୍ଣ୍ଣନା କରି ଯାଇ ଅଛନ୍ତି, ଏବଂ ମଧ୍ୟ ସେ ଉଚ୍ଚ ସନାତନ ପବିତ୍ର ପରବ୍ରହ୍ମ ଉପାସନାଦ୍ୱାରା ସେମାନଙ୍କର ସାମାଜିକ ଜୀବନ ଏତେ ଉଚ୍ଚ ଓ ପବିତ୍ର ହୋଇଥିଲା ଯେ ବାଳକଙ୍କ ପରି ବାଳିକାମାନେ ଗୁରୁ ଗୃହକୁ ଜ୍ଞାନ ଶିକ୍ଷାର୍ଥେ ପ୍ରେରିତ ହେଉଥିଲେ, ଏବଂ ପ୍ରାପ୍ତବୟସ୍କ ହୋଇ ଗୁରୁଗୃହରୁ ଫେରି ଆସିଲା ପରେ ସେମାନଙ୍କର ପରସ୍ପରରେ ପରିଣୟ କାର୍ଯ୍ୟ ସମ୍ପନ୍ନ ହେଉଥିଲା; ଆଉ ଋଷିପତ୍ନୀମାନେ ସ୍ୱାମୀ ଭଳି ଭାବେ ବ୍ରହ୍ମଜ୍ଞାନ ଆଲୋଚନା କରୁଥିଲେ; ଜାତିଭେଦ ପୌତ୍ତଳିକତାଶୂନ୍ୟ ସମାଜ ଏକଭାବ ଜାତିରେ କିରୂପ ବଳବାନ୍ ହେଉଥିଲା; ଏବଂ ପ୍ରତିଗୃହେ ବୟୋଧିକ ଗୃହସ୍ୱାମୀ ସେହି ଗୃହର ଆଚାର୍ଯ୍ୟ ହୋଇ ସମସ୍ତଙ୍କୁ ଧର୍ମ ଶିକ୍ଷିତ କରୁଥିଲେ,—ଏବଂ କିରୂପେ ପୁରୁଷଗଣ ସ୍ତ୍ରୀଗଣଙ୍କୁ ମର୍ଯ୍ୟାଦା ଦେଉଥିଲେ; ଏବଂ କିରୂପେ ସୁମତି ସତ୍ୟପ୍ରିୟତା, ନ୍ୟାୟମାର୍ଗ ଅବଲମ୍ବନ ଓ ସାଧୁତା, ପୁରୁଷ ଓ ସ୍ତ୍ରୀ—ଜୀବନର ଭୂଷଣ ଥିଲା, ଏବଂ ସ୍ତ୍ରୀଲୋକମାନେ ଉଚ୍ଚ ଗଣିତ ଓ ଜ୍ୟୋତିଷ ଶାସ୍ତ୍ର ପର୍ଯ୍ୟନ୍ତ ବିଷୟର ଅଧ୍ୟୟନ କରି ବ୍ୟୁତ୍ପତ୍ତି ଲାଭ କରି ଥିଲେ ଏବଂ ସମସ୍ତଙ୍କର ଧର୍ମ ଶିକ୍ଷା ଓ ପରଲୋକରେ ଅମରତ୍ୱ ପ୍ରକାଶ୍ୟ ଭାବରେ ପ୍ରବଳ ଥିବାରୁ ସ୍ତ୍ରୀଲୋକମାନେ ପୁରୁଷଙ୍କ ସହିତ ଧର୍ମୋପାସନା କରିବାକୁ ଲଜ୍ଜିତା ବା ଖିନ୍ନା ହେଉ ନ ଥିଲେ । କିନ୍ତୁ କ୍ରମେ ଯେତେବେଳେ ପୌରାଣିକ ଧର୍ମଚର୍ଚ୍ଚା ଧର୍ମସାଧନା ଓ ଯାଜନ ବ୍ରାହ୍ମଣଙ୍କ ଖାସ ବ୍ୟବସାୟ ( କେବଳ ବ୍ରାହ୍ମଣ ଜାତିର ବ୍ୟତୀତ ଅନ୍ୟ କେହି ନ କରିବେ ) ରେ ପରିଣତ ହେଲା ଏବଂ ବିଭିନ୍ନ ଜାତି ସୃଷ୍ଟି ହୋଇ ଜାତି ନିର୍ବିଶେଷରେ ପରସ୍ପର ପରିଣୟ କାର୍ଯ୍ୟ ବନ୍ଦ ହେବାକୁ ଲାଗିଲା; ଏବଂ ଧର୍ମଦ୍ୱାରସ୍ଥ ଶୁଦ୍ଧ କେବଳ ବ୍ରାହ୍ମଣଙ୍କ ହସ୍ତଗତ ହେଲା; ଏପରି କି ଅନ୍ୟ ଜାତି ମଧ୍ୟେ ବେଦାଧ୍ୟୟନ କଥା ଦୂରେ ଥାଉ ଶ୍ରବଣ ପର୍ଯ୍ୟନ୍ତ ବନ୍ଦ ହେଲା ସେତେବେଳେ କ୍ରମଶଃ ଜାତୀୟ ଜୀବନଠାରୁ ଧର୍ମ ବନ୍ଧନ ଶିଥିଳ ହୋଇ ହିନ୍ଦୁମାନଙ୍କର ଅଧଃପତନ ଆରମ୍ଭ ହେଲା ଏହେତୁ ବ୍ରାହ୍ମଣ ଭିନ୍ନ ଅନ୍ୟ କେହି ପୂର୍ବପରି ନିଜେ ନିଜେ ଧର୍ମ ଚର୍ଚ୍ଚା କରି ଆପଣା ଆପଣା କାର୍ଯ୍ୟରେ ବ୍ୟସ୍ତ ହେବାକୁ ଲାଗିଲେ; ବ୍ରାହ୍ମଣଙ୍କ ଧର୍ମଜୀବନ ପରୀକ୍ଷା କରିବାକୁ ଏପରି ଲୋକେ ଆଉ କେହି ରହିଲେ ନାହିଁ ଆଉ ସେମାନେ ଏକାଧିପତ୍ୟ ଲାଭ କରିବାରୁ ସେମାନଙ୍କ ମୁଖନିଃସୃତ ବାକ୍ୟକୁ ଧର୍ମ ବୋଲି ସମସ୍ତେ ମାନିବାକୁ ଲାଗିଲେ; ସେମାନେ ଅନ୍ୟାନ୍ୟ ଜାତିଙ୍କୁ ଧର୍ମାଲୋଚନାରୁ ଶାନ୍ତ ରଖି ନିଜେ ନିଜେ ସ୍ୱାର୍ଥ ପର ହୋଇ ବହୁ ଦେବଦେବୀଙ୍କ କଳ୍ପନା, ମନ୍ଦିର ପ୍ରତିଷ୍ଠା, ପ୍ରତିମା ପୂଜା ଓ ଧର୍ମର (ଅଗଣ୍ୟ କ୍ରିୟା କଳାପ) ( ନିତ୍ୟ ଓ ନୈମିତ୍ତିକ) କରିବାକୁ ଲାଗିଲେ ସେ ସମୟରୁ ସ୍ତ୍ରୀମାନେ ପୁରୁଷମାନଙ୍କ ସହିତ ଧର୍ମକାର୍ଯ୍ୟରେ ଯୋଗଦାନ କରନ୍ତି ନାହିଁ । ସେହିଦିନରୁ ହିନ୍ଦୁ ସମାଜ ଅଙ୍ଗ ସୌଷ୍ଠବ ରହିତ ହୋଇ କ୍ରମଶଃ ଦୁର୍ବଳ ହେବାକୁ ଲାଗିଲା ସମାଜର ନାନାପ୍ରକାର ବଳୟ କାନ୍ତି ଦେଖି ଯେଉଁମାନେ ଧର୍ମ ପିପାସୁ ସେମାନେ ଅରଣ୍ୟ ଓ ଗୁହାରେ ପ୍ରବେଶ ଧର୍ମ ସାଧନା କଲେ; ଏହି ସମୟରେ ଉପବେଶନ କାରଣରୁ ଜନସମାଜ ନାମରେ ସଂସାର ତ୍ୟାଗୀ ବୈରାଗୀଦଳର ଆବିର୍ଭାବ ହେଲା । ବକ୍ତା ମହୋଦୟ ପ୍ରଭୃତି ପ୍ରକାଶ କଲେ ବୈଦିକ ଓ ଉପନିଷଦ୍ ସମୟେ ଏରୂପ ବନଗୃହ ସାଧୁ ଅଧିକ ରହିଥିଲେ । ଯେଉଁ ସମାଜରେ ଧର୍ମ ଅଧିକ ନ ଥାଇ ଅଧର୍ମକୁ ଧର୍ମ ବୋଲି ଜ୍ଞାନ କରନ୍ତି ସେ ସ୍ଥଳେ ଏପରି ବନଗୃହ ସାଧୁ ଦେଖାଯାନ୍ତି; ଯେପରିକି ରୋମାନ କାଥଲିକ ଖ୍ରୀଷ୍ଟାନ ମଧ୍ୟେ ଏହିପରି ଅନେକ ସାଧୁ ଦେଖାଯାନ୍ତି । ଲୋକସମାଜ ଯଦି ଧର୍ମସମାଜ ହୁଏ ତେବେ ବନଗୃହ ହୋଇ ଧର୍ମ ସାଧନ କରିବାର ପ୍ରୟୋଜନ କରେ ନାହିଁ । ମାନବ ହୃଦୟଗୁହା ମଧ୍ୟରେ ପରମାତ୍ମା ବସତିମାନ ଥାଇ ସମସ୍ତଙ୍କ

Digitized by srujanika@gmail.com

ଅଦ୍ଭୁତ ବର୍ଣ୍ଣନ କରୁଅଛନ୍ତି ଏବଂ କର୍ମାନୁସାରେ ଫଳ ପ୍ରଦାନ କରୁଅଛନ୍ତି; ଏଥିରେ ଦୃଢବିଶ୍ୱାସ ରହିଲେ, ମିଥ୍ୟା, ପ୍ରବଞ୍ଚନା, କପଟ, ସ୍ୱାର୍ଥପରତା, ବ୍ୟଭିଚାର ଓ ନରହତ୍ୟା ଅଶ୍ଳୀଳତା ମାନବ ଚରିତ୍ରରେ ଦେଖାଯାନ୍ତା ନାହିଁ । ପ୍ରକୃତ ପୁରୁଷ ଓ ସ୍ତ୍ରୀ ପରସ୍ପର ଉଭୟ, ଉଭୟରେ ଦେବଭାବ ବର୍ଦ୍ଧନ କରି ଅନ୍ୟାନ୍ୟଙ୍କୁ ଶ୍ରଦ୍ଧା ଓ ମହତ୍ତ୍ୱ ଚକ୍ଷୁରେ ଦେଖନ୍ତେ । ଏହି ଧର୍ମଜୀବନର ଅବନତବଶତଃ ଅଧଃପତନହିଁ ଭାରତର ବର୍ତ୍ତମାନ ଦୁର୍ଗତିର ବିଶେଷ କାରଣ ଅଟେ । ଏହି ଦୁରବସ୍ଥା ଦୂରୀକରଣାଭିପ୍ରାୟରେ ବଙ୍ଗ ମହୋଦୟଙ୍କ ମତରେ ସମାଜରେ ପୁନରପି ଲୁପ୍ତ ଧର୍ମ ସଂସ୍ଥାପନ ପ୍ରତିଷ୍ଠା କର; ହୃଦୟ-ଗୁହାରେ ସନାତନ ପୂର୍ଣ୍ଣ ବ୍ରହ୍ମଙ୍କୁ ଦର୍ଶନ ଓ ପ୍ରଣାମ କରିବା; ଆତ୍ମାରୂପ ଧନୁରେ ଓଁକାରରୂପ ଶର ଯୋଜନା କରି ସେହି ପରମାତ୍ମାଙ୍କୁ ବିନ୍ଧନ; କାଷ୍ଠ ମୂର୍ତ୍ତିକା ଓ ପ୍ରସ୍ତର କଳ୍ପିତ ଦେବାଦେବୀ ପୂଜା ପରିତ୍ୟାଗ କରି ଉପନିଷଦ୍‌ର ସନାତନ ବ୍ରହ୍ମପୂଜା ପ୍ରବର୍ତ୍ତିତ କରିବା; ଜାତି ନିର୍ବିଶେଷେ ସମାଜ ସମାନ ଶ୍ରଦ୍ଧା କରିବା; ବ୍ରହ୍ମସୂତ୍ର ଓ କନ୍ୟା ବୋଲି ଜାତିନିର୍ବିଶେଷେ ସମାଜ-ସେବିକା ଓ ପୌରୋହିତ୍ୟର ଉପାୟ ସାଧନ ଏବଂ ଅପକ୍ଷପାତ ଭକ୍ତ ଯୁଗାନୁଯାୟୀ ସମାଜମଧ୍ୟରେ ସନାତନ ଧର୍ମର ପ୍ରଚାର, ବିଶୁଦ୍ଧ ଚରିତ୍ର, ପବିତ୍ର ସଦାଚାର ପ୍ରବର୍ତ୍ତିତ କରିବା ଓ ପ୍ରକୃତ ମନୁଷ୍ୟତ୍ୱ ଲାଭକରିବା ସର୍ବତୋଭାବେ ଉଚିତ ଅଟେ ।

ଏହି ଉକ୍ତାଂଶ ସଛାଦିତ ଦେଶଲୋକଙ୍କର ପାଶ୍ଚାତ୍ୟ ସଭ୍ୟତା, କପଟତା, ଚରିତ୍ର ହୀନତା ଓ ଅଧର୍ମ ପ୍ରବୃତ୍ତି ମଳିନତା ଯାହା କିଛି ଏସମାଜକୁ ସ୍ପର୍ଶ କରିଅଛି ତନ୍ମଧ୍ୟରୁ ଅସାରାଂଶ ନିକ୍ଷେପ କରି ସାରାଂଶକୁ ଗ୍ରହଣ କରିବା; ଅନ୍ୟ ସବୁ ଘୃଣାସହିତ ଦୂରରେ ନିକ୍ଷେପ କରି ଓ ଧର୍ମ ସ୍ୱରୂପ ସତ୍ୟ ବ୍ରାହ୍ମଣଙ୍କଠାରୁ ବିସ୍ତାରିତ କରିବା ବର୍ତ୍ତମାନ ଲୋକଙ୍କର ଉଚିତ ଅଟେ । ଯଦି କର୍ତ୍ତବ୍ୟକର୍ମ ଠିକରଖିବାକୁ ଇଚ୍ଛା କରି ଲୋକେ ଯେ ଧର୍ମଜୀବନର ଉନ୍ନତି ଦେଖାଇବ ତାଙ୍କୁ ବ୍ରାହ୍ମଣେକର; ଏପରିକି ସଚ୍ଚରିତ୍ର ଓ ଧାର୍ମିକ ଚଣ୍ଡାଳକୁ ବ୍ରାହ୍ମଣ କର ଏବଂ ହୀନ ଚରିତ୍ର, ଲମ୍ପଟ, ଦୁଷ୍କର୍ମ ଓ ଲମ୍ପଟ ବ୍ରାହ୍ମଣ ତନୟକୁ ଚଣ୍ଡାଳ ଜ୍ଞାନ କର । ଅତଏବ ବଙ୍ଗ ମହୋଦୟ ପ୍ରକାଶ କଲେ ଯେ ଯେ ଜନେ ବ୍ରାହ୍ମଣ ତନୟ ବୋଲି ଆପଣାଙ୍କୁ ଗୌରବାନ୍ୱିତ ବୋଧ କରନ୍ତି, ତାଙ୍କୁ ଦୁଷ୍କର୍ମ ବ୍ରାହ୍ମଣର ସଂସ୍ପର୍ଶ କରିବାକୁ ଘୃଣା କରନ୍ତି; ଏବଂ ଧାର୍ମିକ ଚଣ୍ଡାଳର ପଦରଜ ସେବାକୁ ଇଚ୍ଛା କରନ୍ତି । ଯେ ଉତ୍କଳ ସୃଷ୍ଟିକାଳୁ ପବିତ୍ର ସନାତନ ବ୍ରାହ୍ମଧର୍ମ ଉପନିଷଦ୍ ପ୍ରତିପାଦ୍ୟ ତାହା ଯାଜନ କର; ଏହି ଓଡିଶା ଗଡଜାତ ମହାଲର ରାଜାମାନଙ୍କର ପୌରୋହିତ୍ୟ ଯେବ ସମ୍ପାଦନ କରୁଅଛନ୍ତି ତାହା ଆପଣମାନେ ଆମ୍ଭ ଅପେକ୍ଷା ବିଶେଷ ବିଦିତ ଥିବା ସ୍ଥଳେ ଆମ୍ଭର ବୋଲିବା ବାହୁଲ୍ୟ ବରଂ ସାମୟିକ ଆଲୋଚନାଯୋଗ୍ୟ ହେବୁ ଅଧିକ କହିବାର ଇଚ୍ଛା ତ୍ୟାଗ କରି ସମସ୍ତ ସଭ୍ୟବୃନ୍ଦଙ୍କୁ ବିନୀତ ପ୍ରାର୍ଥନା କଲେ ଯେ ସଭ୍ୟଙ୍କୁ ଶ୍ରଦ୍ଧା ସହିତ ହୃଦୟରେ ସମ୍ବର୍ଦ୍ଧନକାକୁ ପ୍ରାଣପଣେ ଯତ୍ନ କଲେ ଈଶ୍ୱର ଆପଣମାନଙ୍କର ସହାୟ ହୋଇ ମଙ୍ଗଳୋତ୍ପାଦନ କରିବେ ଏଥିରେ ସନ୍ଦେହ ନାହିଁ । ଶେଷରେ ସଭାପତି ମହୋଦୟ ବଙ୍ଗ ମହାଶୟଙ୍କର ସୁନ୍ଦର ସାରପୂର୍ଣ୍ଣ ଧର୍ମ ବକ୍ତୃତା ଶୁଣି ଅଶେଷ ଧନ୍ୟବାଦ ଦେବାରୁ ସମସ୍ତେ ଆନନ୍ଦ ସହିତ କରତାଳ ଦେଲେ ଏବଂ ସଭା ଭଙ୍ଗ ହେଲା ।

ବଶମ୍ବଦ
ଜଣେଦର୍ଶକ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଉପେନ୍ଦ୍ର ନାଥ ବାଗଚି | | ଟ ୨ ୧ |
| ଶେଖ ଅବଦୁଲ ରହମାନ | | ଟ ୩ ୧ |
| ବାବୁ ଜାନକୀନାଥ ବସୁ ଚୌଧୁରୀ କଟକ | | ଟ ୨ ୧ |
| " [illegible] | | ଟ ୧ ୧ |
| " ଭଗବତୀ ମିଶ୍ର ଭଦ୍ରକର | | ଟ ୨ ୧ |
| " ଜଗମୋହନ ଦାସ କଟକ | | ଟ ୩ ୧ |
| " ଗଙ୍ଗାଧର ମିଶ୍ର | ବ୍ରହ୍ମେଶ୍ୱର | ଟ ୩ ୧ |
| ଶେଖ ଦେଉ | ବାଙ୍କ | ଟ ୩ ୧ |
| ବାବୁ ଗୋପେଶ୍ୱର ଦାସ | " | ଟ ୩ ୧ |
| " କାଙ୍ଗାଳୀ ଦାସ | " | ଟ ୧ ୧ |
| " [illegible] | [illegible] | ଟ ୨ ୧ |

---

# ବିଜ୍ଞାପନ ।

ଏହି ରାଜଧାନୀ ନିମନ୍ତେ ଜଣେ ମେଟ୍ରିକ୍ୟୁଲେଟ ଅର୍ଥାତ୍ ପ୍ରବେଶିକା ଶ୍ରେଣୀର ଅଧ୍ୟାପକ ଅଛି ଏଥିନିମନ୍ତେ ବର୍ତ୍ତମାନ ମାସିକ ଟ ୧୫ ଙ୍କା ବେତନ ଏଥି ସହ କାର୍ଯ୍ୟ ଦକ୍ଷତା ଦେଖିଲେ ମାସିକ ଟ ୨୫ ଙ୍କା ପର୍ଯ୍ୟନ୍ତ ବେତନ ବଢ଼ାଇବାର ସମ୍ଭାବନା ଅଛି । କର୍ମ ପ୍ରାର୍ଥୀମାନେ ଆପଣା କାର୍ଯ୍ୟ ଦକ୍ଷତାର ପ୍ରଶଂସାପତ୍ର ସହିତ ଆବେଦନପତ୍ର ନିମ୍ନ ସହଯୋଗେ ଆମ୍ଭ ନିକଟକୁ ଆଗାମୀ ମାସର ତା ୧୫ ରିଖ ପର୍ଯ୍ୟନ୍ତ ପଠାଇଲେ ସୁବିଧା ହେବ । କର୍ମ ପ୍ରାର୍ଥୀମାନେ ଆପଣା ପତ୍ର ଠିକଣାରେ ଲେଖି ଥିବେ । ଇତି ।

ତା ୨୬।୬।୯୫

[illegible]
ଯଶବନ୍ତ ସିଂହ ଦଳାଇ ।
। ଦ । [illegible]
। ଡ । ଏସ୍ ଏସ୍ ପି, ପି,

---

ନୂତନ ! ନୂତନ ! ନୂତନ !

ସାଧ୍ୱୀତୋଷିଣୀ ନାମକ ନାନାଗୁଣସମ୍ବଳିତ ଯୁକ୍ତ କୃତରସାତ୍ମକ ଗ୍ରନ୍ଥଟି ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଇଚ୍ଛାନୁରୂପ ବ୍ୟକ୍ତିମାନେ ଏଥିରୁ ଖଣ୍ଡିଏ ଲେଖକର ରଖିବାର ଉଚିତ । ଏହା ପାଠ କଲେ ମନ ଭକ୍ତିରସରେ ପ୍ଲୁତ ହେବ ।

ମୂଲ୍ୟ ଖଣ୍ଡର ଟ ୦ ।/
ମଫସଲ ପାଇଁ ଖଣ୍ଡପ୍ରତି ଡାକମାସୁଲ ଟ ୦ ୧୬

୨।୮।୯୫
। ଖ । ଗୁଣ୍ଡିଚାପୁର
ଜୀ କଟକ
ଶ୍ରୀ ବାଘାନନ୍ଦ ଦାସ

---

# ଜ୍ୱାରର ଅବ୍ୟର୍ଥ ମହୌଷଧ

( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଶିଶି ଟ ୦ ।୵ ମାସୁଲ ଟ ୦ । ପଣ ।

ଏହି ଔଷଧ ବ୍ୟବହାରରେ [illegible]

ଶ୍ରୀ [illegible]

---

CHEAP ! CHEAP ! CHEAP

**SCHOOL BOOKS.**

Prescribed for the Collegiate school and H, E. schools.

JUST TO HAND.

To be had of the Printing Company, Cuttack.

Split by PDF Splitter
Digitized by srujanika@gmail.com

Split by PDF Splitter



କଲେଜୀୟୃଷ୍ଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଷ୍ଟିତାଭକ୍ତି ରସାମୃତ !

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲବାସୀଙ୍କୁ ଡାକମାସୁଲ ଟ ୦/

## ଶ୍ରୀମଦ୍‌ଭାଗବତ !

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ, ଯେଉଁ ଏକାଦଶ-ସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସ୍ମୃତି ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ଖଣ୍ଡ ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶିତ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତଟରେ ଭାଗବତ ଶ୍ରବଣ କରୁଥିବା ଜଗତ୍ପତିର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣଗତ ହେବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରୁଥିବା ଦୃଶ୍ୟର ସୁନ୍ଦର ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦।୪ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ କାଗଜ ପୁସ୍ତକର ଅତ୍ୟଳ୍ପ ମୂଲ୍ୟ ଟ ୦।୨ ଧାର୍ଯ୍ୟ ହୋଇଅଛି ।

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୯ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଧ୍ରୁପଦ ପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାଉଣ୍ଡ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## NOTICE

THE

# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବି କର୍ଣ୍ଣ ବିରଚିତ

ସତ୍ୟନାରାୟଣ ଜନ୍ମପାଲା ମୂଲ୍ୟ ଟ୦/ ଏକଅଣା

ପଦ୍ମଲୋଚନ ପାଲା ମୂଲ୍ୟ ଟ୦/

ମର୍ଦ୍ଦଗାଜ ଜନ୍ମପାଲା ମୂଲ୍ୟ ଟ୦୵

ହରିଅର୍ଜ୍ଜୁନ ପାଲା ମୂଲ୍ୟ ଟ୦୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ଯନ୍ତ୍ରସ୍ଥ ଅଛି

ହଜାରେ ଟଙ୍କା ପୁରସ୍କାର ।

# BISHAHARI.

## ବିଷହରି ।

### ହତାଶ ହୁଅ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦବିକାରର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ଘାଉ ଓ: ଉପଦଂଶ ଜନିତରୋଗ ୧୫ ଦିନ ଓ ପ୍ରମେହ ୭ ଦିନ ମଧ୍ୟରେ ଆରୋଗ୍ୟ ହୁଅନ୍ତି । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ । ପାରା ବାହାର ହେଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଔଷଧର ଟ ୧ ଙ୍କା, ଲେପନଔଷଧର ଟ ୧ ଙ୍କା, କୁଷ୍ଠରୋଗର ଘୃତ ଟ ୪ ଙ୍କା, ଔଷଧ ଓ ଡାକ ଟ ୦।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ ବଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଭାବଜାର, ଚିନାବଜାର କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାୟକ

ଇମ୍ପେରିୟଲ ମେଡିକାଲ୍‌ହଲ ।

କଟକ ଓଡ଼ିଶା

## NOTICE.

Wanted a Head master for Bamanghaty M. E. school in Mourbhanj on a salary of Rs. 25 per month. None need apply who has not passed the Entrance Examination. Preference will be given to those who have experience in teaching. Application will be received up to the 25th instant.

Dated Baripada }
The 5th July 1895 }

Govind Chandra Mahapatra
*Supdt. of Public Instruction In charge Mourbhanj Raj.*

## ବିଜ୍ଞାପନ ।

ସୁଲଭପାଠ୍ୟ, ପଞ୍ଚମ ସଂସ୍କରଣ ।

ପଣକିଆମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନୀଳମଣି ମିଶ୍ର

## ବିଜ୍ଞାପନ ।

ଜନ୍ମସ୍ଥାନଠାରୁ ରାମେଶ୍ୱର ଏବଂ ଦ୍ୱାରିକାଠାରୁ କାମାକ୍ଷ୍ୟା ପର୍ଯ୍ୟନ୍ତ ବୈଷ୍ଣବ, ଭାରତବର୍ଷର ବହୁସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ପୁଣ୍ୟଭୂମି ଉତ୍କଳଖଣ୍ଡରୁ ସ୍ୱୀୟ ସାଧନ ଭଜନର ଏକ ଉପଯୁକ୍ତ ସ୍ଥାନ ଜ୍ଞାନ କରି, କଟକ ନଗରର ଅନତିଦୂର ଦର-

Digitized by srujanika@gmail.com

Split by PDF Splitter



ସାବଳାଇର ନିକଟବର୍ତ୍ତୀ ୰ ପ୍ୟାରମୋହନ ଏ-କାଡେମୀର ପଶ୍ଚିମପାର୍ଶ୍ୱ ବାଂଗଳ ନାମକ ସ୍ଥାନରେ ସ୍ୱୀୟ ଉପାସ୍ୟ ଦେବତା ଶ୍ରୀଶ୍ରୀ ଜଗନ୍ନାଥ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ଶ୍ରୀମତୀ ସୀତାଦେବୀଙ୍କ ଯନ୍ତ୍ରମୂର୍ତ୍ତି ଓ ଭଗବାନ ଗୋକୁଳବିହାରୀ ଶ୍ରୀକୃଷ୍ଣ ଓ ଶ୍ରୀମତୀ ରାଧିକା ଦେବୀଙ୍କର ଯୁଗଳମୂର୍ତ୍ତି, ଏହି ଷଷ୍ଠମୂର୍ତ୍ତିଙ୍କ ବାସୋପଯୋଗୀ ଗୋଟିଏ ମନ୍ଦିର ଓ ତହିଁ ସଂଲଗ୍ନ ଏକ ଅତିଥିଶାଳା ନିର୍ମାଣାର୍ଥ ଉଦ୍‌ଯୋଗୀ ହୋଇଅଛି । ଉକ୍ତ ବୃହତ୍ କାର୍ଯ୍ୟ ସମ୍ପନ୍ନ ହେବାପାଇଁ ଅନ୍ୟୂନ ୫୦୦୦ ପାଞ୍ଚ ସହସ୍ର ମୁଦ୍ରାର ପ୍ରୟୋଜନ । ଏଣୁ ଏହି ଦରିଦ୍ର ସାଧୁ ନିଃସ୍ୱାର୍ଥ ପାରମାର୍ଥିକ ବାନ୍ଧବ୍ୟ ପ୍ରତି ଲକ୍ଷ୍ୟର କରି ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛି । ବର୍ତ୍ତମାନ ବିନୀତ ପ୍ରାର୍ଥନା ଯେ ଆପଣମାନେ ସ୍ୱସ୍ୱ ପାରମାର୍ଥିକ ଉଦାରତା ଗୁଣରେ ସ୍ୱୀୟ ଅବସ୍ଥାନୁଯାୟୀ ଯଥାସମ୍ଭବ ସାହାଯ୍ୟ ଦାନ କରି ଉକ୍ତ କାର୍ଯ୍ୟ ସମାଧା କରନ୍ତୁ ।

ପରଶେଷରେ ବକ୍ତବ୍ୟ ଏହି ଯେ, ଯେଉଁ ମହାତ୍ମାମାନେ ଏହି ଦେବ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଦାନେଚ୍ଛୁ ହେବେ ସେମାନେ ଅନୁଗ୍ରହପୂର୍ବକ ଉତ୍କଳଦୀପିକାର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟଙ୍କ ଅଥବା କଟକ ଚୌଧୁରୀବଜାର ନିବାସୀ ମହାଜନ ଶ୍ରୀଯୁକ୍ତ ଷଣ୍ମୁଖ ସନ୍ନ୍ୟାସୀଙ୍କ ଠିକଣାରେ ନମ ହଠାତ୍ ଅର୍ଥସାହାଯ୍ୟ ପଠାଇଲେ ମୁଁ ପ୍ରାପ୍ତ ହେବ ଇତି ।

ତା ୮।୭।୯୫ } ନିବେଦକ
କଟକ } ବାବାଜୀ ଅନନ୍ତାଚାର୍ଯ୍ୟରାମଦାସସ୍ୱାମୀ

## ବିଜ୍ଞାପନ ।

☞ ସୁଧାସଞ୍ଚୟଚୂର୍ଣ୍ଣ । ☜

ନୂତନ ଓ ସମ୍ପୂର୍ଣ୍ଣ ପରୀକ୍ଷିତ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଅମଳ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ କ୍ଷୁଦ୍ରାର ଇତ୍ୟାଦି ସର୍ବପ୍ରକାର ଉଦରର ବାୟୁବେଗ ଅଚିରାତ୍ ଆରୋଗ୍ୟ ହୁଏ । ଏହା ଆମ୍ଭର ବିଶେଷରୂପେ ପରୀକ୍ଷିତ ଔଷଧ ସପ୍ତାହ ସେବନ କଲେ ଯନ୍ତ୍ରଣାରୁ ମୁକ୍ତ ହେବାର ପାଇ ପାରିବେ ବିଶେଷ ଅତ୍ୟନ୍ତ ପୂର୍ଣ୍ଣ ଉକ୍ତ ଲେଖିବା ବାହୁଲ୍ୟମାତ୍ର (ପଟେଲ ପରୀକ୍ଷାରେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ମଧ୍ୟ ବିନ୍ଦୁମାତ୍ର ଉପକାର ପାଇ ନାହାନ୍ତି ସେମାନେ ଆମ୍ଭ ଆବିଷ୍କୃତ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଙ୍କା ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭ ନିକଟରେ ପ୍ରାପ୍ତ ହେବ ଔଷଧ ସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର } ନିବେଦକ
ସଦର କଟକ } ଶ୍ରୀ ବାଳକୃଷ୍ଣ ଦାସ
ଡାକ୍ତରଖାନା }
ସରକାରଙ୍କ ବସାରେ ।

## ଘଡ଼ୀ ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ସୁନ୍ଦର ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ଭାବରେ ନୂତନ କାରିଗରଦ୍ୱାରା ସୁନ୍ଦର ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଦେଖି କଲେ ସମସ୍ତ ଜାଣିପାରିବେ ଏବାଇଡ଼ା ହାରମୋନିୟମ ଆର୍ଗାନ, ମିଉଜିକେଲ୍‌ବାକ୍ସ ଏବଂ ଲୁଗାସିଲାଇକଳ ପ୍ରଭୃତି ମରାମତ କରାଯାଇପାରିବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ହୋଇବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉକି ସ୍ଥାପନ କରାଯାଇଥିବା କାରିଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ପରିଚୟ ଦେବାର ଅସମ୍ଭବ ନୁହେଁ । ଏହିପରି କେତେକ ଘଟନା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର ହାତରେ ନ ଦେଇ ସୁବିଧାମତେ ଘଡ଼ୀ ସ୍ଥାପାଖାନାକୁ ପଠାଇଦେଇ ତଥା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୁପାର ଗିଲ୍ଟି କର୍ମ ମଧ୍ୟ ଏଠାରେ ହୁଏ ।

୧୭ । ୪ । ୯୫ }
କଟକପ୍ରିଣ୍ଟିଂକମ୍ପାନୀ } ଶ୍ରୀ ଗୌରୀଶଙ୍କର ରାୟ
ଅଫିସ କଟକ }

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବ୍ରହ୍ମାଣ୍ଡଭୂଗୋଳ ।

କୃଷ୍ଣ ଅର୍ଜୁନ ସମ୍ବାଦ

ମୂଲ୍ୟ ୪୦ ।

ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ମାଇନର, ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓଭଲିମେଟ ପ୍ରଭୃତି ସୁଲଭମୂଲ୍ୟରେ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ

ଉତ୍କଳଦୀପିକାର,ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ଧାଡ଼ିକେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୯ |
| ଅଧିକ ଥର | ଟ ୬ |
| ଦ୍ୱିତୀୟ ଏବଂ ତୃତୀୟ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ତ୍ରୈମାସ ଓ ଷାଣ୍ମାସିକ ଧାଡ଼ିକେ ଖର୍ଚ୍ଚ ପ୍ରଥମ ଥରର ହେଉ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ଧାଡ଼ିକେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ବାଲୁବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. ୨

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ସ୍ତ ୩୦ ଶ ଭାଗ | ତା ୨୦ ରଖ ମାହେ ଜୁଲାଇ ସନ ୧୯୦୧ ମସିହା । ମୁ । ଶ୍ରା ୭ ହ ଶ୍ରା ବଣ ସନ ୧୩୦୯ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ୪ ୩
୨୯ ସଂଖ୍ୟା | | ଡାକଦେୟ ।୬ ।

ଅଷାଢ଼ ମାସରେ ଅପରିମିତ ଜଳ ରାଜ ମେଘ ବର୍ତ୍ତମାନ ହରବଖତରେ ପଡ଼ୁଥିବାର ଜଣାଯାଏ । ବର୍ଷାର ଖାଲ ହେବାରୁ ଶ୍ରାବଣ ମାସ ଆରମ୍ଭ ହେବା ପର୍ଯ୍ୟନ୍ତେ ଖରା ଅନେକର ଗୁଳ୍ମଗୁଳ୍ମୀ ରୋଗ ହେଉଥିଲା । ଗତ ଦୁଇଦନ ସାମାନ୍ୟ ବୃଷ୍ଟି ହୋଇଅଛି ।

—o—

ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ କେଉଁଝର ରାଜ୍ୟରେ ଶାନ୍ତି ସ୍ଥାପନ ହେବାରୁ ସେଠାରେ ଆଉ ଅଧିକକାଳ ପୋଲିଟିକାଲ ଏଜେଣ୍ଟ ରଖିବା ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଅନାବଶ୍ୟକ ବିବେଚନା କରୁ ଅଛନ୍ତି ଏବଂ ତଦନୁସାରେ ଉକ୍ତ ପଦ ଉଠିଯିବାର ଅବେଦନ ହୋଇ ଅଛି । ମହାରାଜା ମାନେଜର ନିଯୁକ୍ତ କରି ରାଜକାର୍ଯ୍ୟ ନିର୍ବାହ କରିବେ । ସମସ୍ତ ଜଙ୍ଗଲ ବନ୍ଦୋବସ୍ତ କାର୍ଯ୍ୟ ଏକା ବାବୁ ଦୁର୍ଗାଦାସ ମୁଖୋପାଧ୍ୟାୟଙ୍କ ଅଧୀନରେ ସମ୍ପନ୍ନ ହେବ ।

———

ହାଇଦରାବାଦରେ ଜଣେ ମୁସଲମାନ ସଂସ୍କୃତ ଭାଷାରେ ବିଶେଷ ବ୍ୟୁତ୍ପତ୍ତି ଲାଭ କରି ଅଛନ୍ତି । ତାହାଙ୍କର ନାମ ହମୀଦ ଅଲି କେଲ-ଖାନୀ । ସେ ରୁଗ୍‌ବେଦ ପାଠକରି ଅଥର୍ବବେଦରୁ ଏକ ଅଂଶ ଲେଖିବାରୁ ଅନୁମାନ ୩୧ ହଜାର ପୃଷ୍ଠା ହସ୍ତଲିପି ପ୍ରସ୍ତୁତ କରି ଅଛନ୍ତି ଏବଂ ଛାନ୍ଦୋଗ୍ୟୋପନିଷଦ ପୁସ୍ତକ ଆରବୀ ଭାଷାରେ ଅନୁବାଦ କରୁ ଅଛନ୍ତି । ପ୍ରତିବର୍ଷ କାଶୀରୁ ଏକ ଦୁଇ ଜଣ ପଣ୍ଡିତ ଅଣାଇ ସେମାନଙ୍କ ସଙ୍ଗେ ତର୍କ କରନ୍ତି । ଏ ଜଣେ ଅଦ୍ୱିତୀୟ ମହାପଣ୍ଡିତ ଅଟନ୍ତି ।

———

ପୁରୀର ରଥଯାତ୍ରା ଶେଷ ହେଲା । ଚଳିତ ମାସ ତା ୧୯ ରଖ ଶୁକ୍ରବାର ସନ୍ଧ୍ୟା ପୁର୍ବା ରଥ ପ୍ରତିଷ୍ଠା ଦକ୍ଷିଣମୂର୍ତ୍ତି ହେବାରୁ ତା ୧୨ ରଖ ଅପରାହ୍ନ ଘ ୩ ଟା ସମୟରେ ପ୍ରଭୁମାନେ ବାହୁଡ଼ା-ଯାତ୍ରାର୍ଥେ ରଥାରୂଢ଼ ହେଲେ । ତା ୧୩ ରଖରେ ବଡ଼ଠାକୁରଙ୍କ ରଥ ଏବଂ ତା ୧୫ ରଖରେ ଦେବୀ ରଥ ସିଂହଦ୍ୱାରରେ ଉପସ୍ଥିତ ହେଲେ । ନନ୍ଦିଘୋଷ ରଥ ତା ୧୬ ରଖରେ ବଳଗଣ୍ଡି ଠାରେ ରହିଲା । ତା ୧୭ ରଖରେ ଲକ୍ଷ୍ମୀନାରାୟଣ ଭେଟ ହେଲା ଗତ କାଲି ଠାକୁରମାନେ ରତ୍ନ-ସିଂହାସନକୁ ବିଜେ କରିଥିବେ । ଗତବର୍ଷ ରଥରେ ଚଉଦାଗି ହୋଇଥିଲା । ଏ ବର୍ଷ ତାହା ହେଲା ନାହିଁ ସୁଖର ବିଷୟ ।

—•—

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ସୁବର୍ଣ୍ଣପୁରର ରାଜା ଗତ ତା ୧୧ ରଖରେ ଇହଲୀଳା ଶେଷ କଲେ । ରାଜାଙ୍କର ବୟସ ଅଧିକ ହୋଇ ନ ଥିଲା ଅର୍ଥାତ୍ ପ୍ରାୟ ୫୨ ବର୍ଷ ମାତ୍ର । ବର୍ଷାଧିକ କାଳରୁ ସେ ଅସୁସ୍ଥ ଥିଲେ । ଏ ରାଜା ୪୧୭ ବର୍ଷ କାଳ ରାଜ୍ୟଭୋଗ କଲେ ମାତ୍ର ମାମଲା ମୋକଦ୍ଦମା କେବେ ରାଜ୍ୟ ନ ଥିଲା ଏ ପ୍ରକାର ଶାନ୍ତିରେ ହୋଇଯାଇ ନ ଥିଲେ । ତାହାଙ୍କର ଜ୍ୟେଷ୍ଠ ପୁତ୍ରଙ୍କର ବୟସ ପ୍ରାୟ ୨୫ ବର୍ଷ । ସେ ବର୍ତ୍ତମାନ ରାଜା ହୋଇ ଅଛନ୍ତି । ଭରସା କରୁଁ ରାଜକାର୍ଯ୍ୟର ଭାର ଉତ୍ତମରୂପେ ନିର୍ବାହ ଏବଂ ରାଜ୍ୟର ହିତ ସାଧନ ପୂର୍ବକ ସୁଖ୍ୟାତିଭାଜନ ହେବେ ।

———

ଖଣ୍ଡପଡ଼ାଠାରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ସେହି ସ୍ଥାନର ରଥଯାତ୍ରା ଏବର୍ଷ ଯେମନ୍ତ ଆଡ଼ମ୍ବରରେ ହୋଇଥିଲା ସେମନ୍ତ ଅନେକବର୍ଷ ହେବ ଦେଖା ନ ଥିଲା । ଯାତ୍ରୀଙ୍କ ସଂଖ୍ୟା ୨୫ ହଜାରରୁ ଊଣା [illegible] ରାଜା ସ୍ୱୟଂ ବସ୍ତ୍ରମାନ ହୋଇ ରଥ ଟାଣୁ ଥିଲେ ଏବଂ ଶାନ୍ତିରକ୍ଷା ବିଷୟରେ ପୁଲିସପ୍ରତି ଏମନ୍ତ ଆଦେଶ ପ୍ରଦାନ କରିଥିଲେ ଯେ ଏତେ ବଡ଼ ଜନତାରେ କାହାର କିଛି ଅନିଷ୍ଟ ହୋଇ ନାହିଁ । ବାହୁଡ଼ା ସମୟରେ ହରେକ ପ୍ରକାର ଅନେକ ବାଣ ନିଆଁ ଯାଇଥିଲା ବନ୍ଧନାଟ ଓ ପାଇକଖେଳ ହୋଇଥିଲା ଏବଂ ପାଲା ଯାତ୍ରାଲୀଳା ଗୋଷ୍ଠଗୋ ଦେଖି ପ୍ରଭୃତି ନାଟ ଅନେକବାର ନୃତ୍ୟ ଗାୟନ କରିଥିଲେ ।

———

ବେଜବାଡାଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ଯେଉଁ ରେଲ୍‌ବାଟ ନିର୍ମାଣ ହେବାର ପ୍ରସ୍ତାବ ହୋଇଥିଲା

Split by PDF Splitter
Digitized by srujanika@gmail.com

Split by PDF Splitter



ଭାରତର ରାଜସ୍ୱ ସେକ୍ରେଟେରି ସାହେବ ଇଷ୍ଟିମେଟ ମଞ୍ଜୁର କରି ଶୀଘ୍ର କାର୍ଯ୍ୟାରମ୍ଭ କରିବାର ଆଦେଶ ଦେଇଅଛନ୍ତି । ଏହି ରେଲବାଟ ମା ୫୯୦ ଇଲ ଦୀର୍ଘ ଏବଂ ଏଥିରେ ଦୁଇକୋଟି ୧୪ ଲକ୍ଷ ଟଙ୍କା ବ୍ୟୟ ହେବ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ମଧ୍ୟ ସେକ୍ରେଟେରୀଙ୍କ ମଞ୍ଜୁରୀ ପ୍ରାପ୍ତ ହୋଇ ରେଲବାଟ ନିର୍ମାଣ ବିଷୟରେ ଆଦେଶ ପ୍ରଦାନ କରିଅଛନ୍ତି । ବେଜବାଡ଼ାଠାରୁ ଇଷ୍ଟ କୋଷ୍ଟ ରେଲବାଟ ଏ ନଗରକୁ ଆସୁଅଛି ଏବଂ ଏଠାରୁ ମେଦିନୀପୁର ପର୍ଯ୍ୟନ୍ତ ଶୀଘ୍ର ନିର୍ମାଣ ହେବାର ମଞ୍ଜୁର ହୋଇଅଛି । ଅମ୍ଭେମାନେ ରେଲରେ ଚଢ଼ି ଆସେ ମାନ୍ଦ୍ରାଜ ଯିବା ଓ କଲିକତା ଯିବା ଏହି କଥା ଭାବୁଅଛୁଁ ।

—※—

ପାଲଲହଡାରୁ ଜଣେ ଲେଖିଛନ୍ତି ଯେ ସେଠି ଗଡ ନିକଟରେ ଏକକୋଶ ପରିମିତ ଏକ ଜଙ୍ଗଲପୂର୍ଣ୍ଣ ସମତଳ ଭୂମି ଥିଲା । ମାନେଜର ବାବୁ ଦାମୋଦର ପଟ୍ଟନାୟକ ଜଙ୍ଗଲ ପରିଷ୍କାର କରି ସେ ସ୍ଥାନକୁ ଏକ ପ୍ରଶସ୍ତ ପଡିଆରେ ପରିଣତ କରୁଅଛନ୍ତି । ଏଥିମଧ୍ୟରେ ଜଙ୍ଗଲ କଟା ହୋଇ ଗଛର ମୂଳ ସବୁ ଉଠା ହେଉଅଛି । ଏହି ପଡିଆର ଏକ ପାର୍ଶ୍ୱରେ ଗୋଟିଏ ବୃହତ୍ ପୁଷ୍କରଣୀ ଖୋଳା ହେବାର ପ୍ରସ୍ତାବ ହୋଇ ଅଛି । ଶୀଘ୍ର ଏଥିର କାର୍ଯ୍ୟାରମ୍ଭ ହେବ ଏବଂ ଏକପାର୍ଶ୍ୱରେ ଗୋଟିଏ ଗ୍ରାମ ବସାଇବାର ମଧ୍ୟ କଳ୍ପନା ହେଉଅଛି । ସ୍ଥାନୀୟ ସ୍ୱାସ୍ଥ୍ୟୋନ୍ନତି ସାଧନ ପକ୍ଷରେ ଏ କାର୍ଯ୍ୟ ଅତି ଉପଯୋଗୀ ସନ୍ଦେହ ନାହିଁ ଏବଂ ମାନେଜର ମହାଶୟ ଏହା ଉଦ୍ଭାବନ କରି କାର୍ଯ୍ୟ ଦକ୍ଷତାର ପରିଚୟ ଦେଇ ଅଛନ୍ତି । ଭରସା କରୁଁ ଏହା କେବଳ ପ[illegible] ନ ହୋଇ ଉଦ୍ୟାନ ପ୍ରସ୍ତୁତ ହେବ ଏବଂ ଗୋଟିଏ ପୁଷ୍କରଣୀ ମଧ୍ୟଭାଗରେ ରହିବ ।

———

ସରକାରୀ ଖଜଣାଖାନାରେ ଯେଉଁ ଟଙ୍କାରେ ଯେତେ ଦରରେ ଅସୁଲ ହେବ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି କ୍ରମେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତହିଁର ଏକ ତାଲିକା ଦେଇଅଛନ୍ତି । ସର୍ବାପେକ୍ଷା ଉଚ୍ଚ ଦର ସେ ୧ ଟଙ୍କା ୫ ଅଣା ଏବଂ ଏହି ଦର ଏଠା ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ସର୍ବାପେକ୍ଷା ନ୍ୟୂନ ଦର ଏକସେରକୁ ଟ ୧୬ ଣା ପାଟନାବିଭାଗର ସମସ୍ତ ଜିଲ୍ଲାମାନଙ୍କ ଧାର୍ଯ୍ୟ ହୋଇଅଛି । ମୁଙ୍ଗେର ଓ ଦରଭଙ୍ଗାର ଦର ଟ ୨୧ ଣା ଭାଗଲପୁରରେ ୫ /୩ ଣା ସାନ୍ତାଳପରଗଣାରେ ଟ ୨ ଣା ମାନଭୂମ ଓ ସିଂହଭୂମରେ ଟ ୨/୬ ଣା ଏବଂ ଅନ୍ୟ ସମସ୍ତ ଜିଲ୍ଲାରେ ୨/୧୦ ଣା ପର୍ଯ୍ୟନ୍ତ ଦର ସ୍ଥିର ହୋଇଅଛି । ଓଡ଼ିଶାରେ ଅଳ୍ପ ଖରଚ ଅଧିକ ହୋଇ ଦର ସଙ୍କୋଚ ଏବଂ ପାଟନାରେ ଅଳ୍ପ ପ୍ରସ୍ତୁତ ହେଉଥିବା ହେତୁ ମୂଲ୍ୟାଧିକ୍ୟ ହୋଇ ସବୁ ଠାରୁ ଦର ଧାର୍ଯ୍ୟ ହୋଇଅଛି ।

———

ସମ୍ବଲପୁରହିତୈଷିଣୀରେ ଗତ କର୍ଣ୍ଣକ ପାଟନାର ମୃତ ରାଜାଙ୍କ ଅସ୍ୱଚ୍ଛନ୍ଦରେ ତାହାଙ୍କ ଜନନୀ ଶଙ୍କରେ କଷ୍ଟାରମାର ଆତ୍ମହତ୍ୟା କରିବାର ଯାହା ଇତିପୂର୍ବେ ଲେଖା ହୋଇଥିଲା ତାହା ଠିକ ନୁହେଁ । ସେ ବନ୍ଧୁମାନଙ୍କୁ ଭୁଲି ଦେଇଛନ୍ତି । ପ୍ରାୟ ୧୦।୧୨ ଦିନରୁ ସେ ଏକାନ୍ତ ବାତୁଳୀ ହୋଇ ବସି ଅଛନ୍ତି ଯେ ପୁତ୍ର ଓ ପୁତ୍ରବଧୂର ଶୋଚନୀୟ ଘଟଣା ତାହାଙ୍କୁ ଜଣା ନାହିଁ । ଏଥିରୁ ଜଣାଯାଉ ଅଛି ଯେ ମୃତରାଜା ମାନଙ୍କଠାରୁ ସେମାନ ଅଂଶାଧିକାରୀ ହୋଇ ସେପରି କାର୍ଯ୍ୟମାନ କଲେ । ବଡ଼ ଦୁଃଖର ବିଷୟ ଯେ ସେ ସର୍ବକାଳ ଗବର୍ଣ୍ଣମେଣ୍ଟଙ୍କ ଶିକ୍ଷାଧୀନରେ ଥିବା ପ୍ରତ୍ୟେକ ତାହାଙ୍କ ଚରିତ୍ର ଦୁର୍ବଳତାର ବହୁ ଲକ୍ଷଣ କେହି ଜାଣିପାରି ନ ଥିଲେ । ମୃତ୍ୟୁର କେତେକ ପୂର୍ବେ ସେ କଲିକତାକୁ ଯିବାପାଇଁ ମାତିଥିଲେ ସମ୍ଭବତଃ ରାଣୀ ତହିଁରେ ଆପତ୍ତି କରିବାରୁ ଅଧିକ ଉନ୍ମାଦ ହୋଇ ତାହାଙ୍କୁ ହତ୍ୟା କରି ଆପେ ହତ ହେଲେ ।

———

ବରଅଧୁର ମହାରାଜାଙ୍କ ସମ୍ବନ୍ଧରେ ପାର୍ଲିଆମେଣ୍ଟ ସଭାରେ ପ୍ରଶ୍ନ ହୋଇଥିଲା କି ଗବର୍ଣ୍ଣମେଣ୍ଟ ସଭାର ମଞ୍ଜୁର ନ ନେଇ କୌଣସି ଦେଶୀୟ ରାଜ୍ୟର ରାଜାକୁ ପଦଚ୍ୟୁତ କରିବା ଭାରତ ଗବର୍ଣ୍ଣମେଣ୍ଟର ଅଧିକାର ଅଛି କି ନା ? ଏଥିର ଉତ୍ତରରେ ଭାରତୀୟ ଷ୍ଟେଟ୍ ସେକ୍ରେଟେରୀ କହି ଅଛନ୍ତି କି ଦେଶୀୟ ରାଜାଙ୍କ ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟଙ୍କର ସ୍ୱାଧୀନ ଭାବରେ ସମସ୍ତ ପ୍ରକାର କାର୍ଯ୍ୟ କରିବାର କ୍ଷମତା ଅଛି । ଭରତପୁର ମହାରାଜାଙ୍କ ପଦଚ୍ୟୁତ କରିବା ବିଷୟକ କାଗଜପତ୍ରରେ ସର୍ବସାଧାରଣଙ୍କର ଜାଣିବାର କଥା କିଛି ନାହିଁ । ଅମ୍ଭେମାନେ ଏ ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହେଲୁଁ । ମିତ୍ର ରାଜ୍ୟର ରାଜା ମହାରାଜାମାନେ ଜନମ ଗବର୍ଣ୍ଣମେଣ୍ଟଙ୍କ ମିତ୍ର ହୋଇ ପଡ଼ିଲେ । କେବଳ ଗବର୍ଣ୍ଣମେଣ୍ଟଙ୍କ ପ୍ରତିନିଧି ତାହାଙ୍କ ଇଚ୍ଛାରେ କୌଣସି ମିତ୍ରକୁ ରାଜ୍ୟରୁ ତଡ଼ିଦେଇ ପାରିବେ ଅଥଚ ତହିଁର ବାଦଶୁଣାର ନାହିଁ ।

———

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଡାକ୍ତର ବୋର୍ଡ଼ସ ସାହେବଙ୍କର ମୃତ୍ୟୁ ହୋଇଅଛି । ଡାକ୍ତର ମହାଶୟ ଜଣେ ବିଖ୍ୟାତ ଚିକିତ୍ସକ ଥିଲେ । ସେ ଏଠାର ସିଭିଲ ସର୍ଜନ ଥିଲାବେଳେ ତାହାଙ୍କର ସୁଚିକିତ୍ସା ଭଦ୍ରତା ଦୟାଶୀଳତା ପ୍ରଭୃତି ସଦ୍‌ଗୁଣ ହେତୁ ଏଠା ଲୋକଙ୍କର ବଡ଼ ପ୍ରିୟ ହୋଇ ଥିଲେ । ଶେଷକାଳରେ କଲିକତା ମେଡ଼ିକାଲ କଲେଜର ପ୍ରିନସିପାଲ ପଦ ଅଳଙ୍କୃତ କରି ଗୋଟାଏ ସନ ୧୮୯୦ ସାଲରେ ପେନସନ ଗ୍ରହଣ ପୂର୍ବକ ସ୍ୱଦେଶକୁ ଯାଇଥିଲେ । ତଥାପି ତାଙ୍କର ଏକପ୍ରକାର ଅତ୍ୟନ୍ତ ପୀଡ଼ିତା ହୋଇ ଚିକିତ୍ସା ନିମନ୍ତେ ତାହାଙ୍କୁ ଅଣାଇବାରୁ ସେ କେବଳ ମାତ୍ର ସ୍ତ୍ରୀଙ୍କର ଚିକିତ୍ସା କରି ବର୍ଷନ କାଳକୁ ଫେରିଆସି ଥିଲେ ଏଥି ମଧ୍ୟରେ ହଠାତ ଗତର ମାସ ତା ୧୬ ରିଖରେ ଓଲଉଠା ହେବ ଧଇବାରୁ ତହିଁ ଅରବକ ପ୍ରାଣ ହରାଇଲେ । ଅନେକ ଚିକିତ୍ସା ହେଲେହେଁ କିଛି ଫଳ ହେଲା ନାହିଁ । ଡାକ୍ତର ସାହେବଙ୍କ ବୟସ ୬୩ ବର୍ଷ ହୋଇଥିଲା ।

———

କେପ୍‌ଟିବନ୍ସ ପୂର୍ବେ ଫାର୍ମୋଲ ଥାନା ଇଲାକାର ଗୋଟିଏ ସିପିଲ ଚରୁଦେଶ ହୋଇ ଉଠବଲ ଡ୍ରାଇବର ତାହାର ଶିର ଏବ ବକ୍ଷରେ ଗଭୀର ଆଘାତ ଦେଖା ଯିବାରୁ ମୃତର ବାରିସ ଲାଶ୍ ଦେଖିବା ନିମନ୍ତେ ଉକ୍ତ ଥାନାର ଜଣେ ହେଡ଼କନଷ୍ଟବଲ ଓ ଜଣେ କନଷ୍ଟବଲ ତଦନ୍ତ କରୁଥିଲେ । ମୃତା ସ୍ତ୍ରୀର ସ୍ୱାମୀ ତଦନ୍ତକାଳରୁ ତଦେଶରେ ଥିବାରୁ ଓ ତାହାର ମୃତ୍ୟୁର ଲିଖିତ ନ ଥିବାର ପ୍ରକାଶ ହେବାରୁ ସେ ତାଳେ ଗର୍ଭବତୀ ହୋଇ ଲଜ୍ଜା ଗୋପନ କରିବା ନିମନ୍ତେ ଆତ୍ମହତ୍ୟା କରିଥିବ ଏହି ଅନୁମାନରେ ହେଡ଼କନଷ୍ଟବଲ ସ୍ୱାମୀର ଧୋକାକୁ ଭାବି ସେ ତାହା ପରିଷ୍ଟଟନ କରୁଥିବା ସମୟେ ଧୋକା ବଧୀତା ବଶତଃ ପ୍ରଥମେ କେତେକ ଅର୍ଥ ଓ ସେଥିରେ ନା ଭୁରିଲ ହେବାରୁ ହେଡ଼କନଷ୍ଟ ବଲର ଆଦେଶମତେ କନଷ୍ଟବଲ ଯୋବାକୁ ଭରା ଗୁରୁଡ଼ି ଦଥା ମରିବାରୁ କେତେକ ପରେ ତାହାର ମୃତ୍ୟୁ ହେଲା । ସ୍ଥାନୀୟ ପୋଲି-

Digitized by srujanika@gmail.com

ସର୍ ଇନକୋନ୍ସର ହେଡ଼୍‌କନଷ୍ଟବଲ ଓ କନଷ୍ଟେ-
ବଲ ଇତ୍ୟାଦିଙ୍କୁ ସ୍ମରଣ କରିଅଛନ୍ତି।

—o:O:o—

ବଙ୍ଗପ୍ରଦେଶର ପାଗଳଖାନା ସମ୍ବନ୍ଧରେ
ସନ ୧୮୯୪ ସାଲରେ ୨୦୦ ଜଣ ବାତୁଳ
ଭର୍ତ୍ତି ହୋଇଥିଲେ। ଏଥିମଧ୍ୟରେ ୫୦ ଜଣ
ଗଞ୍ଜେଇ ଧୂମପାନଦ୍ୱାରା ବାତୁଳ ହେବାର
ପ୍ରକାଶ। ମାନ୍ୟବର ଲେପ୍ଟେନାଣ୍ଟ ବାହାଦୂର ଅନୁ-
ସନ୍ଧାନଦ୍ୱାରା ବୁଝିଅଛନ୍ତି ଯେ କୌଣସି ବ୍ୟକ୍ତି
ଗଞ୍ଜେଇ ଖାଇ ବାତୁଳ ହେଲେ ଅଥବା ବାତୁଳ
ହୋଇ ଗଞ୍ଜେଇ ଖାଉଥିଲେ ଏଥିର ତଦନ୍ତ ନ କରି
ଯେଉଁ ବାତୁଳ ଗଞ୍ଜେଇ ଖାଇବାର ଜଣାଯାଏ
ପୁଲିସ ତାହାକୁ ଗଞ୍ଜେଇ ଖାଇ ବାତୁଳ ହେବାର
ରିପୋର୍ଟ କରନ୍ତି। ମାତ୍ର ଗଞ୍ଜେଇ ଓ ବାତୁଳତାର
ସମ୍ବନ୍ଧ ଗଞ୍ଜେଇ କମିଶନ ବିଶେଷରୂପେ ଅନୁ-
ସନ୍ଧାନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇ
ଅଛନ୍ତି କି ଗଞ୍ଜେଇ ଖାଇ ଲୋକେ ପାଗଳ
ହୁଅନ୍ତି ମାତ୍ର ଯେ ପରିମାଣ ଲୋକେ ବିଶ୍ୱାସ
କରନ୍ତି ସେ ପରିମାଣ ନୁହେ ଅର୍ଥାତ୍ ଅତି ଅଳ୍ପ
ସ୍ଥଳରେ ତାହା ଘଟଇ। କମିଶନ ଅନ୍ୟ ସିଦ୍ଧାନ୍ତ
କରିଅଛନ୍ତି କି ଗଞ୍ଜେଇ ଖାଇ ଯେଉଁମାନେ
ବାତୁଳ ହୁଅନ୍ତି ସେମାନଙ୍କ ରୋଗ ଅନ୍ୟାନ୍ୟ
କାରଣରୁ ଉନ୍ମାଦ ହେବା ରୋଗିଙ୍କଠାରୁ ସହଜ
ଏବଂ ଅଳ୍ପକାଳ ସ୍ଥାୟୀ ହୁଏ। ବାତୁଳାଶ୍ରମର
ସୁପରିଣ୍ଟେଣ୍ଡେଣ୍ଟମାନଙ୍କପ୍ରତି ମାନ୍ୟବର ଲେପ୍ଟେନାଣ୍ଟ ଆ-
ଦେଶ କରିଅଛନ୍ତି କମିଶନଙ୍କ ରିପୋର୍ଟ ପାଠ
କରି ଗଞ୍ଜେଇ ଜନିତ ଉନ୍ମାଦ ରୋଗୀଙ୍କ ଚିକିତ୍ସା
କରିବାକୁ ମନଯୋଗୀ ହେବେ।

---

ଢାକାର ଡେପୁଟୀ ମାଜିଷ୍ଟ୍ରେଟ ଫରିଦ୍‌ଉଦ୍ଦିନ
ସାହେବଙ୍କ ପଦଚ୍ୟୁତ ବିଷୟରେ ମାନ୍ୟବର
ବଙ୍ଗୀୟ ଲେପ୍ଟେନାଣ୍ଟ ବାହାଦୂରଙ୍କ ଚିଠି ପ୍ରକା-
ଶିତ ହୋଇ ଅଛି। ଫରିଦ୍‌ଉଦ୍ଦିନ ସାହେବଙ୍କ
ତହସିଲଦାର ବିଷୟ ନିମନ୍ତେ ଶ୍ରୀଯୁକ୍ତ ବୋଲଟନ
ସାହେବ ଏବଂ ବାବୁ ପ୍ୟାରୀମୋହନ ବାନାର୍ଜ୍ଜୀ
କମିଶନ ନିଯୁକ୍ତ ହୋଇଥିଲେ। ସେମାନେ
ଫରିଦ୍‌ଉଦ୍ଦିନଙ୍କ ବିରୁଦ୍ଧରେ ଉପସ୍ଥିତ ହୋଇ
ଥିବା ମାମଲା ମଧ୍ୟରୁ ମୋ ୭ ଟିର ବିସ୍ତାରିତ
ଅନୁସନ୍ଧାନ କରି ଯେଉଁ ମନ୍ତବ୍ୟ ପ୍ରକାଶ କରି-
ଅଛନ୍ତି ମାନ୍ୟବର ଲେପ୍ଟେନାଣ୍ଟ ତହିଁରେ ଐକ୍ୟ-
ହୋଇ କହିଅଛନ୍ତି କି ଏଥିମଧ୍ୟରୁ ଏକା ଦୁଇଟି
ମାମଲାରେ ଯେମନ୍ତ ଅବଶ୍ୟ ଅଭ୍ୟାଗତ ଏବଂ
ଭଣ୍ଡ ପ୍ରକାଶ ପାଇଅଛି ଫରିଦ୍‌ଉଦ୍ଦିନଙ୍କ ଅଯୋ-
ଗ୍ୟତା ପକ୍ଷରେ ତାହା ଯଥେଷ୍ଟ ଅଟେ। ଯୋଡ଼ିଏ
ମୋକଦ୍ଦମାରେ ସେ ମୁଦେଇ ଓ ମୁଦାଲା ଉଭୟ
ପକ୍ଷରୁ ଘୁଷ ଖାଇଥିଲେ। ଘୁଷ ଖାଇବା ଅସ-
ନ୍ଦିଗ୍ଧ ଉତ୍ତମରୂପେ ପ୍ରମାଣିତ ହୋଇ ଅଛି।
ଫରିଦ୍‌ଉଦ୍ଦିନ କହନ୍ତି କି ତାହାର ଉକିଲ ଏବଂ
ମୁକ୍ତାରିମାନେ ଷଡ଼ଯନ୍ତ୍ର କରି ତାହାଙ୍କ ବିରୁ-
ଦ୍ଧରେ ମାମଲା ଉପସ୍ଥିତ କରି ଅଛନ୍ତି। ମାତ୍ର
କମିସନଙ୍କ ବିବେଚନାରୁ ଏ ଆପତ୍ତି ନିତାନ୍ତ
ଅମୂଳକ ଏବଂ ସେମାନଙ୍କ ସଙ୍ଗେ ଅବନିବନ
ଥିବାର କିଛି ପ୍ରମାଣ ସାହେବ ଦେଇ ନାହାନ୍ତି।
ବାସ୍ତବରେ ଉକିଲ ଓ ମୁକ୍ତାରମାନେ ତାହାଙ୍କ
ବିରୁଦ୍ଧରେ ଦରଖାସ୍ତ ଦେବାର ଅନେକ ଦିନ
ପୂର୍ବରୁ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ ଫରିଦ୍-
ଉଦ୍ଦିନଙ୍କ ଘୁଷ ଖାଇବା କଥା ପ୍ରକାଶ ହୋଇଥିଲା
ଏବଂ ତାହାର କେତେକ ସମ୍ଭ୍ରାନ୍ତ ଲୋକଙ୍କ ସାକ୍ଷ୍ୟ-
ରୁ ଜଣା ଯାଏ ଯେ ସେମାନେ ଏକା ଶୁଣିଥିଲେ
ଏବଂ କେତେକ ଘୁଷ ଦେବା ବ୍ୟକ୍ତି ସ୍ୱୟଂ
ସେମାନଙ୍କଠାରେ କହିଥିଲେ। ଫଳତଃ କମିଶ-
ନଙ୍କ ବିବେଚନାରେ ଫରିଦ୍‌ଉଦ୍ଦିନ ସାହେବ
ଆପଣା ଚାକର ଗୁଜବଅଲି ଦ୍ୱାରା ଘୁଷ ନେବାର
ସ୍ପଷ୍ଟ ପ୍ରମାଣ ହୋଇଅଛି ଏବଂ ତାହାଙ୍କୁ ସରକାରୀ
କାର୍ଯ୍ୟରେ ଆଉ ରଖିବାର ଉଚିତ ନୁହେ ବୋଲି
କହି ଅଛନ୍ତି। ଘୁଷଦେବା ବ୍ୟକ୍ତିଙ୍କ କଥାର
ପୋଷକତାର ସାକ୍ଷ୍ୟ ପ୍ରବଳ ନ ଥିବାରୁ ଫଉଜ-
ଦାରୀ ଅଦାଲତରେ ସାହେବ ଦଣ୍ଡ ପାଇବାର
କଠିନ ବିବେଚନାରେ ସେମାନେ ସାହେବଙ୍କୁ
ଫଉଜଦାରୀ ସୁପର୍ଦ କରିବାର ପରାମର୍ଶ ଦେଇ
ନାହାନ୍ତି। ମାନ୍ୟବର ଲେପ୍ଟେନାଣ୍ଟ ଏଥିରେ ଐକ୍ୟ
ହୋଇ ଫରିଦ୍‌ଉଦ୍ଦିନଙ୍କୁ ମାକୁଲ କରି ଶାନ୍ତ
ହେଲେ। ଅମ୍ଭେମାନେ ଏହି ସୁବିଚାର ନିମନ୍ତେ
ମାନ୍ୟବର ଲେପ୍ଟେନାଣ୍ଟ ଏବଂ ଢାକାର ଉକିଲ
ମୁକ୍ତାରଙ୍କୁ ଧନ୍ୟବାଦ ଦେଉଅଛୁଁ। ଆଶାକରୁଁ
ଅନ୍ୟାନ୍ୟ ସ୍ଥଳର ଉକିଲ ମୁକ୍ତାରମାନେ ଏହି
ସାଧୁ ଉଦାହରଣର ପଶ୍ଚାଦ୍‌ଗାମୀ ହେବେ।
ହାକିମ ଦଳରେ ଘୁଷଖୋରଙ୍କ ସଂଖ୍ୟା ଅତ୍ୟନ୍ତ
ଊଣା ହେଲେହେଁ ଏକାବେଳକେ ଅଦୃଶ୍ୟ ହୋଇ
ନାହିଁ ଅମ୍ଭେମାନେ ଏଠାରେ ମଧ୍ୟ କେବେ କେବେ
ଜନରବ ଶୁଣି ଥାଉଁ ଉକିଲ ମୁକ୍ତାରମାନେ
ସଚେଷ୍ଟ ହେଲେ ବହୁତ ପ୍ରତୀକାର ହେବ।

---

ବଙ୍ଗେଶ୍ୱର ଗୃହବାଲିରେ।

ମାନ୍ୟବର ବଙ୍ଗେଶ୍ୱର ସର ଇଲିୟଟ ବା-
ହାଦୂର ଗତମାସ ତା ୧୦ ରିଖ ସକାଳ
ଘ ୮ ଟା ସମୟରେ ଗାଡ଼ି ନାମକ ଷ୍ଟିମରରେ
କଲିକତାରୁ ଯାତ୍ରା କରି ରାତ୍ର ଘ ୧୧ ଟା
ବେଳେ ଧାମରା ମୁହାଣ ନିକଟରେ ଲଙ୍ଗର ପ-
କେଲେ। ଅରଦିନ ସକାଳବେଳେ ଜାହାଜ
ନଦୀ ମଧ୍ୟରେ ପ୍ରବେଶ କରି ଦୁର୍ଗାପୁର ପର୍ଯ୍ୟନ୍ତ
ଆସି ସେହିଠାରେ ଲଙ୍ଗର କଲା। ଜଳ ନ
ଘଟିବା ବିବେଚନାରେ ସେହିଠାରେ ଜାହାଜ
ରହିଲା। ମାନ୍ୟବର ମହୋଦୟ ସେଠାରୁ
ବୋଟରେ ଚଢ଼ି ଗୃହବାଲିକୁ ଆସିଥିଲେ।
ଗୃହବାଲିର ବନ୍ଦର ଓ ଦେଶୀୟ ବଣିକ ଏବଂ
ଅନ୍ୟାନ୍ୟ ଭଦ୍ରଲୋକମାନେ ପୂର୍ବରୁ ସଭାକରି
ପ୍ରାୟ ସାତେଆଠଶତ ଟଙ୍କା ଚେନ୍ଦା ସଂଗ୍ରହ ପୂ-
ର୍ବକ ଅଭ୍ୟର୍ଥନାର ଉତ୍ତମ ବନ୍ଦୋବସ୍ତ କରି-
ଥିଲେ। ଏକଶତ ଟଙ୍କାରେ କଲିକତାରୁ ଗୋ-
ଟିଏ ରୌପ୍ୟ ମଣ୍ଡିତ ଅଭିନନ୍ଦନ ପତ୍ରାଧାର
ଖରିଦ ହୋଇ ଆସିଥିଲା। ଅବଶିଷ୍ଟ ଟଙ୍କା
ବାଣବାଜି ଓ ଅନ୍ୟାନ୍ୟ ବିଷୟରେ ବ୍ୟୟିତ
ହେଲା। ବନ୍ଦୋବସ୍ତ ସମ୍ବନ୍ଧୀୟ କାର୍ଯ୍ୟରେ ମ-
ହୋଦୟଙ୍କ ଶୁଭାଗମନ ହୋଇଥିବାରୁ କେ-
ବଳ କଟକ ଓ ବାଲେଶ୍ୱରର ବନ୍ଦୋବସ୍ତ
ପ୍ରଧାନ କର୍ମଚାରୀମାନଙ୍କୁ ତଲବ ହୋଇଥିଲା।
ଅନ୍ୟାନ୍ୟ ହାକିମମାନଙ୍କର ଆସିବା ଅନାବଶ୍ୟକ
ବୋଲି ଜଣାଇ ଦିଆଯାଇଥିଲା। କେବଳ
ଶାନ୍ତିରକ୍ଷା ଓ ସାହାଯ୍ୟ ନିମନ୍ତେ ୫୦ ଜଣ
କନଷ୍ଟବଲ ସହିତ ପୁଲିସ ଇନସ୍ପେକ୍ଟର ପ୍ରଭୃତି
ଉପସ୍ଥିତ ଥିଲେ। ଘାଟଠାରେ ସୁଶୋଭିତ
ଅଭ୍ୟର୍ଥନାମଣ୍ଡପ ପ୍ରସ୍ତୁତ ହୋଇଥିଲା ଏବଂ ମାର୍ଗ
ବିଜୟପତାକା ପତାକା ପ୍ରଭୃତିରେ ମଣ୍ଡିତ
ହୋଇଥିଲା। ପ୍ରତ୍ୟେକ ଷ୍ଟିମର ଗନ୍ତାସ୍ଥାନ ଯୋ-
ଗୁଁ ଗୃହବାଲି ଏବେ ଜନାକୀର୍ଣ୍ଣ ଓ କୋଳା-
ହଳମୟ। ଛୋଟଲାଟ ବାହାଦୂରଙ୍କ ଦର୍ଶନା-
ର୍ଥେ ଅନେକ ଲୋକ ଆସିବାରୁ ନଗର ପରି-
ପୂର୍ଣ୍ଣ ଏବଂ ଉତ୍ସବମୟ ହୋଇଥିଲା।

ମାନ୍ୟବର ମହୋଦୟଙ୍କ ଶୁଭାଗମନ ବିବ-
ରଣ ଆମ୍ଭମାନଙ୍କ ସମ୍ବାଦଦାତା ନିମ୍ନଲିଖିତ ରୂ-
ପେ ଲେଖିଅଛନ୍ତି ଯଥା।—

"ବେଳ ୨ଟା ସମୟରେ ବନ୍ଦାଧିପଙ୍କ ବର୍ତ୍ତ-
ରେ ପ୍ରବେଶ କରି କ୍ଷୁଦ୍ର ଷ୍ଟିମାର ଗୃହବାଲି
ଘାଟରେ ପ୍ରବେଶ ହେବା ମାତ୍ରେ ସମ୍ମାନ
ସୂଚକ ୧୦ଟି ତୋପ ଧ୍ୱନିତ ହେଲା। ଉପସ୍ଥିତ
ରିଡ୍ ସାହେବ ଓ ମେମ୍‌ମାନେ ଅଗ୍ରଗାମୀ ହୋଇ

Split by PDF Splitter

Digitized by srujanika@gmail.com

Split by PDF Splitter



ସାହେବ ମହୋଦୟଙ୍କୁ ସଭା ମଣ୍ଡପକୁ ଆଣିଲେ। ସ୍ଥାନୀୟ ଜଣେକ ସମ୍ଭ୍ରାନ୍ତଙ୍କ ଅଭିନନ୍ଦନପତ୍ର ମେକଲିନ କୋମ୍ପାନୀଙ୍କ ଏଜେଣ୍ଟ ବୋଲିଂଟନ ସାହେବଙ୍କ କର୍ତ୍ତୃକ ପଠିତ ହେଲା । ସେହି ଅଭିନନ୍ଦନ ପତ୍ରର ସାରମର୍ମ ଏହି ଯେ ବାଣିଜ୍ୟବ୍ୟବସାୟୀମାନଙ୍କ ସୁବିଧାର୍ଥେ ଏଠାରେ ମୁନସଫି-କୋର୍ଟ ସ୍ଥାପିତ ହେଉ ଏବଂ ଭଦ୍ରକଠାରୁ ଚାନ୍ଦବାଲି ରାସ୍ତା ପକ୍କା କରାଯାଉ ଏବଂ ସମୁଦ୍ରର ନିର୍ଦ୍ଦିଷ୍ଟ ସ୍ଥାନରେ ହଉଲାଖି ବ୍ୟୟରେ ଗୋଟିଏ ବନ୍ଦର ନିର୍ମାଣ କରାଯାଇ ଜାହାଜ ଗତାୟାତ ରାସ୍ତାର ଦୂରତା ହ୍ରାସ କରାଯାଉ । ଅନ୍ୟ ଏକ ପତ୍ରରେ । ଏଠାକାର ପୋଷ୍ଟ ଅଫିସର ମିଃ ଘମର ସାହେବଙ୍କୁ ବର୍ତ୍ତମାନ ପେନସନ ଦିଆ ନ ଯାଇ ଅନ୍ୟୂନ ଏକବର୍ଷ ରଖାଯିବାର ପ୍ରାର୍ଥନା କରାଯାଇଥିଲା । ଉପରୋକ୍ତ ପ୍ରସ୍ତାବମାନଙ୍କ ଉତ୍ତରରେ ସାହେବ ମହୋଦୟ, ମହାଜାତିର ଅଭ୍ୟର୍ଥନା ସକାଶ ଉଦ୍ୟୋଗୀମାନଙ୍କୁ ଧନ୍ୟବାଦ ପ୍ରଦାନ କରି ମୁନସଫି କୋର୍ଟ ସମ୍ବନ୍ଧରେ କହିଲେ ଯେ ଏ ଅଞ୍ଚଳର କେତେ ମକଦ୍ଦମା ଅନୁଷ୍ଠି ହେଉଅଛି ଏବଂ କଟକରୁ ଅଧିକ ଦେବାର ସମ୍ବନ୍ଧ ଜଜସାହେବଙ୍କ ସଙ୍ଗେ ପରାମର୍ଶ କରି ବୁଝିଲା ଉତ୍ତାରୁ ବ୍ୟବସ୍ଥା କରାଯିବ । ଭଦ୍ରକ ରାସ୍ତା ଶୀଘ୍ର ମରାମତ ହେବ ବୋଲି ଆଶା ଦେଲେ ଏବଂ ଅନ୍ତତଃ କହିଲେ ଯେ ରେଲରାସ୍ତା ଶୀଘ୍ର ଫିଟିଲେ ଚାନ୍ଦବାଲି ପୋର୍ଟର ସ୍ଥାୟିତ୍ୱ ବିଶେଷ ସନ୍ଦେହସ୍ଥଳ । ଘମର ସାହେବଙ୍କ ସମ୍ବନ୍ଧରେ ଏଠାରେ କୌଣସି ଅଭିମତ ଦେଇ ନାହାନ୍ତି ।

